

ପ୍ରୀତିସ୍ମିତାଙ୍କ ବିଶ୍ୱ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-120 •MONDAY •27 OCTOBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୨୦ •ସୋମବାର •୨୭ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ମାଡ଼ିଆସୁଛି 'ମୋନ୍ଥା'

## ସମୁଦ୍ରରେ ବଳ ଗୋଟାଇ ବାତ୍ୟାର ରୂପ ନେଉଛି ଗଭୀର ଅବପାତ


**୨୮ ତାରିଖ ରାତିରେ ଛୁଇଁବ ଭୂଭାଗ**

**ଓଡ଼ିଶା ଉପରେ ବାତ୍ୟା ପ୍ରଭାବ ରୋକିବ ପୂର୍ବଘାଟ ପର୍ବତମାଳା**

**ରାଜ୍ୟରେ କମ୍ ପବନ; ଅଧିକ ବର୍ଷା, ଦକ୍ଷିଣକୁ ଭୂସ୍ଖଳନ ବିପଦ**

■ **ଭୁବନେଶ୍ୱର, ୨୬।୧୦ (ସମିସ):** ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତରେ ପରିଣତ ହୋଇ ରବିବାର ମଧ୍ୟରାତ୍ରରେ ସାମୁଦ୍ରିକ ଝଡ଼ର ରୂପ ନେଇଛି। 'ମୋନ୍ଥା' ନାମରେ ନାମିତ ଏହି ବାତ୍ୟା ସମୁଦ୍ରରୁ ବଳ ଗୋଟାଇ କ୍ରମଶଃ ସ୍ଥଳ ଭାଗ ଆଡ଼କୁ ଅଗ୍ରସର ହେଉଛି। ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଭୀଷଣ ବାତ୍ୟାରେ ପରିଣତ ହେବ ଓ ମଧ୍ୟରାତ୍ର ସୁଦ୍ଧା ଆନ୍ଧ୍ରର କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡି ପକ୍ଷରୁ ଆକଳନ କରାଯାଇଛି।

ସ୍ଥଳଭାଗ ଛୁଇଁବା (ଲ୍ୟାଣ୍ଡଫଲ୍) ସମୟରେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କିମି ଓ ଏହାର ଝଟକା ୧୧୦ କିମି ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୨୮ ତାରିଖ ସନ୍ଧ୍ୟାରେ ବାତ୍ୟା ଆନ୍ଧ୍ରର କାକିନାଡ଼ା ପାଖରେ ଉପକୂଳ ଛୁଇଁବ। ସନ୍ଧ୍ୟା ୬ଟାରୁ ରାତି ୧୦ ଟା ମଧ୍ୟରେ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବ। ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ଆନ୍ଧ୍ର ଓ ସଂଲଗ୍ନ ଛତିଶଗଡ଼ରେ ପହଞ୍ଚି ଜଗଦଲପୁର ଓ ରାୟପୁରର ପଶ୍ଚିମ ଭାଗ ଦେଇ ଯାଇପାରେ। ▶ପୃଷ୍ଠା-୭



## ରେଡ୍ ଆଲର୍ଟରେ ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା

**୮ ଜିଲ୍ଲାକୁ ଗଲେ ୧୨୮ ଉଦ୍ଧାରକାରୀ ଦଳ**

**ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ**

**କଳାବଜାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୬।୧୦ (ସମିସ):** ବାତ୍ୟାରେ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାକୁ ରେଡ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଅବଶିଷ୍ଟ ୨୨ଟି ଜିଲ୍ଲାରେ ବାତ୍ୟା ପ୍ରଭାବରେ ବର୍ଷାର ସମ୍ଭାବନା ରହିଛି। ତେଣୁ ଏହାର ମୁକାବିଲା ପାଇଁ ସମସ୍ତ ବିଭାଗ ସହ ଆଲୋଚନା କରାଯାଇ ସବୁ ପ୍ରକାର ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରବିବାର ମନ୍ତ୍ରୀ ଶ୍ରୀ ପୂଜାରୀ ଏବଂ ଏସ୍‌ଆର୍‌ସି ଡିକେ ସିଂହଙ୍କ ଉପସ୍ଥିତିରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ▶ପୃଷ୍ଠା-୭

## ଆନ୍ଧ୍ରକୁ ଗଲେ ୩ ଏନ୍‌ଡିଆର୍‌ଏଫ୍ ଟିମ୍

■ **ଭୁବନେଶ୍ୱର, ୨୬।୧୦ (ସମିସ):** ବାତ୍ୟା 'ମନ୍ଥା'ର ମୁକାବିଲା ପାଇଁ ଓଡ଼ିଶାରୁ ଏନ୍‌ଡିଆର୍‌ଏଫ୍‌ର ୩ଟି ଟିମ୍ ସମସ୍ତ ସରଞ୍ଜାମ ସହିତ ଆନ୍ଧ୍ର ପ୍ରଦେଶ ଯାଇଛି। ଗୋଟିଏ ଟିମ୍ ଶ୍ରୀକାକୁଲମ୍ ଜିଲ୍ଲା ଓ ଦୁଇଟି ଟିମ୍ ଭାଇଜାଗ୍ ଗସ୍ତ କରିଛନ୍ତି। ପ୍ରତି ଟିମ୍‌ରେ ୩ ଜଣ ଅଫିସର ଓ ୩୨ ଜଣ ଯବାନ ରହିଛନ୍ତି। ଏନ୍‌ଡିଆର୍‌ଏଫ୍‌ର ୧୮ଟି ଟିମ୍‌ରୁ ୧୫ଟି ଟିମ୍ ଏବେ ମୁଣ୍ଡଳୀରେ ଅଛନ୍ତି। ବାତ୍ୟାର ଗତିବିଧି ଦେଖି ଏହି ଟିମ୍‌କୁ ମୁତୟନ କରାଯିବ ବୋଲି ଏନ୍‌ଡିଆର୍‌ଏଫ ପକ୍ଷରୁ କୁହାଯାଇଛି।

ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗକୁ ଆଲର୍ଟରେ ରଖାଯାଇଥିବା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। କଟର୍ ମେସିନ୍, ଲାଇଟ୍ ଏବଂ ଅନ୍ୟାନ୍ୟ ▶ପୃଷ୍ଠା-୭

**ଶିଶୁଙ୍କୁ ଦିଆଯାଇଥିଲା ସଂକ୍ରମିତ ରକ୍ତ**

## ୫ ଶିଶୁ ଏଚ୍‌ଆଇଭି ପଜିଟିଭ୍

■ **ରାଞ୍ଚି, ୨୬।୧୦ (ଏଜେନ୍ସି):** ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ୍ ଜିଲ୍ଲାରେ ଡାକ୍ତର ତଥା ମେଡିକାଲ ଷ୍ଟାଫ୍‌ଙ୍କ ଅବହେଳା କାରଣରୁ ବଡ଼ ଧରଣର ଅଘଟଣ ହୋଇଛି। ଚାଇବାସାର ସରକାରୀ ହସ୍ପିଟାଲରେ ରକ୍ତ ଦେବା ପରେ ୫ ଜଣ ଶିଶୁ ଏଚ୍‌ଆଇଭି ସଂକ୍ରମିତ ହେବାଭଳି ଘଟଣା ସାମ୍ନାକୁ ଆସିଛି। ଏମାନଙ୍କ ମଧ୍ୟରେ ୭ ବର୍ଷର ଥାଲାସେମିଆ ରୋଗରେ ପୀଡିତ ଜଣେ ଶିଶୁ ସାମିଲ ରହିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗରେ ହଇଚଇ ସୃଷ୍ଟି କରିଛି ଓ ସାରା ରାଜ୍ୟରେ ଆତଙ୍କ ଖେଳିଯାଇଛି। ଏହି ଘଟଣା ଯାଞ୍ଚ ପାଇଁ ରାଞ୍ଚିରୁ ଏକ ମେଡିକାଲ ଟିମ୍ ଚାଇବସା ଯାତ୍ରା କରିଛି। ଏଥିସହ ଝାଡଖଣ୍ଡ ହାଇକୋର୍ଟ ଏହି ମାମଲାରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସିଭିଲ ସର୍ଜନଙ୍କଠାରୁ ଜବାବ ତଲବ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଏହି ମାମଲା ଶୁକ୍ରବାର ସାମ୍ନାକୁ ଆସିଥିଲା। ଥାଲାସେମିଆରେ ପୀଡିତ ଜଣେ ଶିଶୁଙ୍କ ପରିବାର ଚାଇବାସା ସଦର ହସ୍ପିଟାଲ ବ୍ଲଡ ବ୍ୟାଙ୍କ୍ ତାଙ୍କ ପିଲାକୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ହେବା ମାତ୍ରେ ହିଁ ଯାଞ୍ଚ ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଦିନେଶ ▶ପୃଷ୍ଠା-୭

## ନୟାଗଡ଼ ଉପକାରାଗାରରେ ଗୋଷ୍ଠୀ ସଂଘର୍ଷ

**ଚିଫ୍ ୱାର୍ଡରଙ୍କ ସମେତ ୩ କର୍ମଚାରୀଙ୍କୁ ବି ଛେଚିଲେ**

**ପରସ୍ପର ହାତାହାତିରେ ଅନେକ କଏଦୀ ଆହତ**

**୩୫ କଏଦୀଙ୍କ ନାଁରେ ମାମଲା**

■ **ନୟାଗଡ଼, ୨୬।୧୦ (ସମିସ):** ନୟାଗଡ଼ ଉପକାରାଗାରରେ ଗୋଷ୍ଠୀ ସଂଘର୍ଷ। ବିଭିନ୍ନ କାରଣକୁ ନେଇ କଏଦୀଙ୍କ ମଧ୍ୟରେ ରହିଥିବା ପୁଞ୍ଜିଭୂତ ଅସନ୍ତୋଷ ଆଜି ବିସ୍ଫୋରକ ରୂପ ନେଇଛି। ଦୁଇ କଏଦୀ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିବା ସହ ଜେଲ୍ କର୍ମଚାରୀଙ୍କୁ ମଧ୍ୟ ମାଡ଼ ମାରିଛନ୍ତି। ଏଥିରେ ଅନେକ କଏଦୀ ଓ କର୍ମଚାରୀ ଆହତ ହୋଇଛନ୍ତି। ଜେଲର୍ ବାବୁଲି ନାୟକଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ୩୫ଜଣ କଏଦୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କଏଦୀ ବିଷ୍ଣୁପ୍ରସାଦ ସାହୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନାମରେ ଠକେଇ ଅଭିଯୋଗରେ ଗିରଫ ମେଲାମ୍ବ ଗ୍ରାମର ମାନସ ଏଭଳି ପରିସ୍ଥିତି ସୃଷ୍ଟି କରାଇବା ପାଇଁ ଷଡ଼ଯନ୍ତ୍ର ରଚିଥିବା ସୂଚନା ମିଳିଛି। ଉପକାରାଗାରରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଭୟ ପୁଲିସ ଓ ଜେଲ୍ କର୍ତ୍ତୃପକ୍ଷ ▶ପୃଷ୍ଠା-୭


କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତାକାଂକ୍ଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ





ମୋ ପଲିସି ମୋ ହାତରେ
• 2025 ମସିହାର ଖରିଫ ଫସଲ ବୀମା ପଲିସି ପାଆନ୍ତୁ
• ଆଗାମୀ ରବି ଋତୁରେ ମଧ ଫସଲ ବୀମା ନିଶ୍ଚୟ କରାନ୍ତୁ

ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ୨ ବର୍ଷର ସଫଳତା
• 82+ କୋଟିରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ କରାଯାଇଛି
• ₹1.93+ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଦାବି ଗ୍ରହଣ କରାଯାଇଛି, ସେଥିରୁ ₹1.89+ ଲକ୍ଷ କୋଟିରୁ ଅଧିକ କୃଷକମାନଙ୍କୁ ପୈଠ କରାଯାଇଛି
• 23+ କୋଟିରୁ ଅଧିକ କୃଷକଙ୍କର ଆବେଦନ ବାବଦକୁ ଫସଲ ବୀମାର ଲାଭ ମିଳିଛି
• ରାଷ୍ଟ୍ରୀୟ ଫସଲ ବୀମା ପୋର୍ଟାଲ ଦ୍ୱାରା ସ୍ୱଚ୍ଛ ଏବଂ ତ୍ୱରିତ ଦାବି ପୈଠ

ଦେଶବ୍ୟାପୀ ହେଲ୍ପଲାଇନ୍ 14447

ମୋ ପଲିସି ମୋ ହାତରେ
ମହା ଅଭିଯାନ
1 ଅକ୍ଟୋବରରୁ 31 ଅକ୍ଟୋବର, 2025

ଆପଣଙ୍କ ଗ୍ରାମରେ ଆୟୋଜିତ ଶିବିର ଏବଂ ଫସଲ ବୀମା ପାଠଶାଳାକୁ ନିଶ୍ଚୟ ଯାଆନ୍ତୁ
• ଆପଣଙ୍କ ଫସଲ ବୀମା ପଲିସି ପାଆନ୍ତୁ
• ଫସଲ ହାନି ବିଷୟରେ ସୂଚନା ପ୍ରଦାନ କରିବାର ପ୍ରକ୍ରିୟା, ଦାବି ଏବଂ ଅଭିଯୋଗ ପ୍ରକ୍ରିୟାକରଣ ବ୍ୟବସ୍ଥା ବିଷୟରେ ଜାଣନ୍ତୁ
• ଏହା ସହିତ ଆଗାମୀ ରବି ଋତୁ ପାଇଁ ଫସଲ ବୀମା କରାଇବାର ସମ୍ପୂର୍ଣ୍ଣ ପ୍ରକ୍ରିୟା ଓ ମାର୍ଗଦର୍ଶନ ଲାଭ କରନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ବୀମା ଅଂଶୀଦାରୀ AIC | Chola MS | ICICI Lombard | Kshema | Oriental Insurance | Reliance General Insurance | SBI general | Universal Sompo General Insurance

ଯୋଜନା ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ
ନିକଟତମ କୃଷି ବିଭାଗ କାର୍ଯ୍ୟାଳୟ | ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା
@PMFBY
ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

ସକାଳ
THE SAKALA



## 'ବସୁନ୍ଧରା'ରେ ସ୍ୱପ୍ନ; ଆମେରିକାରେ ବାସ୍ତବ ରୂପ

# ୨୧ ବର୍ଷ ପରେ ଜନ୍ମମାଟିରେ ପାଦ ରଖିବେ ସୁନା ଝିଅ 'ସୁଧନ୍ୟା'



୧୯୯୪ ମସିହାର କଥା। ୨ମାସର ଝିଅକୁ ବେସାହାରା କରି 'ବସୁନ୍ଧରା' ଦୁଆରେ ଛାଡ଼ି ପଳାଇଲା ଜନ୍ମ କଲା ମା'। କିନ୍ତୁ, ଅନ୍ୟ ବେସାହାରା ପିଲାଙ୍କ ପରି ବସୁନ୍ଧରା ତାକୁ କୋଳେଇ ନେଲା। ସେଇ କଅଁଳ ଶିଶୁର ଦରୋଟି ଓଠର ହସ, ନିରୀହ ଆଖିର ନଜର, କଅଁଳ ପାଦର ସ୍ପର୍ଶ ଆଉ ଅବୋଧ କୁଆଁକୁଆଁ ଡାକରେ ବସୁନ୍ଧରା'ର ବିସ୍ତୀର୍ଣ୍ଣ ଅଗଣା ପୂରି ଉଠିଥିଲା। ନିଜ ପଣତକାନିରେ ଢାଙ୍କି ବସୁନ୍ଧରାର ଶୈଳ ଅପା ତାକୁ ୫ବର୍ଷ ଯାଏଁ ମା'ର ଅନାବିଳ ଆବେଗ ଓ ମମତା ଅଜାଡ଼ି ଦେଇଥିଲେ। କିନ୍ତୁ, ୧୯୯୯ ମସିହାରେ ତା'ର ଭାଗ୍ୟ ବଦଳିଗଲା। ଆମେରିକାର ଏକ ଦମ୍ପତି ଆସି ୫ବର୍ଷର ସେହି ଶିଶୁକନ୍ୟା ସୁଧନ୍ୟାକୁ କୋଳେଇ ନେଇ ସାଥିରେ ଆମେରିକା ନେଇଯାଇଥିଲେ। ଏହା ଭିତରେ ୨୧ ବର୍ଷ ବିତିଯାଇଛି। ସେଦିନର ବସୁନ୍ଧରାର ସୁନା ଝିଅ ପାଲଟିଥିବା ସୁଧନ୍ୟା ଆଜି ଫେରିଛି 'ସୁଡ଼ି' ହୋଇ। ଭାରତୀୟ ବଂଶୋଦ୍ଭବ ଡଃ ହର୍ଷଙ୍କ ହାତ ଧରିଛି। ବିଦେଶରେ ରହିଥିଲେ ବି ଭୁଲି ପାରିନି ନିଜ ଜନ୍ମମାଟି ଓଡ଼ିଶାକୁ। ପ୍ରଥମଥର ପାଇଁ ବାହାଘରର ଭୋଜି ଦେବା ପାଇଁ ବସୁନ୍ଧରାକୁ ଆସୁଛନ୍ତି ନବଦମ୍ପତି। ଏଭଳି ଘଟଣା ଯଦିଓ ପୂର୍ବରୁ ଘଟିଛି, ତଥାପି କଟକ ଦେଖିବ ଭିନ୍ନ ଏକ ଅନାବିଳ ସ୍ନେହର ଜୀବନ୍ତ ଉଦାହରଣ....

କଟକ, ୨୬।୧୦(ସମିସ): ବସୁନ୍ଧରାରୁ ସୁନା ଝିଅ ସୁଧନ୍ୟା ୧୯୯୯ ମସିହାରେ ଆମେରିକା ଚାଲି ଯାଇଥିଲା। ସରକାରୀ ନିୟମ ଅନୁସାରେ ଜିଲ୍ଲା ପ୍ରଶାସନ ଓ ବସୁନ୍ଧରା କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ଆମେରିକାର ଦମ୍ପତି ନିଜର ଝିଅ ଭାବେ ସୁଧନ୍ୟାକୁ ଗ୍ରହଣ କରି ନେଇଥିଲେ। ସେଠାରେ ଏକ ଆର୍ଥିକ ସ୍ୱଚ୍ଛଳ ଏବଂ ଉଚ୍ଚ ଶିକ୍ଷିତ ବିଦେଶୀ ପରିବାରରେ ରହି ସୁନା ଝିଅ ଶିକ୍ଷା ଗ୍ରହଣ ଆରମ୍ଭ କରିଥିଲା। ଇଂରାଜୀରେ ସ୍କୁଲ ଶିକ୍ଷା ପରେ ଉଚ୍ଚ ଶିକ୍ଷା ଲାଭ କରିଥିଲା। ପିତା-ମାତାଛେଉଣ୍ଡ ସୁଧନ୍ୟା ଈଶ୍ୱରଙ୍କ କୃପାରୁ ନିଜ ବାପା ଓ ମା'ଙ୍କୁ ପାଇଥିଲା। ପାରିବାରିକ ସ୍ନେହ, ସାମାଜିକ ପ୍ରତିଷ୍ଠା, ଆର୍ଥିକ ସ୍ୱଚ୍ଛଳତା ଏବଂ ଲାଳନପାଳନର ଆକାଶଛୁଆଁ ଆବେଗ ତା' ଜୀବନକୁ ସରସ, ସୁନ୍ଦର କରିଥିଲା। ଅତ୍ୟାଧୁନିକ ଛାତ ତଳେ ଆଧୁନିକତାର ଜୀବନଶୈଳୀ ଭିତରେ ସୁଧନ୍ୟା 'ସୁଡ଼ି' ହୋଇ ସାରିଥିଲା। ଓଡ଼ିଆ ଭାଷା ଯଦିଓ ସେ ଉଚ୍ଚାରଣ କରୁଥିଲା, ହେଲେ ଇଂରାଜୀ ତା'ର ମାତୃଭାଷା ପାଲଟି ଯାଇଥିଲା। ଭଲରେ ଓଡ଼ିଆ କହି ପାରୁନଥିଲା ସତ କିନ୍ତୁ ନିଜ ଜନ୍ମ ମାଟିର ଆବଲିତାକୁ କେମିତି ବା ଭୁଲିବ?

- ଡଃ ହର୍ଷଙ୍କ ହାତ ଧରି ଫେରୁଛନ୍ତି ସୁଡ଼ି
- କଟକ ଦେଖିବ ଅନାବିଳ ସ୍ନେହର ଜୀବନ୍ତ ଉଦାହରଣ
- ବିଦେଶରେ ବାହାଘର: ବସୁନ୍ଧରାରେ ଭୋଜିଭାତ

ସୁଧନ୍ୟାକୁ(ସୁଡ଼ି ନାମରେ ପରିଚିତା) ପୋଷ୍ୟକନ୍ୟା ଭାବେ ଆଦରି ନେଇଥିବା ଆମେରିକୀୟ ଦମ୍ପତି ତା'ର ବାହାଘର ସ୍ଥିର କରିଥିଲେ। ଭାରତୀୟ ବଂଶୋଦ୍ଭବ ଡଃ ହର୍ଷ ସହିତ ସୁଡ଼ିର ବାହାଘର କରାଇଥିଲେ। ଏହି ବାହାଘରରେ ସୁଡ଼ିର ଓଡ଼ିଶାରେ ଥିବା ବସୁନ୍ଧରାର କୌଣସି ସମ୍ପର୍କୀୟ ଯୋଗ ଦେଇପାରିନଥିଲେ। ଆଜି ସେ ବସୁନ୍ଧରାରେ ପହଞ୍ଚିବ। ଏଠାରେ ଭୋଜି ଭାତର ବ୍ୟବସ୍ଥା ହୋଇଛି। ତାକୁ ୨ ମାସରୁ ୫ବର୍ଷ ପର୍ଯ୍ୟନ୍ତ ବଡ଼ କରିଥିବା ବସୁନ୍ଧାରର ସମ୍ପାଦିକା ଶୈଳ ବେହେରା (ଶୈଳ ଅପା)ଙ୍କ ସହ ଅନ୍ୟ ସହଯୋଗୀ ଓ ବନ୍ଧୁମାନେ ଚାହିଁ ବସିଛନ୍ତି। ଗୁରୁଜନଙ୍କ ଆର୍ଶୀବାଦ ନେଇ ସେ ପୁଣି ଆମେରିକା ଫେରିଯିବ।

ବସୁନ୍ଧରାରେ ନିଜ ବାପା ଓ ମା'ର ପରିଚୟ ନପାଇ ଜୀବନ ଅତିବାହିତ କରୁଥିବା ଅସହାୟ ଝିଅଙ୍କ କ୍ଷେତ୍ରରେ ଯଦି ଏଭଳି ପରିବର୍ତ୍ତନ ଘଟେ, ତେବେ ତାହା ଈଶ୍ୱରଙ୍କ ଆର୍ଶୀବାଦ ଯୋଗୁଁ ସମ୍ଭବ ହୋଇପାରେ। ସୁଡ଼ିଙ୍କ କ୍ଷେତ୍ରରେ ଏଭଳି ପରିବର୍ତ୍ତନକୁ ଶୁଣି ଯେ କେହିବି ଆଶ୍ଚର୍ଯ୍ୟ ହେଉଛି। ବସୁନ୍ଧରା ପକ୍ଷରୁ ନିମନ୍ତ୍ରଣପତ୍ର ଛପାଯାଇଛି। ସଭାପତି ଡଃ ଯୋଗମାୟା ପଟ୍ଟନାୟକ ଏବଂ ବସୁନ୍ଧରା ପରିବାର ପକ୍ଷରୁ ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଛି। ଅନ୍ୟପଟେ ପୂର୍ବରୁ ବସୁନ୍ଧରାରୁ ଏକାଧିକ ଅସହାୟ ଝିଅମାନେ ବିଦେଶକୁ ଯାଇଛନ୍ତି ଏବଂ ସେଠାରେ ରହି ପ୍ରତିଷ୍ଠିତ ହୋଇଛନ୍ତି, କିନ୍ତୁ ସୁଡ଼ିଙ୍କ କାହାଣୀ ସେମାନଙ୍କଠାରୁ ନିଆରା। ସୁଡ଼ି ବିଦେଶରେ ରହି ଶିକ୍ଷାଦାନ କରିବା ପରେ ବାହା ହୋଇ ଭୋଜି ଦେବା ପାଇଁ, କଟକ ବିଡ଼ାନାସୀସ୍ଥିତ ବସୁନ୍ଧରାକୁ ଫେରୁଛି। ଏଭଳି ନିଛକ ଓ ସ୍ୱତନ୍ତ୍ର ପ୍ରସଙ୍ଗକୁ ଯିଏ ଶୁଣୁଛି, ତା' ଆଖି ଲୁହରେ ଛଳଛଳ ହେବା ସ୍ୱାଭାବିକ।

## ୨ବର୍ଷର ଝିଅକୁ ଅପହରଣ କରିନେଲା ମଉସା

ବ୍ରହ୍ମପୁର, ୨୬।୧୦ (ସମିସ): ୨ବର୍ଷର ଶିଶୁକନ୍ୟାକୁ ଅପହରଣ କରି ଦେଢ଼ ଲକ୍ଷ ଟଙ୍କା ଦାବି କରିବା ଅଭିଯୋଗରେ ବ୍ରହ୍ମପୁର ପୁଲିସ ଶିଶୁକନ୍ୟାର ମଉସାକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ବିଶାଲ ବାବନ ମୋହିତେ। ବ୍ରହ୍ମପୁର ପୁଲିସ ଅଭିଯୋଗ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଶିଶୁକନ୍ୟାକୁ ପୂର୍ବ ମେନିଦିପୁର ଅଞ୍ଚଳରୁ ଶିଶୁକନ୍ୟାକୁ ଠାବ କରିବା ସହ ବିଶାଲକୁ ଗିରଫ କରିଛି।

ସୂଚନାନୁଯାୟୀ, ଗତ ୨୧ ତାରିଖ ଦିନ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀ ଗାଁର ଶରତ ପାତ୍ର ଓ

### ବ୍ରହ୍ମପୁରରୁ ଅପହୃତ, ପଶ୍ଚିମବଙ୍ଗରୁ ଉଦ୍ଧାର

ପତ୍ନୀ ହିମାନି ମନ୍ତ୍ରୀ ନିଜ ଦୁଇବର୍ଷର ଶିଶୁକନ୍ୟା ଅନିଫା ପାତ୍ରଙ୍କ ସହ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ଆସିଥିଲେ। ହିମାନିଙ୍କ ସହ ତାଙ୍କ ଭଉଣୀ ଦିବାନୀ ଓ ତାଙ୍କ ସ୍ୱାମୀ ବିଶାଲ ବାବନ ମୋହିତେ ମଧ୍ୟ ବ୍ରହ୍ମପୁର ଆସିଥିଲେ। ସମସ୍ତେ ହସ୍ପିଟାଲ ପାଖ ଏକ ଲଜ୍‌ରେ ରହୁଥିଲେ। ତେବେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଝଗଡ଼ା ହେବାରୁ ଅନିଫାଙ୍କୁ ଅପହରଣ କରିନେଇଥିଲା ବିଶାଲ। ପରେ ସେ ହିମାନିଙ୍କୁ ଫୋନ୍ କରି ଅନିଫାଙ୍କ ମୁକ୍ତି ପାଇଁ ୧.୫ ଲକ୍ଷ ଟଙ୍କା ଦାବି କରିଥିଲା। ତେବେ ୨୩ ତାରିଖ ରାତିରେ ହିମାନି ଏ ସଂପର୍କରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।

ଏସ୍‌ଆଇ ପ୍ରିୟଙ୍କା ସାହୁ, ଏଏସଆଇ ଅନନ୍ତ ନାରାୟଣ ନାୟକ, ହାବିଲଦାର ନାରାୟଣ ମହାପାତ୍ର, ହୋମଗାର୍ଡ ଅନୀଲ ସାହୁ ଓ ମନୋଜ କୁମାର ସାମନ୍ତରାଙ୍କୁ ନେଇ ପୁଲିସ ୫ଜଣିଆ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ମୋବାଇଲ ଟ୍ରାକିଂରୁ ପୁଲିସ ଜାଣିବାକୁ



ପାଇଥିଲା ଯେ ଅନିଫାକୁ ଧରି ବିଶାଲ ଘୂରି ବୁଲୁଛି। ପୁରୀ, ଭୁବନେଶ୍ୱର ପରେ ସେ ପଶ୍ଚିମବଙ୍ଗ ଚାଲିଯାଇଥିବା ଜଣାପଡ଼ିଥିଲା। ତେବେ ବିଶାଲ ପୂର୍ବ ମେଦିନିପୁର ଇଲାକାରେ ଲୁଚିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଏସପି ସୌମ୍ୟଦୀପ ଭଟ୍ଟାଚାର୍ଯ୍ୟ ଓ ଅତିରିକ୍ତ ଏସପି ନିଖିଲ ଅଗ୍ରୱାଲଙ୍କ ସହାୟତାରେ ବ୍ରହ୍ମପୁର ପୁଲିସ ଟିମ ତାକୁ ସେଠାରୁ ଗିରଫ କରିଥିଲା। ଏହାସହ ତା' କବଳରୁ ଅପହୃତା ଅନିଫାଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ

### ଇଣ୍ଡିଆ ମେରିଟାଇମ୍ ସପ୍ତାହ ୨୦୨୫ରେ କରିବେ ଅଂଶଗ୍ରହଣ

ଭୁବନେଶ୍ୱର,୨୬।୧୦(ସମିସ): ଆସନ୍ତାକାଲି ଅର୍ଥାତ୍ ୨୭ ତାରିଖରୁ ୩୧ ତାରିଖ ଯାଏଁ ମୁମ୍ବାଇରେ ଇଣ୍ଡିଆ ମେରିଟାଇମ୍ ସପ୍ତାହ ୨୦୨୫ ଅନୁଷ୍ଠିତ ହେବ। ଏହାର ଉଦ୍‌ଘାଟନୀ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ମୁମ୍ବାଇ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଧିବେଶନ ସମାପ୍ତ ପରେ ମୁଖ୍ୟମନ୍ତ୍ରୀ ଅପରାହ୍ନରେ ରାଜ୍ୟର ବନ୍ଦର ଆଧାରିତ ବିନିଯୋଗ ସୁଯୋଗ ଏବଂ ସାମୁଦ୍ରିକ ବନ୍ଦର ମାଧ୍ୟମରେ ରପ୍ତାନୀ ସମ୍ଭାବନା ଉପରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ଅଂଶଗ୍ରହଣ କରିବେ। ମେରିଟାଇମ୍ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ମୁମ୍ବାଇ ପହଞ୍ଚି ସାରିଛନ୍ତି।

ଇଣ୍ଡିଆ ମେରିଟାଇମ୍ ସପ୍ତାହ ହେଉଛି ଏକ ପ୍ରମୁଖ ଜାତୀୟ ଏବଂ ଆନ୍ତର୍ଜାତୀୟ ଉତ୍ସବ, ଯେଉଁଥିରେ ଶିଳ୍ପ ବିଶେଷଜ୍ଞ ଏବଂ ନିବେଶକ ଏକତ୍ରିତ ହୋଇ ସାମୁଦ୍ରିକ ଭିତ୍ତିଭୂମି, ବନ୍ଦର ବିକାଶ ଏବଂ ନୀଳ ଅର୍ଥନୀତିରେ ଅଗ୍ରଗତି ଓ ସୁଯୋଗ ଉପରେ ଆଲୋଚନା କରିଥା'ନ୍ତି। ଏହି ସମ୍ମିଳନୀ ଭାରତର ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ଏବଂ ନୂତନତ୍ୱକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟ ରଖିଛି।

## ମହଙ୍ଗା ପଡ଼ିଲା ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ
# ଟାଙ୍ଗୀ ଥାନାଧିକାରୀ ନିଲମ୍ବିତ

ଭୁବନେଶ୍ୱର,୨୬।୧୦(ସମିସ): ଥାନା ଭିତରେ ଜଣେ ଯୁବକଙ୍କୁ 'ଥାର୍ଡ ଡିଗ୍ରୀ' ଦେବା କଟକ ଜିଲ୍ଲା ଟାଙ୍ଗୀ ଥାନା ଆଇଆଇସିଙ୍କ ପାଇଁ ମହଙ୍ଗା ପଡ଼ିଛି। ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଥାନା ଅଧିକାରୀ ଦେବୀପ୍ରସାଦ ଭଦ୍ରାଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶଯୋଗ୍ୟ, ଟାଙ୍ଗୀ ଥାନା ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ନେଳିଆସ୍ଥିତ ନାଣ୍ଟୁଆ ଗ୍ରାମର ସଂପୃକ୍ତ ଯୁବକ ଅନ୍ୟ ଦୁଇ ଜଣଙ୍କ ସହିତ ମିଶି ଜମି କିଣାବିକା କରୁଥିଲେ। ଜମି କିଣାବିକା ଟଙ୍କା ବଣ୍ଟାକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ହେବା ପରେ ଟାଙ୍ଗୀ ଥାନା ପୁଲିସ ସଂପୃକ୍ତ ଯୁବକଙ୍କୁ ଗତ୨୨ ତାରିଖ ସକାଳେ ଥାନାକୁ ଉଠାଇ ଆଣିଥିଲା। ପରିବାର ଲୋକଙ୍କ ଅଭିଯୋଗ ମୁତାବକ ଥାନା କର୍ମଚାରୀ ପୀଡ଼ିତଙ୍କ ଘରକୁ ଆସି ଅପରାଧୀ ଭଳି ସେମାନଙ୍କୁ ବ୍ୟବହାର କରିଥିଲେ। ତାଙ୍କ ବେକ ଧରି ଟାଣି ଟାଣି ନେବାକୁ ଉଦ୍ୟମ କରିଥିଲେ। ଗାଁ ଲୋକ ବିରୋଧ କରିବାରୁ ସେମାନଙ୍କୁ ବାଇକରେ ଥାନାକୁ ଆସିବା ପାଇଁ ସାଦା ପୋଷାକରେ ଆସିଥିବା ପୁଲିସ ବାବୁ କହିଥିଲେ। ଥାନାରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଗାଳିଗୁଲଜ କରାଯାଇଥିଲା। ଅନ୍ୟ ଦୁଇ ଜମି ଦଲାଲଙ୍କ କଥା ଅନୁଯାୟୀ ଜମି ବିକ୍ରି କରି ଦେବାକୁ ଚାପ ପକାଯାଇଥିଲା। ତାଙ୍କୁ ଗୋଟିଏ ଜାଗାରେ ନେଇ ବିନା ଫ୍ୟାନରେ ବସାଇ ଦିଆଯାଇଥିଲା। ପରେ ଜଣେ ସ୍ଥାନୀୟ ଲୋକ ପ୍ରତିନିଧି ଓ ତାଙ୍କର କିଛି ସମର୍ଥକ ଥାନାରେ ପହଞ୍ଚି ତାଙ୍କୁ ପୁଲିସ ଉପସ୍ଥିତିରେ ହତ୍ୟା ଧମକ ଦେଇଥିଲେ। ଏଭଳି ମାନସିକ ନିର୍ଯାତନାରେ ଥାନାରେ ଅଟକ ଥିବା ବ୍ୟକ୍ତି ଗତକାଲି ସନ୍ଧ୍ୟାରେ ମସ୍ତିଷ୍କାଘାତର ଶିକାର ହୋଇଥିଲେ। ତାଙ୍କ ମୁହଁ ବଙ୍କା ହୋଇଯାଇଥିଲା। ଏଭଳି ସ୍ଥିତି ଦେଖି ପୁଲିସ ପରିବାର ଲୋକଙ୍କୁ ଡକାଇବା ସହିତ ପ୍ରଥମେ ଟାଙ୍ଗୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ତେବେ ଜମି ଦଲାଲଙ୍କ କଥାରେ ପଡ଼ି ପୁଲିସ ଥାନା ଭିତରେ ଯୁବକଙ୍କୁ ଥାଡର୍ ଡିଗ୍ରୀ ଦେଇଥିବା ଅଭିଯୋଗ ହେବା ପରେ ଆଇଆଇସିଙ୍କ ବିରୋଧରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

## ଅସ୍ତ୍ରଶସ୍ତ୍ର ସହ ୨୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୧୦ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର୍‌ଠାରେ ଆଜି ଅସ୍ତ୍ରଶସ୍ତ୍ର ସହ ୨୧ଜଣ ମାଓବାଦୀ ଆତ୍ମସମର୍ପଣ



କରିଛନ୍ତି। ସେମାନଙ୍କ ମଧ୍ୟରେ ୧୩ ମହିଳା ଓ ୮ ପୁରୁଷ ରହିଛନ୍ତି। ଡିଭିଜନ୍ କମିଟି ସଚିବ ମୁକେଶଙ୍କ ସମେତ ଆଠ ଜଣ ଦଳୀୟ ସଦସ୍ୟ ରହିଛନ୍ତି। ସେହିପରି ୪ ଜଣ ଡିଭିସିଏମ୍ କ୍ୟାଡର୍ ମାଓ ସଦସ୍ୟ ରହିଥିବା ବେଳେ ୯ଜଣ ଏରିଆ କମିଟି ସଦସ୍ୟ ରହିଛନ୍ତି। ଏମାନେ କେଶକାଲ ଡିଭିଜନ ସହିତ ଜଡ଼ିତ ଥିଲେ। ଏହି ଆତ୍ମସମର୍ପଣ ପଛରେ ମହିଳା କ୍ୟାଡର୍ ମାଓବାଦୀଙ୍କ ପ୍ରମୁଖ ଭୂମିକା ରହିଥିବା କୁହାଯାଉଛି। ସେମାନଙ୍କଠାରୁ ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ୩ଟି ଏ.କେ-

### ଏ.କେ-୪୭ ସମେତ ମାରାତ୍ମକ ଅସ୍ତ୍ରଶସ୍ତ୍ର ଜବତ

୪୭ ରାଇଫଲ୍, ୪ଟି ଏସଏଲଆର୍ ରାଇଫଲ, ୨ଟି ଇନସାସ୍ ରାଇଫଲ୍, ୬ଟି ୩୦୩ ରାଇଫଲ୍ସ, ଗୋଟିଏ ସିଙ୍ଗଲ୍ ରାଇଫଲ୍, ଗୋଟିଏ ବିଜିଏଲ୍ ଲଞ୍ଚର୍ ରହିଛି। ମାଓ ପ୍ରଭାବିତ ଅଞ୍ଚଳରେ ଶାନ୍ତି ଏବଂ ପୁନର୍ବାସ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି।

# ନୂଆପଡ଼ା ପାଇଁ ଡବଲ ଇଞ୍ଜିନ କିଛି କରିନାହିଁ: କଂଗ୍ରେସ

ଭୁବନେଶ୍ୱର,୨୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ସବୁଠୁ ଯୋଗ୍ୟ। ସେ ଜଣେ ଉଚ୍ଚ ଶିକ୍ଷିତ, ଆଇନଜୀବୀ ଓ ଆଦିବାସୀ ଶ୍ରେଣୀରୁ ଆସି ଲୋକଙ୍କ ପାଇଁ ସଂଗ୍ରାମ କରି ବିଗତ ଚାରିଥର ନିର୍ବାଚନ ଲଢ଼ିଛନ୍ତି। ପ୍ରତ୍ୟେକ ନିର୍ବାଚନରେ ତାଙ୍କ ଭୋଟ ସଂଖ୍ୟା ବୃଦ୍ଧି

### ଘାସିରାମ ଯୋଗ୍ୟତମ ପ୍ରାର୍ଥୀ, ବଢ଼ୁଛି କଂଗ୍ରେସ ଭୋଟ

ପାଇଛି ଓ ଗତ ନିର୍ବାଚନରେ ସ୍ୱାଧୀନ ଭାବରେ ଲଢେଇ କରି ସେ ୫୧ହଜାର ଭୋଟ ପାଇ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ। ଏଥିରୁ ତାଙ୍କ ଲୋକପ୍ରିୟତା ଅନୁମାନ କରାଯାଇ ପାରେ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ରବିବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ନୂଆପଡ଼ାରେ କଂଗ୍ରେସ ଭୋଟ ବଢିଚାଲିଛି। ନୂଆପଡାବାସୀ ନିଜ ଚେତନା ଅନୁଯାଇ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବେ। ସେଠାରେ ଯାହା କାମ ହୋଇଛି କଂଗ୍ରେସ ସମୟରେ ହିଁ ହୋଇଛି, ପଟୋରା, ତିଖାଲି ଡ୍ୟାମଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍‌କରଣ, ରାସ୍ତାଘାଟ ଏବଂ ଆଦିବାସୀଙ୍କ ଉନ୍ନତି



ନିମନ୍ତେ କାର୍ଯ୍ୟ କଂଗ୍ରେସ କରିଛି। ବିଜେପି ସରକାରକୁ ଆସିଲା ପରେ ଲୋକଙ୍କ ଆଶା ଥିଲା କିଛି ଉନ୍ନତି ହେବ ବୋଲି। କିନ୍ତୁ ଏଇ ସରକାର କେବଳ ପ୍ରତିଶୃତି ବାଣ୍ଟି ଚାଲିଛି।

ମନରେଗା କାର୍ଯ୍ୟକ୍ରମ ବଜେଟ ସରକାର ଅହେତୁକ କମାଇ ଦେଇଛନ୍ତି ଏବଂ ଯାହା ବି ଟଙ୍କା ଆସୁଛି ତାକୁ ମଧ୍ୟ ଖର୍ଚ୍ଚ କରିବାକୁ ସମର୍ଥ ନୁହନ୍ତି। ମନରେଗା କାମ ମିଳୁ ନ ଥିବାରୁ ଲୋକେ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ନୂଆପଡାବାସୀ ଯଦି ଡବଲ ଇଞ୍ଜନ ହେଉ କିମ୍ବା ୨୪ ବର୍ଷର ଶାସନ ଏବଂ କଂଗ୍ରେସ ସହିତ ତୁଳନା କରିବେ ତେବେ ନିଶ୍ଚୟ କଂଗ୍ରେସକୁ ଭୋଟ ଦେବେ ବୋଲି ଶ୍ରୀ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି। ବିଜେପି ବିଗତ ୧୬ ମାସ ହେଲା କିଛି ଭିତ୍ତି ପ୍ରସ୍ତର ସ୍ଥାପନ କରି କେବଳ ପ୍ରତିଶୃତି ଦେଇ ଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ନିର୍ବାଚନ ଆଚରଣ ବିଧି ଘୋଷଣାର ୧ ଘଣ୍ଟା ପୂର୍ବରୁ ଖରିଆର ରୋଡ୍‌କୁ ପୌର ପରିଷଦ ଘୋଷଣା ତାହାର ଉଦାହରଣ। ସୁଭଦ୍ରା ଶକ୍ତି ସମାବେଶ କରି ପୁଣି ଏକ ମିଥ୍ୟା ପ୍ରତିଶୃତି ଆୟୋଜନ ବିଜେପି କରୁଛି। ପୁଣି ସରକାରୀ ସମାବେଶ ବି ହେଉଛି। ସରକାରୀ କାର୍ଯ୍ୟକ୍ରମରେ ପଦ୍ମଫୁଲ ଚିହ୍ନ ବ୍ୟବହାର କରିବା ଅର୍ଥ ହେଉଛି ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲଂଘନ କରିବା। ଡବଲ ଇଞ୍ଜିନ ସରକାର ଅଛି କିନ୍ତୁ ଆଶ୍ଚର୍ଯ୍ୟର କଥା ଜିଲ୍ଲା ମୁଖ୍ୟାଳୟ ନୂଆପଡା ହୋଇଥିବାବେଳେ ଜିଲ୍ଲା ସଦର ମହକୁମାରେ ଦୂରଗାମୀ ଟ୍ରେନ ରହେ ନାହିଁ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା
# କର୍ପୋରେଟର୍ ଦୁର୍ଗାଙ୍କୁ ପୁଣି ପୁଲିସର ପଚରାଉଚରା

ବ୍ରହ୍ମପୁର, ୨୬।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ଉମା ବିଶୋୟୀ ଓ ସୁଟର୍ କୁରୁପତି ଭୂୟାଁ ଏଯାଏ ପୁଲିସର ଅପହଞ୍ଚ ହୋଇ ରହିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ପୁଲିସ ତନାଘନା ଜାରି ରଖିଥିଲେ ହେଁ ସେମାନଙ୍କ ସନ୍ଧାନ ପାଉନାହିଁ।

- ହତ୍ୟାକାରୀଙ୍କୁ ପୋଷାକ ଯୋଗାଇଥିବା ଯୁବକଙ୍କ ସମେତ ଅନ୍ୟ ଦୁଇଜଣଙ୍କୁ ଜେରା
- ମାଷ୍ଟରମାଇଣ୍ଡ ଉମା ଓ ସୁଟର୍ କୁରୁର ପତ୍ତା ପାଉନି ପୁଲିସ

ଚୋର-ପୁଲିସ ଖେଳ ଭଳି ଉଭୟଙ୍କ ନିକଟରେ ପୁଲିସ ପହଞ୍ଚିବା ପୂର୍ବରୁ ସେମାନେ ଫେରାର ହୋଇଯାଉଥିବା ଜଣାପଡ଼ିଛି। ସେପଟେ, ବ୍ରହ୍ମପୁର ପୁଲିସ ପକ୍ଷରୁ ସହରରେ ମଧ୍ୟ ନିୟମିତ ଭାବେ କିଛି ବ୍ୟକ୍ତିବିଶେଷଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ରବିବାର ୧୭ ନମ୍ବର ୱାର୍ଡ କର୍ପୋରେଟର୍ ଦୁର୍ଗା ଲାୟକଙ୍କ ସମେତ ମୋଟ ୪ଜଣଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଥିବା ସୂଚନା ଦେଇଛନ୍ତି ଏସପି ଡା. ସର୍ବଣା ବିବେକ ଏମ। ଘଟଣା ଦିନ ଏବଂ ତାହାପରେ ସେମାନଙ୍କର ଅବସ୍ଥିତି ସମ୍ପର୍କରେ ପୁଲିସ ପଚାରି ତଥ୍ୟ ହାସଲ କରିବାକୁ ଚେଷ୍ଟା କରିଛି।

ସେହିପରି ପୀତବାସଙ୍କ ହତ୍ୟାକାରୀଙ୍କୁ ପୋଷାକ ଯୋଗାଇଥିବା ଯୁବକଙ୍କ ସମ୍ପର୍କରେ ପୁଲିସକୁ ତଥ୍ୟ ମିଳିବା ପରେ ଗତ ରାତିରେ ବଙ୍କପଲ୍ଲୀରୁ ସମ୍ପୃକ୍ତ ଯୁବକଙ୍କୁ ଉଠାଇ ଆଣି ଥାନାରେ ଜେରା କରାଯାଉଥିବା ସୂଚନା ମିଳିଛି। ଫେରାର୍ ଉମା ବିଶୋୟୀ ଓ ଗିରଫ ଯୋଗେନ୍ଦ୍ର ରାଉତଙ୍କ କହିବାନୁସାରେ ସେ 'ଭି-୨' ମଲରୁ ସେ ପୋଷାକ କ୍ରୟ କରିଥିବା ଜେରା ସମୟରେ ଜଣାପଡିଛି। ଏହାପରେ ଅତିରିକ୍ତ ଏସପି ଆଲୋକ କୁମାର ଜେନା, ତଦନ୍ତକାରୀ ଅଧିକାରୀ ଟାଉନ ଏସଡିପିଓ ପ୍ରୀତିରଂଜନ ଛୋଟରାୟ, ଥାନା ଅଧିକାରୀ ସୁଚିତ୍ରା ପରିଡା ଓ ଅନ୍ୟ ପୁଲିସ କର୍ମଚାରୀମାନେ 'ଭି-୨' ମଲରେ ପହଞ୍ଚି ଉକ୍ତ ଦିନର ସିସିଟିଭି ଫୁଟେଜ ଯାଞ୍ଚ କରିଛନ୍ତି। ତେବେ ସମ୍ପୃକ୍ତ ଯୁବକ ଜଣକ କାହା ପାଇଁ ପୋଷାକ କିଣିଥିଲେ ସେ ନିଜେ ଜାଣିଥିଲେ କି ନାହିଁ ତାହା ଜେରା ପରେ ସ୍ପଷ୍ଟ ହେବ। ସେହିଭଳି ଜେରାର ସମ୍ମୁଖୀନ ହୋଇଥିବା ଅନ୍ୟ ୨ଜଣଙ୍କ ମଧ୍ୟରେ ହତ୍ୟାକାଣ୍ଡ ପରେ ଉଭୟ ଆତତାୟୀ ସମ୍ପୃକ୍ତ ଅଞ୍ଚଳରେ ଏକ ବେଟୁଲାର ରୁମରେ ରାତି ବିତାଇଥିବା ପୁଲିସକୁ ସୂଚନା ମିଳିଛି। ଉକ୍ତ ସୂଚନା ଆଧାରରେ ପୁଲିସ ବେଟୁଲାର ରୁମର ଜଣେ ଶେରଗଡ଼ ଓ ଅନ୍ୟଜଣେ କବିସୂର୍ଯ୍ୟନଗର ଅଞ୍ଚଳର ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି।

## ସ୍କୁଲ ଯିବାବେଳେ ନାବାଳିକାକୁ ଦୁଷ୍କର୍ମ

ଜମନକିରା, ୨୬।୧୦ (ସମିସ): ସ୍କୁଲ ଯିବା ବାଟରୁ ନାବାଳିକାକୁ ଟେକିନେଇ ଦୁଷ୍କର୍ମ। ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଞ୍ଚଳରେ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ସୂଚନାନୁଯାୟୀ, ଜମନକିରା ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକାଜଣଙ୍କ ଗତକାଲି ସକାଳେ ସ୍କୁଲ୍‌କୁ ଯାଉଥିଲା। ଏହି ସମୟରେ ଅମିର କୁରେଶୀ ନାମକ ଜଣେ ଯୁବକ ତାକୁ ବାଟରେ ଅଟକାଇଥିଲା। ଦେବଗଡ଼ ପଟକୁ ବୁଲିଯିବାକୁ କହି ଜୋର୍‌ଜବରଦସ୍ତ ତାକୁ ସାଙ୍ଗରେ ନେଇଯାଇଥିଲା। ସେଠାରେ ଏକ ନିଛାଟିଆ ଜାଗା ଦେଖି ସେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ନିଜ ମା'କୁ ଏ ସଂପର୍କରେ ଜଣାଇବା ପରେ ପରିବାରଲୋକ ଥାନାରେ ଏତଲା ଦେଇଥିଲେ।

### ■ କୁରାଢ଼ୀରେ ହାଣି ପତ୍ନୀକୁ ହତ୍ୟା ମାମଲା
## ୨୧ ଦିନ ପରେ ଏବିଡିଓ ସ୍ୱାମୀ ଗିରଫ

ହାଟଡ଼ିହୀ/ବନ୍ତ/ଆଗରପଡ଼ା,୨୬।୧୦ (ସମିସ): କୁରାଢ଼ୀରେ ହାଣି ପତ୍ନୀକୁ ହତ୍ୟା ଅଭିଯୋଗରେ ନନ୍ଦିପଦା ଥାନା ପୁଲିସ ଘଟଣାର ୨୧ ଦିନ ପରେ ଅଭିଯୁକ୍ତ ସ୍ୱାମୀ ଏବିଡିଓ ଦେବୀପ୍ରସାଦ ଜେନାଙ୍କୁ ଗିରଫ କରିଛି। ଶ୍ରୀ ଜେନା ବର୍ତ୍ତମାନ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ରେ



ଏବିଡିଓ ଭାବେ କାର୍ଯ୍ୟରତ। ତାଙ୍କ ଘର ନନ୍ଦିପଦା ଥାନା ଅଧୀନ ଡଅଁର ଗ୍ରାମରେ। ଶନିବାର ରାତିରେ ସେ ଭଦ୍ରକ ପଟୁ ଏକ ସାଇକେଲରେ ନିଜ ଗାଁ ଅଭିମୁଖେ ଯାଉଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଥିଲା।

## ଦେବଦାସ ଛୋଟରାୟଙ୍କୁ ୪୬ତମ ଶାରଳା ପୁରସ୍କାର
# 'ନିଜସ୍ୱ ଖୁସି ଏବଂ ସୌଭାଗ୍ୟ ପାଇଁ ସୃଷ୍ଟି ହୁଏ ସାହିତ୍ୟ'

ଭୁବନେଶ୍ୱର, ୨୬।୧୦(ସମିସ): ଇଣ୍ଡିଆନ୍ ମେଟାଲ୍‌ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ ୪୬ତମ 'ଶାରଳା ପୁରସ୍କାର' ଚଳିତ ବର୍ଷ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯାଇଛି। ରବିବାର ଭୁବନେଶ୍ୱରର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିନ୍ଦୀ କବି ଓ ଲେଖିକା ପ୍ରଫେସର ସବିତା ସିଂହ ବିଜେତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ତାଙ୍କର ଗଳ୍ପ ସଂକଳନ 'ମ୍ୟାଟିନି ଶୋ' ଲାଗି ପୁରସ୍କାର ବାବଦରେ ଲେଖକଙ୍କୁ ତାମ୍ରଫଳକ ସହିତ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିସହ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ ଏବଂ ପ୍ରସିଦ୍ଧ ଚିତ୍ରଶିଳ୍ପୀ ବଳଦେବ ମହାରଥୀଙ୍କୁ ୨.୫ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ଓ ତାମ୍ରଫଳକ ସହ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି।





ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଲେ, ଶାରଳା ପୁରସ୍କାର ବିଜେତା କବି ଦେବଦାସ ତାଙ୍କର ନିଆରା ଉପସ୍ଥାପନା ଶୈଳୀ ପାଇଁ ସେ ସବୁବେଳେ ପାଠକ ଓ ଶ୍ରୋତାଙ୍କର ଆଦର ଲାଭ କରି ଆସିଛନ୍ତି। ମୁଖ୍ୟ ଅତିଥି ପ୍ରଫେସର୍ ସବିତା ସିଂହ କହିଲେ, ସାହିତ୍ୟ ମଣିଷ ଦ୍ୱାରା ନିଜସ୍ୱ ଖୁସି ଏବଂ ସୌଭାଗ୍ୟ ପାଇଁ ସୃଷ୍ଟି ହୁଏ। ଏହି ଖୁସି ବିଶ୍ୱର ସମସ୍ତଙ୍କ ପାଇଁ ସୌନ୍ଦର୍ଯ୍ୟ ଏବଂ ସାମାଜିକ ନ୍ୟାୟ ଅନୁସନ୍ଧାନ କରେ। ଶାରଳା ପୁରସ୍କାରପ୍ରାପ୍ତ କବି ଦେବଦାସ କହିଲେ, ମୁଁ ଲେଖେନାହିଁ କୌଣସି ବୁଝି ନ ହେଉଥିବା ଉପଭୋକ୍ତା ପାଇଁ, ଯାହା ଉପରେ ମୋର କୌଣସି ବିଶ୍ୱାସ ନାହିଁ। ମୁଁ କେବଳ ମୋ ପାଇଁ ଲେଖେ, ଆଉ ମୋର କିଛି ବନ୍ଧୁମାନଙ୍କ ପାଇଁ। ଆଉ ମୁଁ ପୁଣି ଲେଖେ ସମୟ କାଟିବାର ଶ୍ଳେଷକୁ ଲାଘବ କରିବା ପାଇଁ। ମୋର 'ମ୍ୟାଟିନି ଶୋ' ଗଳ୍ପ ସଂକଳନ ବିବେଚିତ ହୋଇଥିବାରୁ ମୁଁ ଶାରଳା ପୁରସ୍କାରର ଉଦ୍ୟୋକ୍ତାମାନଙ୍କ ପାଖରେ ଚିରକୃତଜ୍ଞ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

### ■ ଅଧା ରହିଗଲା ଡାକ୍ତର ସ୍ୱପ୍ନ
# କୋଟାରେ ଓଡ଼ିଆ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ପାତ୍ରପୁର,୨୬।୧୦(ସମିସ): ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ବ୍ଲକ ଅଭୟପୁର ଗ୍ରାମର ଜଣେ ୨୫ ବର୍ଷୀୟ ଯୁବକଙ୍କ ରାଜସ୍ଥାନର କୋଟାରେ

- ଶବ ଆଣିବାକୁ ଗଲେ ପରିବାର, ଦିନକ ପରେ ଗାଁରେ ପହଞ୍ଚିବ
- ବ୍ୟବଚ୍ଛେଦ ରିପୋର୍ଟରେ ଜଣାପଡ଼ିବ ପ୍ରକୃତ ତଥ୍ୟ



ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ, ଉକ୍ତ ଗ୍ରାମର ବି. ରାଧାଶ୍ୟାମ ପାତ୍ରଙ୍କ ଏକମାତ୍ର ପୁଅ ବି. ରୋଶନ ପାତ୍ର। ରୋଶନ ୪ମାସ ହେବ କୋଟାରେ ନିଟ୍ ପାଇଁ ପ୍ରସ୍ତୁତ ହେଉଥିଲେ। ସେଠାରେ ଜଣେ ସମ୍ପର୍କୀୟ ଭାଇଙ୍କ ଏକ ହଷ୍ଟେଲରେ ରହି ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ରେ ନିଟ୍ ପ୍ରସ୍ତୁତି କରୁଥିଲେ। ସବୁଦିନ ଭଳି ଶୁକ୍ରବାର ରାତିରେ ଖାଇ ସାରି ପାଠ ପଢ଼ି ରାତି ପ୍ରାୟ ୧୧ଟାରେ ଶୋଇବାକୁ ଯାଇଥିଲେ। ତା' ପରଦିନ ମଧ୍ୟାହ୍ନ ଯାଏଁ ସେ ଆଉ ରୁମ୍‌ରୁ ନ ବାହାରିବାରୁ ଅନ୍ୟମାନଙ୍କ ସନ୍ଦେହ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଅନ୍ୟମାନେ କବାଟ ଖୋଲି ଭିତରକୁ ଯିବାରୁ ରୋଶନ ମୁହଁ ମାଡ଼ି ପଡ଼ିଥିବା ବେଳେ ତାଙ୍କ କାନ ଓ ନାକରୁ ରକ୍ତ ବାହାରୁଥିବା ଦେଖିବାକୁ ପାଇଥିଲେ।

ରୋଶନଙ୍କ ମୃତ୍ୟୁ ଖବର ପାଇ ତାଙ୍କ ଘରଲୋକ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ବାପା ଓ ଦାଦା କୋଟା ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ସେହିଭଳି ସୋମବାର ରାତି କିମ୍ବା ମଙ୍ଗଳବାର ଅଭୟପୁର ଗ୍ରାମକୁ ଶବ ଆସିବ ବୋଲି ସୂଚନା ମଳିଛି। ଅନ୍ୟପକ୍ଷରେ, ରୋଶନଙ୍କ ଆକସ୍ମାତ ବିୟୋଗ ନେଇ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ଏଭଳି ଦୁଃଖଦ ଖବର ଜଣାପଡ଼ିବା ପରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ମୁଖ୍ୟମନ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ସେହିଭଳି ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ନୂଆପଡ଼ା ଉପନିର୍ବାଚନ

# ଯାଦବ, ଆଦିବାସୀ, ସାହୁ ସମାଜ ଉପରେ ନଜର



ନୂଆପଡ଼ା, ୨୬।୧୦ (ସମିସ): ଉପନିର୍ବାଚନ ନିମନ୍ତେ ସାରା ରାଜ୍ୟର ନଜର ନୂଆପଡ଼ା ଉପରେ ନିବଦ୍ଧ ରହିଛି। ରାଜ୍ୟର ୩ ପ୍ରମୁଖ ଦଳ ବିଜୟୀ ହେବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ବିଜେଡି ନିଜ ଆସନକୁ ପୁନଃଦଖଲ କରି ସରକାରଙ୍କୁ କଡ଼ା ବାର୍ତ୍ତା ଦେବାକୁ ଜୋରସୋର୍‌ରେ ପ୍ରସ୍ତୁତି ଚଳାଇଛି। ସେହିପରି ସରକାରୀ ଦଳ ବିଜେପି ପାଇଁ ନିର୍ବାଚନ ଜିତିବା ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ କଂଗ୍ରେସ ବିଜୟୀ ହୋଇ ସାରା ଦେଶକୁ ଭିନ୍ନ ବାର୍ତ୍ତା ଦେବାକୁ ଉଦ୍ୟମ କରୁଛି। ମତଦାନ ଦିନ ଯେତିକି ଯେତିକି ପାଖେଇ ଆସୁଛି, ନିର୍ବାଚନୀ ତାତି ସେତିକି ବଢ଼ିବାରେ ଲାଗିଛି। ଏପଟେ ନିର୍ବାଚନ ସମୀକ୍ଷକମାନେ ବି ଏହି ଉପନିର୍ବାଚନକୁ ଭିନ୍ନଭିନ୍ନ କଷଟିରେ ମାପିବା ଆରମ୍ଭ କରିଦେଇଛନ୍ତି। କିଏ ଜିତିବ, କିଏ ହାରିବ, କାହା ଭୋଟ୍ କୁଆଡ଼େ ଯିବ, କେଉଁ ବର୍ଗ ନିର୍ଣ୍ଣାୟକ ହେବ, ତା' ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ଇତିହାସ ଦେଖିଲେ, ଜାତି ରାଜନୀତି ହିଁ ନୂଆପଡ଼ା ରାଜନୀତିକୁ ସବୁବେଳେ ନିୟନ୍ତ୍ରଣ କରି ଆସିଛି। କୌଣସି ଜାତି ସମାଜ ଏକତ୍ରିତ ହେଲେ ନିର୍ବାଚନ ଫଳାଫଳ ଓଲଟାଇବାକୁ ସମର୍ଥ ହୋଇପାରନ୍ତି। ନୂଆପଡ଼ାରେ ୨ଲକ୍ଷ ୪୮ ହଜାର ମତଦାତା ରହିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦% ହେଉଛନ୍ତି ବିଭିନ୍ନ ସମ୍ପ୍ରଦାୟର ଆଦିବାସୀ। ସାଧାରଣ ଭାବେ ଦେଖିଲେ, ଏହି ବର୍ଗର ଭୋଟର୍‌ଙ୍କ ସଂଖ୍ୟା ପ୍ରାୟ ୯୦ହଜାର। ସେହିପରି ୨୦ ପ୍ରତିଶତ ଯାଦବ ଭୋଟର (ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ) ଥିବା ବେଳେ କୁଲତା ଭୋଟରଙ୍କ ସଂଖ୍ୟା ପ୍ରାୟ ୧୦ ହଜାର। ୨୦୦୦ ମସିହା ପୂର୍ବରୁ ଆଦିବାସୀ ସମ୍ପ୍ରଦାୟର ଭୋଟ୍‌ରେ ଜନତା ଦଳର ସ୍ୱର୍ଗତଃ ଘାସିରାମ ମାଝୀ ଏବଂ କଂଗ୍ରେସର ଓଁକାର ସିଂ ମାଝୀ ଦୀର୍ଘ ୨୫ବର୍ଷ ଧରି ଶାସନକୁ ଅକ୍ତିଆର କରି ରଖିଥିଲେ। ପରବର୍ତ୍ତୀ ସମୟରେ ଏହି ଭୋଟ୍‌ବ୍ୟାଙ୍କ ତିନି ଭାଗରେ ବିଭକ୍ତ ହୋଇଗଲା। ଖାମସିଂ ମାଝୀଙ୍କ ନେତୃତ୍ୱରେ ବିଜେପିକୁ କିଛି ଭୋଟ୍ ଯାଇଥିବା ବେଳେ ଘାସିରାମଙ୍କ ନେତୃତ୍ୱରେ କଂଗ୍ରେସ ପାଖରେ କିଛି ଭୋଟ୍ ରହିଥିଲା ଓ ଅନ୍ୟ ଏକ ଅଂଶ ଭାନୁପ୍ରତାପ ମାଝୀଙ୍କ ନେତୃତ୍ୱରେ ବିଜେଡିକୁ ଯାଇଥିଲା। ୨୦୦୦ ମସିହା ପରବର୍ତ୍ତୀ ସମୟରେ ବିଜେପିର ବସନ୍ତ ପଣ୍ଡା ଏବଂ ସ୍ୱର୍ଗତଃ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ କବ୍‌ଜାରେ ରହିଥିଲା। ହେଲେ ୨୦୨୪ ନିର୍ବାଚନରେ କୌଣସି ଆଦିବାସୀ ନେତାଙ୍କୁ ଟିକଟ ନ ମିଳିବା କାରଣରୁ ଆଦିବାସୀ ଭୋଟର୍ ଧ୍ରୁବୀକରଣ ହୋଇଥିଲା ଓ ଏହା ଜରିଆରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିଲେ। ହେଲେ ବର୍ତ୍ତମାନର ଉପ-ନିର୍ବାଚନରେ ଆଦିବାସୀ ନେତାମାନେ ପୁଣିଥରେ ନିଜ ନିଜର ଦଳ ପାଇଁ କାର୍ଯ୍ୟ କରୁଥିବାରୁ ସ୍ଥିତି କ'ଣ ହେବ, ତାହା ଏବେଠାରୁ ଆକଳନ କରାଯାଇ ପାରୁନାହିଁ।

ଅନ୍ୟପକ୍ଷରେ, ଯାଦବ ସମାଜର ମଧ୍ୟ ଜିଲ୍ଲାରେ ବେଶ୍ ପ୍ରଭାବ ରହିଛି। କିନ୍ତୁ ଏହି ବର୍ଗର କୌଣସି ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇନାହାନ୍ତି। ପୂର୍ବରୁ ରାଜ୍ୟ ସରକାର ନୂଆପଡ଼ା ଜିଲ୍ଲାରେ ଯେପରି ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିଲେ, ଗତ ଦେଢ଼ ବର୍ଷ ମଧ୍ୟରେ ସେପରି କିଛି ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ଦେଖାଯାଉନାହିଁ। ଅନ୍ୟପକ୍ଷରେ ବିଏସ୍‌କେୱାଇରେ ଉପକୃତ ହୋଇଥିବା ଲୋକମାନେ ଏବେ ଆୟୁଷ୍ମାନ ସେବାରେ ଖୁସି ନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ଖଡ଼ିଆଳର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତୀ, ଉତ୍କଳ ଯାଦବ ସମାଜର ପୂର୍ବତନ ମହାସଚିବ ଲମ୍ବୋଦର ନିଆଲ ନିଜ ଦଳ ପାଇଁ କେତେ ଯାଦବ ଭୋଟ୍ ଟାଣିପାରିବେ, ତାହାର ପୂର୍ବ ଆକଳନ ସମ୍ପୂର୍ଣ୍ଣ ଅସ୍ପଷ୍ଟ। ସେହିପରି ଯାଦବ ସମାଜ ଜିଲ୍ଲା ସଭାପତି ଭରତ ଲାଲ ରାଉତ କଂଗ୍ରେସର ପ୍ରଚାରରେ ସାମିଲ ହୋଇଛନ୍ତି। ପୁନଶ୍ଚ କୁଲତା ସମାଜ ଏବଂ ସାହୁ ସମାଜ ମଧ୍ୟ ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ବେଶ ପତିଆରା ରଖିଥା'ନ୍ତି। ମାତ୍ର ଚଳିତ ନିର୍ବାଚନରେ ସେମାନେ କେଉଁ ଆଡ଼କୁ ଢ଼ଳିବେ, ତାହା ଏବେ ବି ଅସ୍ପଷ୍ଟ। ଏଭଳି ସ୍ଥିତିରେ ଜାତି ରାଜନୀତି ନିର୍ବାଚନ ସମୀକରଣକୁ କେତେ ପ୍ରଭାବିତ କରିବ ତାହା ପୂର୍ବାନୁମାନ କରିବା କଷ୍ଟ ମନେ ହେଉଛି।

## ବିଜେପି ବିରୋଧରେ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

# ସରକାରୀ ଯୋଜନା ଆଳରେ ଦଳୀୟ ପ୍ରଚାର: ବିଜେଡି

ଭୁବନେଶ୍ୱର,୨୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୁରୁପଯୋଗ ନେଇ ଶାସକ ବିଜେପି ବିରୋଧରେ ପୁଣିଥରେ ଅଭିଯୋଗ ଆଣିଛି ବିଜେଡି। ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ବିଜେଡି ନେତୃବୃନ୍ଦ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ବିଜେପି ବିରୋଧରେ ଫେରାଦ୍ ହୋଇ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି।



ସିଇଓଙ୍କ ନିକଟରେ ଅଭିଯୋଗ କଲେ ବିଜେଡି ପ୍ରତିନିଧି

ବିଜେଡିର ଅଭିଯୋଗ ଅନୁଯାୟୀ ଚଳିତ ମାସ ୨୫ରେ ନୂଆପଡ଼ାରେ ବିଜେପି ପକ୍ଷରୁ ସୁଭଦ୍ରା ଶକ୍ତି ସମାବେଶ ନାମରେ ଏକ ସଭା ଆୟୋଜନ କରାଯାଇଥିଲା। ଏହାକୁ ସରକାରୀ ଯୋଜନାର ହିତାଧିକାରୀମାନଙ୍କ ସଭା ବୋଲି ଦର୍ଶାଯାଇଥିଲା। ଏହି ସଭାରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ଅନ୍ୟାନ୍ୟ ବିଜେପି ନେତାମାନେ ଉପସ୍ଥିତ ଥିଲେ। ବିଜେଡି ଅଭିଯୋଗ କରିଛି ଯେ ସରକାରୀ ଯୋଜନାର ନାମ ଓ ହିତାଧିକାରୀଙ୍କୁ ଦଳୀୟ ପ୍ରଚାର ପାଇଁ ବ୍ୟବହାର କରାଯାଇଛି, ଯାହା ନିର୍ବାଚନ ଆଚରଣବିଧିର ସ୍ପଷ୍ଟ ଉଲଂଘନ ଓ ସରକାରୀ ଯୋଜନାର ଦୁରୁପଯୋଗ। ତେଣୁ ଏହି ଘଟଣା ଉପରେ ତତ୍କାଳ ନିରପେକ୍ଷ ତଦନ୍ତ ଆରମ୍ଭ କରିବା ସହ ନିର୍ବାଚନ ଆଚରଣବିଧି ଓ ଜନପ୍ରତିନିଧି ଆଇନ ୧୯୫୧ ଦୋଷୀଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ଦାବି କରିଛି।

ବିଜେଡି କହିଛି ଯେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସ୍ୱାଧୀନତା ରକ୍ଷା ହେବା ନିତାନ୍ତ ଆବଶ୍ୟକ। ସରକାରୀ ଯୋଜନାକୁ ଦଳୀୟ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଲୋକତନ୍ତ୍ର ପ୍ରତି ବଡ଼ ବିପଦ। ତେଣୁ ଆମ ଅଭିଯୋଗ ଉପରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଜରୁରୀ। ବିଜେଡିର ଏହି ପ୍ରତିନିଧିଦଳରେ ଡ. ଲେନିନ ମହାନ୍ତି, ସୁମିତ୍ରା ଜେନା, ମିହିର ରାୟ, ନାରାୟଣ ଜେନା, ସଂଗ୍ରାମ ମହାପାତ୍ର, ଗୀତାଞ୍ଜଳି ପ୍ରଧାନ, ସୋଫିଆ ଆଲମ, ଜ୍ୟୋତ୍ସ୍ନାମୟୀ ପରିଡା, ଅଂଶୁ ତ୍ରିପାଠୀ, ଇଲା ସ୍ୱାଇଁ ଓ ପ୍ରଦୀପ ପଣ୍ଡା ସାମିଲ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ


ଭୁବନେଶ୍ୱର, ୨୬।୧୦(ସମିସ): ଶିକ୍ଷକଙ୍କ ଦାବି ଶୁଣୁନାହାଁନ୍ତି ସରକାର; ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ପାଳନ କରୁନାହାନ୍ତି। ବିଦ୍ୟାଳୟରେ ଶିକ୍ଷକଙ୍କୁ ଶିକ୍ଷାଦାନ କରିବାକୁ ଉପଯୁକ୍ତ ବାତାବରଣ ନଦେଇ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ପିଲାଙ୍କ ଅନୁପାତରେ ଶିକ୍ଷକ ନ ଥିଲେ ମଧ୍ୟ ଖାଲି ଥିବା ପଦ ପୂରଣ କରୁନାହାନ୍ତି। ତେଣୁ, ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଚେତାବନୀ ଦେଇଛି।

ରବିବାର ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ସଂଘ ପକ୍ଷରୁ କୁହାଯାଇଛି ଯେ ଗତ ସେପ୍ଟେମ୍ବର ୨୦ ତାରିଖରେ ସ୍କିମାଟିକ୍ ଉଚ୍ଛେଦ, ୬ ବର୍ଷର ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ୬ଟି ଇନକ୍ରିମେଣ୍ଟ ସହ ମୂଳ ଚାକିରିରେ ଗଣନା କରିବା, କ୍ୟାଡର ସଂଶୋଧନ, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ୍ ପ୍ରଦାନ ଆଦି ବିଭିନ୍ନ ଦାବିରେ ଆନ୍ଦୋଳନ କରାଯାଇଥିଲା। ବିଭାଗୀୟ ସଚିବ ଶିକ୍ଷକଙ୍କ ସହ ଆଲୋଚନା କରି ଏକମାସ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ସ୍କିମାଟିକ୍ ଉଚ୍ଛେଦ କରିବା ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ତାହାକୁ ଏଯାଏଁ କାର୍ଯ୍ୟକାରୀ କରାଯାଉନାହିଁ। ହେଲେ ଏଯାଏଁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ପୁଣିଥରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିବା ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସୁଧାଂଶୁ ମଣ୍ଡଳ, କୋଷାଧ୍ୟକ୍ଷ ଗୋପାଳ ସେନ, ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ, ସନ୍ତୋଷ ଦୁବେ, ଦାମୋଦର ପଣ୍ଡା, ଦେବକାନ୍ତ ମେହେର, ଶରତ ସେଠୀ ଓ ସରୋଜ ବେହେରା ପ୍ରମୁଖ ଉପସ୍ଥିତ ରହି ତୁରନ୍ତ ସମସ୍ତ ପ୍ରତିଶ୍ରୁତି ପୂରଣ କରିବାକୁ ଦାବି କରିଛନ୍ତି।

## ନିୟତିର ନିଷ୍ଠୁର ଖେଳ

# ଆଗପଛ ହୋଇ ଚାଲିଗଲେ ମା'-ପୁଅ





■ ହସ୍ପିଟାଲ ଶଯ୍ୟାରେ ରୋଗାକ୍ରାନ୍ତ ମା'ଙ୍କ ମୃତ୍ୟୁ
■ ମା' କଷ୍ଟ ସହି ନପାରି ଶନିବାର ପୁଅ ଆତ୍ମହତ୍ୟା କରିଥିଲେ

ସମ୍ବଲପୁର/ବଲାଙ୍ଗିର,୨୬।୧୦(ସମିସ): ଆଗପଛ ହୋଇ ଚାଲିଗଲେ ମା'-ପୁଅ। ହସ୍ପିଟାଲ ଶଯ୍ୟାରେ କଲବଲ ମା'ଙ୍କ ଅବସ୍ଥା ଦେଖିନପାରି ଗତ ଶନିବାର ପୁଅ ଆତ୍ମହତ୍ୟା କରିଥିଲେ। ବୁର୍ଲା ପାୱାର୍ ଚ୍ୟାନେଲକୁ ଡେଇଁ ପଡ଼ିଥିଲେ। ଆଜି ହସ୍ପିଟାଲରେ ଚିକିତ୍ସାଧୀନ ମା'ଙ୍କ ମୃତ୍ୟୁ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ମହାଲକ୍ଷ୍ମୀନଗର ପଡ଼ାର ଚାରୁପମା ମିଶ୍ରଙ୍କ ପରିବାର ସହ ନିୟତି ଏମିତି ନିଷ୍ଠୁର ଖେଳ ଖେଳିଛି। ଚାରୁପମା ଆଜି ବୁର୍ଲା ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଗତକାଲି ଚିପିଲିମା ପାୱାର୍ କେନାଲରୁ ତାଙ୍କ ପୁଅ ସୌରଭ ସମ୍ବିତଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ହୃଦୟବିଦାରକ ଘଟଣାକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଚାରୁପମା କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। କିଛି ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାରଲୋକ ତାଙ୍କୁ ବୁର୍ଲା ଭୀମସାର୍‌ରେ ଭର୍ତ୍ତି କରାଇଥିଲେ। ସେଠାରେ ପୁଅ ସୌରଭ ସମ୍ବିତ ତାଙ୍କ ଦେଖାଶୁଣା କରୁଥିଲେ। କିନ୍ତୁ ଚାରୁପମାଙ୍କ ଅବସ୍ଥା ଦିନକୁ ଦିନ ସଂକଟାପନ୍ନ ହେବା ସହ ତାଙ୍କ କଷ୍ଟ ବଢ଼ିବାରେ ଲାଗିଥିଲା। ପାଖାପାଖି ୧୦ ଦିନ ମା'ଙ୍କ ପାଖେ ରହିଥିବା ସୌରଭ ନିଜ ଆଖି ଆଗରେ ମା'ଙ୍କ ଏ ଅବସ୍ଥା ଆଉ ଦେଖିପାରୁ ନଥିଲେ। ଭିତରୁ ଭିତରୁ ସେ ପୂରା ଭାଙ୍ଗି ପଡ଼ିଥିଲେ। ତେବେ ଗତ ୨୨ ତାରିଖରେ ସେ ହଠାତ୍ ମେଡିକାଲରୁ ଗାୟବ୍ ହୋଇଯାଇଥିଲେ। ପରେ ମା'ଙ୍କ ନିକଟକୁ ସୌରଭ ଏକ ଭାବବିହ୍ୱଳ ମେସେଜ୍ ପଠାଇ ବୁର୍ଲା ପାୱାର୍ ଚ୍ୟାନେଲକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଗତକାଲି ପୁଲିସ ଖୋଜାଖୋଜି କରି ସୌରଭଙ୍କ ମୃତ ଶରୀର ଚିପଲିମା କେନାଲରୁ ଉଦ୍ଧାର କରିଥିଲା। ଏହାର ଦିନକ ପରେ, ଆଜି ମା' ଚାରୁପମା ହସପିଟାଲ ବେଡ୍‌ରେ ଶେଷ ନିଃଶ୍ୱାସ ନେଇଛନ୍ତି।

■ 'ମନ୍ କି ବାତ୍'ର ୧୨୭ତମ ସଂସ୍କରଣ

# କୋରାପୁଟ୍ କଫିକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ



କୋରାପୁଟ,୨୬।୧୦(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରସିଦ୍ଧ ରେଡିଓ ଶୋ 'ମନ କି ବାତ'ର ୧୨୭ତମ ପ୍ରସାରଣ ହୋଇଛି। ରବିବାର ହୋଇଥିବା ପ୍ରସାରଣରେ ସେ ଛଟ୍ ପୂଜା ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବ ତଥା ପର୍ବ ପାଳନରେ ସାମିଲ ହେବାକୁ ସେ ଦେଶବାସୀଙ୍କୁ ଅପିଲ କରିଥିଲେ। ସେ ଜିଏସ୍‌ଟି ସଂରକ୍ଷଣ ଉତ୍ସବ, ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ, ରନ୍ ଫର ୟୁନିଟି ଭଳି ଇଭେଣ୍ଟ ଆୟୋଜନ ନେଇ ମନ୍ତବ୍ୟ ଦେଇଥିଲେ। ସେହିପରି ସେ ଓଡ଼ିଶାର କୋରାପୁଟ ଜିଲ୍ଲାର ଉତ୍ପାଦନ ହେଉଥିବା କଫିକୁ ପ୍ରଶଂସା କରିଥିଲେ। ନିଆରା ସ୍ୱାଦ ଓ ବାସ୍ନା କାରଣରୁ କୋରାପୁଟ କଫି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ। କର୍ପୋରେଟ ଚାକିରି କରୁଥିବା ପେସାଦାର ଲୋକ ଏବେ ଏହି କଫି ଚାଷ କରିବାକୁ ଆଗଭର ହୋଇଛନ୍ତି ଓ ଏହି କଫି ଚାଷ ଦ୍ୱାରା ବହୁତ ଲାଭ ହେଉଥିବା କଥା ସେ କହିଛନ୍ତି। ଏଥର ବିଭିନ୍ନ ପର୍ବ ପର୍ବାଣୀ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ଜିଏସ୍‌ଟି ସଂରକ୍ଷଣ ଉତ୍ସବକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି ଓ ବଜାରରେ ସ୍ୱଦେଶୀ ଜିନିଷ କ୍ରୟରେ ଜବରଦସ୍ତ ବୃଦ୍ଧି ଘଟିଛି ବୋଲି ସେ କହିଥିଲେ। ନଭେମ୍ବର ୭ରେ 'ବନ୍ଦେ ମାତରମ'ର ୧୫୦ତମ ବର୍ଷ ପୂରଣ ହେବ ଓ ଏହାକୁ ସ୍ମରଣୀୟ କରିବାକୁ ସେ ଅପିଲ କରିଥିଲେ। ସେହିପରି ୬ଟି ପୋଖରୀ ଓ ୪୦ଟି କୂଅ ସଫା କରିଥିବା ବେଙ୍ଗାଲୁରୁର ଇଞ୍ଜିନିୟର କପିଲ ଶର୍ମାଙ୍କୁ ମଧ୍ୟ ସେ ପ୍ରଶଂସା କରିଥିଲେ।

# ଚଳନ୍ତା ଟ୍ରେନ୍‌ରୁ ଖସି ମହିଳା ମୃତ

ଜଟଣୀ,୨୬।୧୦ (ସମିସ): ରବିବାର ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ୪ ନମ୍ବର ପ୍ଲାଟ୍ ଫର୍ମରେ ଦୁରନ୍ତ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଖସି ଜଣେ ମହିଳା ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଖବର ପାଇ ରେଳ ସୁରକ୍ଷା ବଳ ଓ ଜିଆରପି ପହଞ୍ଚି ମୃତ ମହିଳାଙ୍କୁ ରେଳ ଧାରଣାରୁ ଉଠାଇ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ପଠାଇଛି। ମହିଳାଙ୍କ ପରିଚୟ ଅସ୍ପଷ୍ଟ ଥିବା ବେଳେ ତାଙ୍କ ନିକଟରେ ଥିବା ଏକ ବ୍ୟାଗରୁ ପୁଲିସ ଏକ ଆଧାର କାର୍ଡ ପାଇଛି। ସେଥିରେ ଏସ୍. ଜାନକୀ ନାମ ଉଲ୍ଲେଖ ରହିଥିବାବେଳେ ଠିକଣା ଭୁବନେଶ୍ୱର ରହିଛି। ମହିଳାଜଣଙ୍କ କ୍ଷତବିକ୍ଷତ ହୋଇଥିବାରୁ ଉକ୍ତ ନାମାନୁସାରେ ଶବ ଚିହ୍ନଟ ହୋଇପାରୁ ନ ଥିବା ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଏହି ମହିଳା ଯାତ୍ରୀଜଣଙ୍କ କେଉଁ ଷ୍ଟେସନ୍‌ରୁ ବାହାରି କେଉଁ ଷ୍ଟେସନ ପର୍ଯ୍ୟନ୍ତ ଯାଉଥିଲେ, ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ମିଳିଥିବା ଆଧାର କାର୍ଡକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ଜମିବାଡ଼ି ବିବାଦରେ ମୁଣ୍ଡ ପୂରାଇ ମାଡ଼ ଖାଇଲା ପୁଲିସ

କେନ୍ଦ୍ରାପଡ଼ା,୨୬।୧୦(ସମିସ): ଜମିବାଡ଼ି ବିବାଦରେ ମୁଣ୍ଡ ପୂରାଇ ମାଡ଼ ଖାଇଲା ପୁଲିସ। କେନ୍ଦ୍ରାପଡ଼ା ବ୍ଲକ୍ ନିକିରାଇ ଥାନା ଅଧୀନ ଡିହମୁଗବାଡ଼ି ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ଅଭିଯୁକ୍ତଙ୍କ ଠେଙ୍ଗା ଓ ବାଡ଼ି ଆକ୍ରମଣରେ ନିକିରାଇ ଥାନାର ୪ଜଣ ପୁଲିସ ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୁଲିସ ଗୋଟିଏ ପରିବାରର ୬ ଜଣଙ୍କୁ ଥାନାକୁ ଉଠାଇ ଆଣିଛି। ସୂଚନା ମୁତାବକ, ନିକିରାଇ ଥାନା ଅଧୀନ ଡିହମୁଗବାଡି ଗ୍ରାମରେ ଦୁଇ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଗୋଟିଏ ପକ୍ଷଦ୍ୱାରା ପ୍ରଭାବିତ ହୋଇ ନିକିରାଇ ଥାନାର ୪ଜଣ ପୁଲିସ କର୍ମଚାରୀ ସଂପୃକ୍ତ ଗ୍ରାମକୁ ଯାଇ ଅନ୍ୟ ପକ୍ଷକୁ ତାଗିଦ କରିଥିଲେ। ଏହାଦ୍ୱାରା ଅନ୍ୟପକ୍ଷ ପୁଲିସକୁ ଠେଙ୍ଗା, ବାଡ଼ିରେ ଆକ୍ରମଣ କରିଥିଲେ। ଅପରପକ୍ଷେ ଏହି ଘଟଣାକୁ ନେଇ ଏସ୍‌ପି ସିଦ୍ଧାର୍ଥ କଟାରିଆ ନିକିରାଇ ଥାନା ଅଧିକାରୀଙ୍କ ଉପରେ ବର୍ଷିଛନ୍ତି। ଜମିବାଡ଼ି ବିବାଦରେ ଅଯଥା ମୁଣ୍ଡ ନ ପୂରାଇବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ଗଣମାଧ୍ୟମକୁ କହିଛନ୍ତି, ଜମିବାଡ଼ି ବିବାଦରେ କୋର୍ଟରୁ ନିର୍ଦ୍ଦେଶ ନ ମିଳିଲେ ପୁଲିସ ହସ୍ତକ୍ଷେପ କରିବ ନାହିଁ ବୋଲି ନିୟମ ରହିଛି। ତେବେ କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ତାହାର ତଦନ୍ତ ଚାଲିଛି।



# 'ମୋନ୍ଥା' ପାଇଁ ୮ ଜିଲ୍ଲାରେ ଦୁଇ ଦିନ ଅଙ୍ଗନବାଡ଼ି ବନ୍ଦ

ଭୁବନେଶ୍ୱର, ୨୫।୧୦ (ସମିସ): ବାତ୍ୟା ମୋନ୍ଥାର ପ୍ରଭାବକୁ ଦୃଷ୍ଟିରେ ରଖି ରେଡ୍ ଆଲର୍ଟ ଜାରି ହୋଇଥିବା ୮ଟି ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ରକୁ ଦୁଇ ଦିନ ବନ୍ଦ ରଖାଯିବ। ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଅଙ୍ଗନବାଡ଼ି ଅଙ୍ଗନବାଡ଼ି କେନ୍ଦ୍ର ଆସନ୍ତା ୨୮ ଓ ୨୯ ତାରିଖରେ ବନ୍ଦ ରହିବ ଏବଂ ପାଣିପାଗକୁ ଦୃଷ୍ଟିରେ ରଖି ସଂପୃକ୍ତ ଜିଲ୍ଲାପାଳମାନେ ୨୭ ଓ ୩୦ତାରିଖରେ ମଧ୍ୟ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ସମ୍ପର୍କିତ ନିଷ୍ପତ୍ତି ନେଇପାରିବେ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରବିବାର ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

# ହୀରାକୁଦ ଜଳସ୍ତର ୬୨୯.୩୧ ଫୁଟ୍

ସମ୍ବଲପୁର, ୨୬।୧୦ (ସମିସ): ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ବଜାୟ ରଖାଯାଉଛି। ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହୋଇଯାଇଛି। ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ରବିବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୧,୬୨୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୭,୦୩୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲରେ ୩୧,୮୪୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ୍, କେନାଲ ପାଇଁ ୪,୧୯୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୨୬.୫୨ଫୁଟ୍ ରହିଥିଲା ବୋଲି ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ୪ ଲକ୍ଷର ନକଲି ନୋଟ୍ ଜବତ, ୩ ଗିରଫ

ବିନିକା, ୨୬।୧୦(ସମିସ): ବେଧଡ଼କ ଚାଲିଛି ଜାଲ୍ ନୋଟ୍ କାରବାର। ସୁବର୍ଣ୍ଣପୁର ଜିଲ୍ଲାରୁ ଆଜି ୪ ଲକ୍ଷ ୧୫ଶହ ଟଙ୍କାର ନକଲି ନୋଟ୍ ଜବତ ହୋଇଛି। ଏହି ଘଟଣାରେ ବିନିକା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ବିନିକା ଥାନା ଫୁଲମୁଠି ଗ୍ରାମର ଅଭିଷେକ ହୋତା (୨୩), ବିନିକା ବେଡେରାପଡ଼ାର ଅଶୋକ ନାଏକ (୨୮) ଏବଂ ଲଛିପୁର ଥାନା ରେଙ୍ଗାଲି ଗ୍ରାମର ଜୟନାରାୟଣ ବସ୍ତିଆ (୨୭)। ବିନିକା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାରାୟଣ ନାୟକ ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଜବତ ନକଲି ନୋଟ୍ ମଧ୍ୟରେ ୮୦୩ଟି ୫୦୦ ଟଙ୍କିଆ ରହିଛି। ଅଭିଷେକ ଓ ଅନିଲ ଏହି ନକଲି ଟଙ୍କା ଅନ୍ୟ କାହାକୁ ଦେବା ପାଇଁ ଫୁଲମୁଠି ଗ୍ରାମ ନିକଟରେ ଅପେକ୍ଷା କରିଥିଲେ। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ସେଠାରେ ଚଢ଼ଉ କରି ସେମାନଙ୍କୁ କାବୁ କରିବା ସହ ଜାଲ୍ ନୋଟ୍ ଜବତ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ୩ଟି ମୋବାଇଲ ମଧ୍ୟ ଜବତ କରାଯାଇଛି। ତେବେ ଏହି ଜାଲ୍ ନୋଟ୍ କାରବାରର ଚେର ପଡ଼ୋଶୀ ବରଗଡ଼ ଜିଲ୍ଲାକୁ ମଧ୍ୟ ଲମ୍ବିଥିବା ବେଳେ ଏହା ପଛରେ ଏକ ବଡ଼ ରାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ତେଣୁ, ରାକେଟ୍‌ର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ପୁଲିସ ଅଧିକ ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ।



# ବାଘଛାଲ ଜବତ, ଦୁଇ ଗିରଫ

ମନମୁଣ୍ଡା, ୨୬।୧୦(ସମିସ): କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଆଜି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଅଞ୍ଚଳରୁ ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ମନମୁଣ୍ଡା ଥାନା ଟୁନିଖମାର ଗ୍ରାମର ପ୍ରକାଶ କହଁର (୨୪) ଓ ବୁଢ଼ୀଖମାର ଗ୍ରାମର ରଞ୍ଜିତ ଭୋକ୍ତା (୩୬)। ଅଭିଯୁକ୍ତଦ୍ୱୟ ମନମୁଣ୍ଡା-ବରପାଲି ରାସ୍ତା ଭାୟା ସୋନପୁର ଦେଇ ଏହି ବାଘଛାଲକୁ ଚାଲାଣ କରୁଥିବା ବେଳେ ଅର୍ଜୁନପୁର ଜଙ୍ଗଲ ନିକଟରେ ଏସଟିଏଫ୍ ସେମାନଙ୍କୁ ମାଡ଼ି ବସିଥିଲା। ଏକ ବ୍ୟାଗ୍‌ରେ ସେମାନେ ବାଘଛାଲ ନେଉଥିଲେ। ଏନେଇ ଏସ୍‌ଟିଏଫ୍ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟଚାଲାଣ କରିଛି। ସେମାନେ କେଉଁ ଜଙ୍ଗଲରୁ ଏହି ବାଘଟିକୁ ଶିକାର କରିଛନ୍ତି ନା ଅନ୍ୟ କେଉଁ ଶିକାରୀଠାରୁ ଏହାକୁ ଆଣିଛନ୍ତି, ସେନେଇ ଏସ୍‌ଟିଏଫ୍ ସେମାନଙ୍କୁ ପଚରାଉଚରା କରୁଛି।



# ରାତି ୧୨ରେ ବାଇଶିପାହାଚରେ ଅସମ୍ଭାଳ ସ୍ଥିତି




■ ଠେଲାପେଲାରେ ଅଣନିଃଶ୍ୱାସୀ ଭକ୍ତ
■ ଅଘଟଣ ଘଟିଥିଲେ ଦାୟୀ ହୋଇଥା'ନ୍ତା କିଏ?

ପୁରୀ, ୨୬।୧୦(ସମିସ): ଶନିବାର ରାତି ପ୍ରାୟ ୧୨ଟା। ଶ୍ରୀମନ୍ଦିର ବାଇଶିପାହାଚରେ ଦେଖିବାକୁ ମିଳିଥିଲା ସଙ୍ଗିନ ସ୍ଥିତି। ଅଣାୟତ୍ତ ହୋଇଥିଲା ଭିଡ଼। ସୁରକ୍ଷା କର୍ମୀମାନେ କେବଳ ଦେଖଣାହାରୀ ସାଜିଥିଲେ। ଭିଡ଼ ଏମିତି ହୋଇଥିଲା ଯେ କିଛି ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିଂହଦ୍ୱାରରେ ଭକ୍ତ ମନ୍ଦିରକୁ ପ୍ରବେଶ କରୁଥିବା ବେଳେ ଦର୍ଶନ ସାରି ଶ୍ରଦ୍ଧାଳୁ ମଧ୍ୟ ସିଂହଦ୍ୱାରରେ ବାହାରୁଥିଲେ। ଯେଉଁଥିପାଇଁ ବାଇଶିପାହାଚରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଗହଳିରୁ ବାହାରିବା ପାଇଁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମହାପ୍ରଭୁଙ୍କ କୃପାରୁ ଯଦିଓ ସେମିତି କିଛି ଅଘଟଣ ଘଟିନାହିଁ, ତେବେ କାହିଁକି ଏଭଳି ଏକ ସ୍ଥିତି ଉପୁଜିଲା। ଏଠି ପ୍ରଶ୍ନଉଠୁଛି ଯଦି କିଛି ଅଘଟଣ ଘଟିଥାନ୍ତା, ତେବେ ଏଥିପାଇଁ କାହାକୁ ଦାୟୀ କରାଯାଇଥାନ୍ତା?

ଏବେ କାର୍ତ୍ତିକ ମାସ ଚାଲିଛି। ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ରହୁଛି। ୨୫ ତାରିଖ ଚତୁର୍ଥ ଶନିବାର ଯୋଗୁଁ ଲଗାତାର ଦୁଇଦିନିଆ ଛୁଟି ଥିଲା। ତେଣୁ ଶନିବାର ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ଦିନତମାମ ମନ୍ଦିରରେ ଭିଡ଼ ଥିବା ବେଳେ ରାତିରେ ଗହଳି ଆହୁରି ବଢ଼ିଥିଲା। ଦିନରେ ଭିଡ଼ ଯୋଗୁ ଅନେକେ ନ ଆସି ରାତି ୧୦ଟା ପରେ ଦର୍ଶନ ପାଇଁ ଆସିବାକୁ ଯୋଜନା କରିଥିଲେ। ଏଥିସହ ପୁରୀବାସୀ ବି ପ୍ରତିଦିନ ଭଳି ରାତିରେ ଦର୍ଶନ କରିବାକୁ ଆସିଥିଲେ। ଏଥିପାଇଁ ରାତିରେ ମନ୍ଦିର ଭିତରେ ଗହଳି ଅସମ୍ଭାଳ ହୋଇଥିଲା। ରାତି ୧୨ଟା ସମୟରେ ବାଇଶିପାହାଚରେ ଖୁଦ ପକାଇବା ପାଇଁ ଜାଗା ନଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭକ୍ତ ସିଂହଦ୍ୱାର ଦେଇ ଦର୍ଶନ ପାଇଁ ଯାଉଥିବା ବେଳେ ମନ୍ଦିରରୁ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ବାହାରକୁ ଆସୁଥିଲେ। ଫଳରେ ବାଇଶିପାହାଚରେ ପ୍ରତିପକ୍ଷ ଭକ୍ତଙ୍କ ଭିଡ଼ ଏମିତି ହୋଇଥିଲା ଯେ ଅନେକ ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ।

ଗହଳିରୁ ମୁକ୍ତି ପାଇବା ପାଇଁ ଠେଲାପେଲା ବି ହୋଇଥିଲା। ସୌଭାଗ୍ୟବଶତଃ ସେମିତି କିଛି ବଡ ଅଘଟଣ ଘଟିନାହିଁ। କିନ୍ତୁ ଏଭଳି ଏକ ସ୍ଥିତିକୁ ଏଡାଇ ଦିଆଯାଇପାରିଥାନ୍ତା। ଦର୍ଶନ ସାରିଥିବା ଭକ୍ତଙ୍କୁ ଅନ୍ୟ ତିନିଦ୍ୱାରରେ ବାହାରକୁ ଛଡ଼ାଯାଇଥିଲେ ଏମିତି ଅଣାୟତ୍ତ ସ୍ଥିତି ଉପୁଜି ନ ଥା'ନ୍ତା ବୋଲି କୁହାଯାଉଛି। ଏଠାରେ ପ୍ରଶ୍ନ ଉଠୁଛି, ସୁରକ୍ଷା କର୍ମୀମାନେ କରୁଥିଲେ କ'ଣ? ସେମାନେ କାହିଁକି ସିଂହଦ୍ୱାର ଦେଇ ଭକ୍ତଙ୍କୁ ବାହାରକୁ ଛାଡୁଥିଲେ? ଅନ୍ୟପକ୍ଷରେ ଆଗକୁ ପଞ୍ଚୁକ। ଶ୍ରୀମନ୍ଦିରରେ ଆହୁରି ଭିଡ଼ ଲାଗିବ। ବ୍ୟବସ୍ଥିତ ଢଙ୍ଗରେ ଭିଡ଼ ନିୟନ୍ତ୍ରଣ ନ କଲେ, ବଡ଼ ଅଘଟଣକୁ ଏଡ଼ାଇ ଦିଆଯାଇନପାରେ। ଏଥିପାଇଁ ପ୍ରଶାସନ ସଜାଗ ହେବା ଦରକାର ବୋଲି କହିଛନ୍ତି ପୁରୀର ବୁଦ୍ଧିଜୀବୀ ସ୍ୱାଧୀନ କୁମାର ପଣ୍ଡା।

# ‘ଜୀବାତ୍ମା ଓ ପରମାତ୍ମାଙ୍କ ମହାମିଳନ କ୍ଷେତ୍ର ଶ୍ରୀକ୍ଷେତ୍ର’

**ପୁରୀ,୨୬।୧୦(ସମିସ):** ସ୍ଥାନୀୟ ରାଣୀସତୀ ଭବନ ପରିସରରେ ଶନିବାର ଶ୍ରୀଗୁଣ୍ଡିଚା ଟ୍ରଷ୍ଟ ପୁରୀ ପକ୍ଷରୁ ରାଧା ଦାମୋଦର ଉପାସନା ଓ ମହାକାର୍ତ୍ତିକ ବ୍ରତ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ମିଶ୍ର ଉଦ୍‌ଘାଟନ କରି କହିଲେ, ଶ୍ରୀକ୍ଷେତ୍ର ହେଉଛି ଜୀବାତ୍ମା ଓ ପରମାତ୍ମାଙ୍କ ମହାମିଳନ କ୍ଷେତ୍ର। ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରମାତ୍ମା ରୂପେ ବିରାଜମାନ କରିଛନ୍ତି। ଆଦିଗୁରୁ ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମ ସ୍ୱରୂପରେ ରାଧା କୃଷ୍ଣଙ୍କ ମିଳିତ ତନୁ ରୂପେ ଅବଲୋକନ କରି ଭାରତ ବର୍ଷରେ ଶ୍ରେଷ୍ଠତମ ଧାମ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଶାସ୍ତ୍ରବିତ୍ ପ୍ରଫେସର ପ୍ରଦୀପ୍ତ କୁମାର ଶତପଥୀ ଯୋଗଦେଇ କହିଥିଲେ, ମୂଳ ପ୍ରକୃତି ସ୍ୱରୂପିଣୀ ଜଗଦମ୍ବିକା ରାଧା ଶ୍ରୀକ୍ଷେତ୍ରରେ ଭୁବନେଶ୍ୱରୀ ସୁଭଦ୍ରା ରୂପେ ବିରାଜିତ। ତେଣୁ ମହା କାର୍ତ୍ତିକ ମାସରେ ଦ୍ୱୈତ ମତବାଦ ବା ସାଂଖ୍ୟ ଦର୍ଶନ ଆଧାରରେ ବିଧବା ନାରୀମାନେ ଦିବଂଗତ ସ୍ୱାମୀଙ୍କର ମୋକ୍ଷ କାମନା କରି ବୃନ୍ଦାବତୀ ସେବା ଓ ଆକାଶଦୀପ ଜାଳି ଏକମାସ ବ୍ରତ ରଖନ୍ତି। ତେଣୁ ଜଗନ୍ନାଥ ଧାମ ଧର୍ମ, ଅର୍ଥ, କାମ ଓ ମୋକ୍ଷ କ୍ଷେତ୍ର ଅଟେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବରିଷ୍ଠ ସେବାୟତ ଭଗବାନ ସୁଆର, ପ୍ରଫେସର ଅଭିମନ୍ୟୁ ଭୂୟାଁ, ଟ୍ରଷ୍ଟର ସଦସ୍ୟା ପ୍ରତିଭା ତ୍ରିପାଠୀ, ବିଜୟଲକ୍ଷ୍ମୀ ଦାଶ ଓ ଗୁଣ୍ଡିଚା ଆଧ୍ୟାତ୍ମିକ ପତ୍ରିକାର ମୁଖ୍ୟ ସମ୍ପାଦକ ମଦନମୋହନ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଉଦ୍‌ଘାଟନ ପର୍ବରେ ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କାର୍ତ୍ତିକ ସ୍ୱତନ୍ତ୍ର ବିଶେଷାଙ୍କ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ପ୍ରଫେସର ପ୍ରଦୀପ୍ତ କୁମାର ଶତପଥୀ, ବିଶିଷ୍ଟ ଗାଳ୍ପିକ ସନ୍ତୋଷ କୁମାର ସେଠୀ, ସାହିତ୍ୟିକ ଗୋଲକ ବିହାରୀ ପରିଡ଼ା, ଲେଖିକା ଚନ୍ଦ୍ରମଣି ଦାଶ, ସମାଜସେବୀ ଇଂ. ଜଗନ୍ନାଥ ରାଓ, ଶିକ୍ଷାବିତ୍ ଝାଡ଼େଶ୍ୱର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଆଲୋଚନାଚକ୍ରରେ ପ୍ରଫେସର ପ୍ରମୋଦ କୁମାର ପଣ୍ଡା, କୈଳାସ ଚନ୍ଦ୍ର ସାହୁ, ପ୍ରଭାତ ଚନ୍ଦ୍ର ରଥ, ଇଂ. କେଶବ ଚନ୍ଦ୍ର ପାତ୍ର, ଗୋଲକ ବିହାରୀ ପରିଡ଼ା, ଭାଗବତ ପ୍ରସାଦ ପଟ୍ଟନାୟକ, ବିଜୟ ପଣ୍ଡା, ଅନ୍ନପୂର୍ଣ୍ଣା ଦେବୀ, ସାରଙ୍ଗଧର ଷଡ଼ଙ୍ଗୀ, ଆଶାଲତା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସୁଶ୍ରୀ ସର୍ବାଣୀ ଦାସ। ପରିଚାଳନାରେ ସହଯୋଗ କରିଥିଲେ ତପନ କୁମାର ସେଠୀ, ଅଜୟ କୁମାର ଦାସ, ମାନସୀ ରଥ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସୁଶ୍ରୀ କ୍ରିଷ୍ଣା ମହାପାତ୍ର।

# ୭ ଦଫା ଦାବିରେ ଗର୍ଜିଲେ ପାଚିକା

## ଦାବି ପୂରଣ ନ ହେଲେ ରୋଷେଇ ଛାଡ଼ ବିକ୍ଷୋଭ ସମାବେଶ



**ପୁରୀ,୨୬।୧୦(ସମିସ):** ଶ୍ରୀଚୈତନ୍ୟ ଚନ୍ଦ୍ରାଶ୍ରମ ସମ୍ମିଳନୀ କକ୍ଷରେ ରବିବାର ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂଘର ରାଜ୍ୟ ସମ୍ମିଳନୀ ସଂଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା'ମାନଙ୍କ ପ୍ରତି ସରକାରଙ୍କ ପକ୍ଷରୁ ଲଗାତାର ଅଣଦେଖା କରାଯାଉଥିବା ନେଇ ୭ ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପାଚିକା ମା'ମାନଙ୍କର ନିଯୁକ୍ତିପତ୍ର, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଦୈନିକ ୪୬୨ ଟଙ୍କା ହିସାବରେ ମାସିକ ୧୩,୮୬୦ ଟଙ୍କା ପ୍ରଦାନ, ସରକାର ପାଚିକାଙ୍କ ନିଯୁକ୍ତି ଏବଂ ଅବସର କଥା ବୁଝିବା, ଅବସରକାଳୀନ ଭତ୍ତା ସ୍ୱରୂପ ୧ ଲକ୍ଷ ଟଙ୍କା ପ୍ରଦାନ, ମାସର ପ୍ରଥମ ସପ୍ତାହରେ ପାରିଶ୍ରମିକ ଦେବା, ପାଚିକା ମା'ମାନଙ୍କୁ ୧୨ ମାସର ଦରମା ପ୍ରଦାନ ଏବଂ ସାମାଜିକ ସ୍ୱୀକୃତି ସ୍ୱରୂପ ଉକ୍ତ କାର୍ଯ୍ୟକ୍ଷେତ୍ରର ବୈଧ ପରିଚୟ ପତ୍ର ପ୍ରଦାନ ଦାବି କରାଯାଇଥିଲା। ଆଗାମୀ ଶୀତକାଳୀନ ଅଧିବେଶନ ପୂର୍ବରୁ ଏ ସମସ୍ତ ଦାବିକୁ ପୂରଣ କରିବା ପାଇଁ ସରକାରଙ୍କୁ ସମ୍ମିଳନୀ ଜରିଆରେ ଅନୁରୋଧ କରାଯାଇଛି। ସରକାର ବକେୟା ପାରିଶ୍ରମିକ ପ୍ରାପ୍ୟ ତୁରନ୍ତ ଏକ ମାସ ଭିତରେ ପୈଠ କରିବା ପାଇଁ ଦାବି କରିବା ସହ ସୋମବାର ପୁରୀ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ସୁଦ୍ଧା ସରକାର ମା'ମାନଙ୍କର ଦାବି ପୂରଣ ନ କଲେ ଶୀତକାଳୀନ ବିଧାନସଭାରେ ରାଜ୍ୟ ସଂଘ ତରଫରୁ ରୋଷେଇ ଛାଡ଼ ବିକ୍ଷୋଭ ମହାସମାବେଶ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ରାଜ୍ୟ ଉପଦେଷ୍ଟା ପ୍ରଦୀପ ନାୟକ, ଉପସଭାପତି କାର୍ତ୍ତିକ ସା, ଉପସଭାନେତ୍ରୀ ଶାନ୍ତି ଲୋହରା, କାର୍ଯ୍ୟକାରୀ ସଭାନେତ୍ରୀ ସରୋଜିନୀ କୁମୁରା, ସାଧାରଣ ସମ୍ପାଦିକା ସୁମିତ୍ରା ରଥ, ସମ୍ପାଦକ ଜଗନ୍ନାଥ ମୁଦୁଲି, ବିଜୟ ରଥ, ସୁରେନ୍ଦ୍ର ଧାରୁଆ, ରାଜ୍ୟ ସମ୍ପାଦିକା ଶୁଭଦ୍ରା ଦାସ, ପ୍ରଭାତି ରାଉଳ, ସୁଲ ଗନ୍ତାୟତ, ରୁକ୍ମିଣୀ ଆସ୍କା, ଜୟନ୍ତୀ ମହାରଣା, ସଞ୍ଜୁଲତା ବିଶ୍ୱାଳ, ଦ୍ରୌପଦୀ ସାହୁ, ଲୀଳାବତୀ ମହାନ୍ତ, ନର୍ମଦା ସାହୁ, ସୁମନ୍ତିନୀ ପୋଡ଼, ବିଜୟ ପୃଶେକ, ଭାବଗ୍ରାହୀ ମହାନ୍ତ, ବେଣୁଧର ସାମଲ ପ୍ରମୁଖ ରାଜ୍ୟ କର୍ମକର୍ତ୍ତାଙ୍କ ସହ ସମସ୍ତ ଜିଲ୍ଲାର ସଭାପତି, ସମ୍ପାଦିକା ଓ ବ୍ଲକ୍ ସଭାପତି, ସମ୍ପାଦିକା ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

**ଚାରିଛକ,୨୬।୧୦(ସମିସ):** ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ଅଞ୍ଚଳରେ ଶନିବାର ମଧ୍ୟାହ୍ନରେ ଜଣେ ୧୩ ବର୍ଷୀୟା ନାବାଳିକାକୁ ଜଣେ ଯୁବକ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଗ୍ରହଣ କରି ପୁଲିସ ଏକ ମାମଲା ରୁଜୁ କରି ଦୁଷ୍କର୍ମକାରୀ ଯୁବକକୁ ଗିରଫ କରିଛି। ପ୍ରକାଶ ଯେ, ଉକ୍ତ ଥାନା ଅନ୍ତର୍ଗତ ଆଗରଶାସନ ଗ୍ରାମର ରତିରଞ୍ଜନ ନାୟକ ଓରଫ ଜିତୁ(୨୬) ଏକ ବାଇକ୍‌ରେ ଆସି ନାବାଳିକାକୁ ଉଠାଇ ନେଇ ନିକଟସ୍ଥ ଜଙ୍ଗଲରେ ଦୁଷ୍କର୍ମ କରିଥିଲା। ଖବର ପାଇ ନାବାଳିକାର ବାପା ଘଟଣାସ୍ଥଳରେ ପହଞ୍ଚିବାରୁ ଜିତୁ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ନାବାଳିକାର ମାଆ ଏ ସମ୍ପର୍କରେ ଚାରିଛକ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ୧୩୨/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜିତୁକୁ ଗିରଫ କରିବା ସହ ନାବାଳିକାକୁ ଡାକ୍ତରୀମାଇନା ପାଇଁ ପଠାଇଛି। ସୋମବାର ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମମତା ବିଶ୍ୱାଳ ସୂଚନା ଦେଇଛନ୍ତି।

## ଦୋକାନୀଙ୍କୁ ଆକ୍ରମଣ ଅଭିଯୋଗରେ ୨ ଗିରଫ

**ନିମାପଡ଼ା,୨୬।୧୦(ସମିସ):** ନିମାପଡ଼ା ଥାନା ପୁଲିସ ଚୋରି ଓ ଆକ୍ରମଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ ଅଲଣ୍ଡି ଗ୍ରାମର ସନ୍ତୋଷ ମଲ୍ଲିକ ନାମକ ଯୁବକ ଅଲଣ୍ଡି ଛକରେ ଏକ ପାନ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବାବେଳେ ରବିବାର ସକାଳ ୭ଟାରେ ଉକ୍ତ ଥାନା ଅଞ୍ଚଳର ଦୁଇଜଣ ଯୁବକ କାଳିଆ ଓ ଲକ୍ଷ୍ମଣ ଦୋକାନ କବାଟ ଭାଙ୍ଗି ଭିତରେ ପଶି ବିଭିନ୍ନ ସାମଗ୍ରୀ ଓ ଟଙ୍କା ଲୁଟି ନେଇ ପଳାଇ ଯାଉଥିଲେ। ସନ୍ତୋଷ ଏହା ଦେଖି ପ୍ରତିବାଦ କରିବାରୁ ସେମାନେ ପାଖରେ ରଖିଥିବା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ସନ୍ତୋଷ ଜୋର୍‌ରେ ଚିତ୍କାର କରିବାରୁ କେତେକ ବ୍ୟକ୍ତି ସେଠାରେ ପହଞ୍ଚି ସନ୍ତୋଷଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲେ। ଏ ସମ୍ପର୍କରେ ସନ୍ତୋଷ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବ ଜଣାପଡ଼ିଛି।

# ନୟାହାଟରେ ନାହିଁ ବସ୍‌ଷ୍ଟାଣ୍ଡ, ଶୌଚାଳୟ, ବିଶ୍ରାମାଗାର

**ନୟାହାଟ,୨୬।୧୦(ସମିସ):** ଭୋଟ୍ ପରେ ଭୋଟ୍ ଦେଇ ଚାଲିଥିବା ନୟାହାଟ ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି କରିଆସୁଥିବା ବିଭିନ୍ନ ସମସ୍ୟା ଅଦ୍ୟାବଧି ପୂରଣ ହୋଇପାରିଲା ନାହିଁ। କେବେ ହେବ ତାହା ମଧ୍ୟ କହିହେବ ନାହିଁ। ସାଧାରଣ ଜନତା ନାହିଁ ନ ଥିବା ଦୁଃଖ କଷ୍ଟ ଭୋଗୁଥିବାବେଳେ ସେମାନଙ୍କର ଦାବିକୁ ସରକାର ପୂରଣ କରିବାରେ ସମର୍ଥ ହୋଇପାରି ନାହାନ୍ତି। ନୟାହାଟ ଅଞ୍ଚଳ ଏକ ବ୍ୟାବସାୟିକ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏହାରି ଉପରେ ଗୋପ, ନିମାପଡ଼ା, କାକଟପୁର, ଅସ୍ତରଙ୍ଗ, ନିଆଳି, ନାଉଗାଁ ବ୍ଲକ୍‌ର ଅନେକ ପଞ୍ଚାୟତର ହଜାର ହଜାର ଚାଷୀ, ବ୍ୟବସାୟୀ ଓ ସାଧାରଣ ଜନତା କିଣାବିକା କରିବା ପାଇଁ ନିର୍ଭର କରିଥା'ନ୍ତି। ସକାଳୁ ରାତି ୮ଟା ପର୍ଯ୍ୟନ୍ତ ହାଟ ଚାଲେ। କିନ୍ତୁ ବ୍ୟବସାୟୀ ଓ ଚାଷୀମାନେ ଶୌଚ ହେବା ପାଇଁ ଶୌଚାଳୟଟିଏ ମଧ୍ୟ ନାହିଁ। ଲୋକମାନେ ଶୌଚ ପାଇଁ କୁଣ୍ଡେଇ କେନାଲ ବନ୍ଧକୁ ଯାଉଛନ୍ତି। ସେହିପରି ବସ୍‌ଷ୍ଟାଣ୍ଡ ନ ଥିବାରୁ ବସ୍‌ରେ ଯିବା ପାଇଁ କଲେଜ ପିଲା ଓ ଯାତ୍ରୀମାନେ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥା'ନ୍ତି। ଖରା ଓ ବର୍ଷାରେ ଯାତ୍ରୀମାନେ ଦୋକାନ ବାରଣ୍ଡାରେ ବସୁଥିବାବେଳେ ସେମାନଙ୍କ ପାଇଁ ବିଶ୍ରାମାଗାରଟିଏ ନାହିଁ। ନୟାହାଟରେ ଫାଣ୍ଡି ଥିଲେ ମଧ୍ୟ ଆବଶ୍ୟକ ପୁଲିସ କର୍ମଚାରୀ ନାହାନ୍ତି। ଏଠାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଗୋପ ଥାନାରୁ ଭ୍ୟାନ୍ ଆସିବାକୁ ଘଣ୍ଟେ ସମୟ ଲାଗେ। ସେତେବେଳକୁ କାମ ସରିଥାଏ। ଫାଣ୍ଡିରେ ଗାଡ଼ି ନାହିଁ କି କର୍ମଚାରୀ ନାହାନ୍ତି। ଥାନା ପାଇଁ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, କୃଷ୍ଣ କରିକ, ଅନନ୍ତ ସାହୁ, କେଦାର ସାହୁ, କ୍ଷେତ୍ରମୋହନ ସାହୁ, ମଧୁସୂଦନ ରାୟ ପ୍ରମୁଖ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ବା ସରକାରୀ କଳ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି ବୋଲି ବରିଷ୍ଠ ନାଗରିକଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

# ସିପିଆଇ ପୁରୀ ଜିଲ୍ଲା ପରିଷଦ ବୈଠକ

**ନିମାପଡ଼ା,୨୬।୧୦(ସମିସ):** ସ୍ଥାନୀୟ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଅଫିସରେ ପୁରୀ ଜିଲ୍ଲା ପରିଷଦ ବୈଠକ ରବିବାର ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ପରିଷଦ ସଦସ୍ୟ ବ୍ରଜବନ୍ଧୁ ପ୍ରଧାନ, ଦେବେନ୍ଦ୍ର ନାଥ ସାହୁ, ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ବିପିନ ରାଉତ, ଗୋଲେଖ ନାୟକ, ହରିହର ସେନାପତି, ବ୍ରହ୍ମାନନ୍ଦ ଦାସ, ସୁକାନ୍ତ ମହାନ୍ତି, ସୁରେଶ ଚନ୍ଦ୍ର ବିଶ୍ୱାଳ, ନରହରି ତ୍ରିପାଠୀ, ଭିକାରୀ ସେଠୀ, ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ଦଣ୍ଡପାଣି ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ଚାଷଜମିକୁ ଜଳସେଚନ, ଜଳନିଷ୍କାସନର ବ୍ୟବସ୍ଥା, ଧାନମଣ୍ଡିରେ କଟ୍‌ନି ଛଟ୍‌ନି ବନ୍ଦ କରିବା, ସାରର ଅଭାବ ଓ ମୂଲ୍ୟବୃଦ୍ଧି ରୋକିବା, ବନ୍ୟ ପଶୁ ଓ ବୁଲା ଗାଈଗୋରୁଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବା, ବେକାରୀ ଯୁବକମାନଙ୍କୁ ନିଯୁକ୍ତି ଦେବା, ମହିଳାଙ୍କ ସୁରକ୍ଷା ଦାବିରେ ସିପିଆଇ ପକ୍ଷରୁ ଜିଲ୍ଲାସ୍ତରରେ ଆନ୍ଦୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଦୁର୍ବଳ ହେଲାଣି ମକରା ସେତୁ



**କଣାସ,୨୬।୧୦(ସମିସ):** ରାମେଶ୍ୱରଠାରୁ ନୂଆଜଗନ୍ନାଥ ସଡ଼କ ପୁରୀକୁ ସଂଯୋଗ କରୁଥିବାବେଳେ କଣାସ ବ୍ଲକ୍ ନିକଟ ଚୁପୁରିଙ୍ଗିଠାରେ ମକରା ସେତୁ ଉପରେ କଂକ୍ରିଟ୍ ଛାଡ଼ିଯାଇ ଛଡ଼ଗୁଡ଼ିକ ବାହାରି ସେତୁଟି ଦୁର୍ବଳ ହୋଇପଡ଼ିଛି। ପୂର୍ବରୁ ମଧ୍ୟ ସେତୁର ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଛାଡ଼ିଯାଇ ଛଡ଼ ବାହାରି ପଡ଼ିଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ମରାମତି କରିଥିବାବେଳେ ପୁଣି ସେହି ସ୍ଥାନ ଉପରୁ କଂକ୍ରିଟ୍ ବାହାରିପଡ଼ି ଛଡ଼ଗୁଡ଼ିକ ଉପରକୁ ଦେଖାଯାଉଥିବା ବେଳେ ଦୈନିକ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ତୁରନ୍ତ ସେତୁଟିକୁ ମରାମତି କରିବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଅଣସାକ୍ଷରଙ୍କ ନିମନ୍ତେ ‘ଉଲ୍ଲାସ’ କାର୍ଯ୍ୟକ୍ରମ



**ସାକ୍ଷୀଗୋପାଳ,୨୬।୧୦(ସମିସ):** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବଦ୍ୟାଳୟରେ ‘ଉଲ୍ଲାସ’ କାର୍ଯ୍ୟକ୍ରମର ପ୍ରାଥମିକ ପର୍ଯ୍ୟାୟ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ରାହ୍ମଣପଡ଼ା, ଲାଣ୍ଡୁପଡ଼ା, ବାମଦେଇପୁର ଗ୍ରାମର ୩୯ ଜଣ ଅଣସାକ୍ଷର ପୁରୁଷ ଓ ମହିଳା ଯୋଗଦେଇଥିଲେ। ସରକାରଙ୍କ ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଆଗ୍ରହର ସହିତ ଶୈକ୍ଷିକ କାର୍ଯ୍ୟ ସମ୍ପାଦନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିନାରାୟଣ ମହାନ୍ତି ଏବଂ ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ସହ ବିଆର୍‌ସିସି ପ୍ରଭାସ ଚନ୍ଦ୍ର କରଣ ଏବଂ ସିଆର୍‌ସିସି ଅଜୟ ପ୍ରଧାନ ପର୍ଯ୍ୟବେକ୍ଷକ ଭାବରେ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

# ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା

## ପୁରୁଷରେ ଗୋପୀନାଥ ଦେବ ଓ ମହିଳାରେ ସୁରଜମଲ୍ଲ ଶାହା ଚାମ୍ପିଅନ

**ପୁରୀ,୨୬।୧୦(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଗୋପୀନାଥ ଦେବ ଡିଗ୍ରୀ କଲେଜ ସଂଯୋଜନାରେ ରବିବାର ପୁରୀର ବାରବାଟୀ ଯାଗା ପରିସରରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପୁରୁଷ ଓ ମହିଳା କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ମଦନମୋହନ ଖୁଣ୍ଟିଆ, ଗୋପାଳକୃଷ୍ଣ ମହାସୁଆର, ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁଦର୍ଶନ ମହାରଥୀ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୨୦ଟି କଲେଜର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ନୀଳକଣ୍ଠ ମିଶ୍ର ଓ ବିଚାରକ ଭାବେ ହରିହର କର ଉକ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଡିଗ୍ରୀ କଲେଜର ଖେଳ ବିଭାଗର ଉପସଭାପତି ଭାସ୍କର ଚନ୍ଦ୍ର ସାହୁ, କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ମିଶ୍ର, ନୃସିଂହ ପାଇକରାୟ, ଜିତେନ୍ଦ୍ର ସାହୁ ଏବଂ ପୃଥ୍ୱୀରାଜ ଜେନା ପରିଚାଳନାରେ ସହଯୋଗ କରିଥିଲେ। ପୁରୁଷ ବିଭାଗରେ ଗୋପୀନାଥ ଦେବ ଡିଗ୍ରୀ କଲେଜ ଏବଂ ବାଳିକା ବିଭାଗରେ ସୁରଜମଲ୍ଲ ଶାହା ମହାବିଦ୍ୟାଳୟ ଦଳଗତ ଚାମ୍ପିଅନ ହୋଇଥିଲେ।

**● ଅଷ୍ଟମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ**

# ୮ ଦିନ ହେଲା ୩ ଅଭିଯୁକ୍ତଙ୍କ ଟେର୍ ପାଉନି ପୁଲିସ

**କଣାସ,୨୬।୧୦(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ଅଷ୍ଟମ ଶ୍ରେଣୀ (୧୪) ଛାତ୍ରୀ ଗତ ୧୭ ତାରିଖ ଦିନ ବିଦ୍ୟାଳୟ ଛୁଟି ପରେ ଘରକୁ ଫେରୁଥିବାବେଳେ ୩ ଯୁବକ ବାଇକ୍‌ରେ ଆସି ତାକୁ ଟଣାଓଟରା କରିବା ସହ ଅପହରଣ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଚିତ୍କାର କରିବାରୁ ଆଖପାଖରେ ଥିବା ଲୋକମାନେ ଦୌଡ଼ି ଆସିବାରୁ ଯୁବକମାନେ ବାଇକ୍ ଛାଡ଼ି ପଳାଇଥିଲେ। ଛାତ୍ରୀଙ୍କ ପରିବାର ଲୋକ ଗଡ଼ିଶାଗୋଦା ଥାନାରେ ପନାକ୍ଷୀରି ଗ୍ରାମର ରାଜେଶ ସ୍ୱାଇଁ, ଜୟପାଟଣା ଗ୍ରାମର ଦୀପକ ମାଝୀ ଓ କଳାମାଟି ଗ୍ରାମର କୁନା ମହାପାତ୍ରଙ୍କ ନାମରେ ସେହିଦିନ ଏତଲା ଦେଇଥିଲେ। ତେବେ ୮ ଦିନ ହେଲାଣି ପୁଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କ ଟେର୍ ପାଉନଥିବାବେଳେ ଗ୍ରାମରେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ରାଜନୈତିକ ଚାପ ପକାଇ ଘଟଣାଟିକୁ ସାମାଧାନ କରିଦେବା ପାଇଁ ଉଦ୍ୟମ ଜାରି ରହିଥିଲା। ଗଡ଼ିଶାଗୋଦା ଥାନା ଆଇଆଇସି ସୁଧିର ଦାସଙ୍କୁ ପଚାରିବାରୁ, ମୁଁ ଏକ କେସ୍‌ରେ ୫ରୁ ୬ ଦିନ ହେଲା ବାହାରକୁ ଯାଇଥିଲି। ଆସିବା ପରେ ଘଟଣା ସମ୍ପର୍କରେ ଜାଣି ଗଡ଼ିଶାଗୋଦା ଥାନାରେ ଏକ ମୋକଦ୍ଦମା ରୁଜୁ କରାଯାଇ ଆସାମୀମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ସେମାନେ ଗ୍ରାମରୁ ଫେରାର୍ ହୋଇଯାଇଛନ୍ତି। ତୁରନ୍ତ ସେମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି। ନାବାଳିକାର ଚିରା ସାର୍ଟଟିକୁ ପୁଲିସ ଜବତ କରିଛି।

**■ ବିବାଦୀୟ ଜମିକୁ ନେଇ ହାଇକୋର୍ଟଙ୍କ ଛାଟ**

# ଜବରଦଖଲ ଜମିରେ ମାପଚୁପ ଆରମ୍ଭ



**କାକଟପୁର/ବାଙ୍ଗୁରିଗାଁ,୨୬।୧୦(ସମିସ):** କାକଟପୁର ବ୍ଲକ୍ ଅଧୀନସ୍ଥ କଣ୍ଟାପଡ଼ା ଗ୍ରାମପଞ୍ଚାୟତ ଗମ୍ଭାରିପଦା ଗ୍ରାମରେ ଜବରଦଖଲରେ ଥିବା ଏକ ଜମିକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରବିବାର ମାପଚୁପ ଆରମ୍ଭ ହୋଇଛି। ଏହି ଜାଗାକୁ କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ ଜବରଦଖଲ କରିଥିବା ନେଇ ଗ୍ରାମର ଜଳନ୍ଧର ନାୟକ, ଅରକ୍ଷିତ କାଣ୍ଡି, ଅଭୟ ଖୁଣ୍ଟିଆ ହାଇକୋର୍ଟରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ହାଇକୋର୍ଟଙ୍କ ନିର୍ଦ୍ଦେଶନାମା, ଡବ୍ଲ୍ୟୁପିସି ୩୬୯୭/୨୨.୧୧.୨୦୨୪ ଆଦେଶ ତାରିଖ ୨୪.୨.୨୦୨୫ ଅନୁସାରେ କାକଟପୁର ତହସିଲ୍‌ଦାରଙ୍କ ଚିଠି ସଂଖ୍ୟା ୩୫୧୬/୧୦.୧୦.୨୦୨୫ ମୁତାବକ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ଉପସ୍ଥିତିରେ ସରକାରୀ ଅମିନଙ୍କ ଦ୍ୱାରା ମାପଚୁପ କରାଯାଇଛି। ମାପରେ ଶ୍ରୀଧର ନାୟକଙ୍କ ଜବରଦଖଲ ଜାଗା ଖରିଗାଡ଼ିଆ କେନାଲ ବ୍ରିଜ୍‌ଠାରୁ କାଳୀମଣ୍ଡପ ବ୍ରିଜ୍ ଯାଏଁ ମାପ ହୋଇ କେତେକ ପ୍ରତିବନ୍ଧକ ଯୋଗୁଁ ମାପ ଅମୀମାଂଶିତ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମାପକୁ ସ୍ୱୟଂସମ୍ପୂର୍ଣ୍ଣ କରାଯିବ ବୋଲି ଉପସ୍ଥିତ ସରକାରୀ କର୍ମଚାରୀ ମତବ୍ୟକ୍ତ କରିଥିଲେ। ଉକ୍ତ ଘଟଣାକୁ ନେଇ ସାଧାରଣରେ ଚାପା ଉତ୍ତେଜନା ଲାଗିରହିଛି।

# ଆଜ୍‌ବେଷ୍ଟସ ଭାଙ୍ଗି ଲୁଗା ଦୋକାନରୁ ଚୋରି

**ଚାରିଛକ,୨୬।୧୦।(ସମିସ):** ଚାରିଛକ ବଜାରର ଗୋପ ରାସ୍ତାରେ ଥିବା ଏକ ଲୁଗା ଦୋକାନରୁ ପ୍ରାୟ ୬ ଲକ୍ଷ ଟଙ୍କାର ଲୁଗା ଚୋରି ହୋଇଥିବା ନେଇ ଚାରିଛକ ଥାନାରେ ରବିବାର ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଏ ଯେ, ଚାରିଛକ ଥାନା କଳାପାଞ୍ଚଣ ଗ୍ରାମର ରଞ୍ଜନ ନାୟକଙ୍କ ଚାରିଛକ ବଜାରସ୍ଥିତ ଗୋପ ରାସ୍ତାରେ ଏକ ଲୁଗା ଦୋକାନ ରହିଛି। ଶନିବାର ରାତିରେ ରଞ୍ଜନ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳେ ଆସି ଦୋକାନ ଖୋଲିବାରେ ଦୋକାନ ଘରର ଆଜ୍‌ବେଷ୍ଟସ ଭଙ୍ଗା ହୋଇଥିବା ସହିତ ଲୁଗା, ଡ୍ରେସ୍ ଏବଂ ଅନ୍ୟାନ୍ୟ ପୋଷାକ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଚୋରି ଯାଇଥିବା ସାମଗ୍ରୀର ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ ବୋଲି ଦୋକାନ ମାଲିକ ରଞ୍ଜନ ଥାନାରେ କରିଥିବା ଅଭିଯୋଗରୁ ଜଣାଯାଏ। ଅଭିଯୋଗକୁ ଗ୍ରହଣ କରି ଚାରିଛକ ପୁଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଚାରିଛକ ବଜାରରେ ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ବଜାର ସଭାପତି ସନ୍ତୋଷ ପ୍ରଧାନ ଦାବି କରିଛନ୍ତି।

# ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଚାଷ ତାଲିମ ଶିବିର



**ସାକ୍ଷୀଗୋପାଳ,୨୬।୧୦(ସମିସ):** କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ ପରିସରରେ ବ୍ୟାବସାୟିକ ଭିତ୍ତିରେ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଚାଷ ସମ୍ବନ୍ଧୀୟ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି), ଭୁବନେଶ୍ୱର ଅଧୀନରେ କାର୍ଯ୍ୟ କରୁଥିବା ସର୍ବଭାରତୀୟ ସଂଯୋଜିତ ଔଷଧୀୟ ଉଦ୍ଭିଦ, ସୁଗନ୍ଧିତ ଉଦ୍ଭିଦ ଏବଂ ପାନ ଗବେଷଣା ପ୍ରକଳ୍ପ ଆନୁକୂଲ୍ୟରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ସୁବାସ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଓୟୁଏଟିର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମନୁଷ୍ୟର ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଔଷଧୀୟ ଉଦ୍ଭିଦର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଗୁଜରାଟସ୍ଥିତ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଗବେଷଣା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ମନିଷ ଦାସ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଚାଷ କରିବାକୁ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ପରିଷଦର ପୂର୍ବତନ ଉପ ମହାନିର୍ଦ୍ଦେଶକ ଡ. ଏମ୍. ଏମ୍. ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦ ଚାଷର ଆବଶ୍ୟକତା ବିଷୟରେ ଅବଗତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ଜଗନ୍ନାଥ ସଂସ୍କୃତିରେ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦର ଉପାଦେୟତା ବିଷୟରେ ଚାଷୀମାନଙ୍କୁ ସୂଚନା ଦେଇଥିଲେ। ଉଦ୍‌ଘାଟନ ଉତ୍ସବ ପରେ ଚାଷୀମାନଙ୍କୁ ବୈଷୟିକ ତାଲିମ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଫାଇଟୋ ବାୟକ୍ସ ଔଷଧୀୟ କମ୍ପାନୀର ନିର୍ଦ୍ଦେଶକ ଏସ୍.କେ. ଦାସ ଓଡ଼ିଶାରେ ଔଷଧୀୟ ଉଦ୍ଭିଦର ବ୍ୟାବସାୟିକ ଚାଷର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବରଗଡ଼ ଜିଲ୍ଲାସ୍ଥିତ ଗନ୍ଧମାର୍ଦ୍ଦନ ବନସ୍ପତି ବନ ସମାଜର ସମ୍ପାଦକ ବିଭୂତିଭୂଷଣ ମୁଣ୍ଡ ଔଷଧୀୟ ଉଦ୍ଭିଦର ଅମଳ ପ୍ରକ୍ରିୟାକରଣ ଓ ବିପଣନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ବିଭିନ୍ନ ଗ୍ରାମରୁ ୧୧୦ରୁ ଅଧିକ ଅନୁସୂଚିତ ଜାତି ଓ ଜନଜାତି ଚାଷୀ ଓ କୃଷିଜୀବୀ ମହିଳା ଯୋଗଦେଇଥିଲେ। ଭୁବନେଶ୍ୱରସ୍ଥିତ ସର୍ବଭାରତୀୟ ସଂଯୋଜିତ ଔଷଧୀୟ ଓ ସୁଗନ୍ଧିତ ଉଦ୍ଭିଦର ଗବେଷଣା ପ୍ରକଳ୍ପର ରୋଗ ନିଦାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ସୁଶ୍ରୀ ସଙ୍ଗୀତା ବଳ ଧନ୍ୟବାଦ ଅର୍ପଣ କରିଥିଲେ।

C-1314

OFFICE OF THE MUNICIPAL COUNCIL, ANANDAPUR
email:-executiveofficer_andp@rediffmail.com
Phone No:- 06731-24088
E-PROCUREMENT NOTICE
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26
INVITATION FOR BID

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025 to 5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate (DSC)**.
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

OIPR-13049/11/0018/2526

Executive Officer,
Anandapur Municipality

# ‘ମୋନ୍ଥା’ ମୁକାବିଲା ନେଇ ପୁରୀ ପ୍ରଶାସନ ପ୍ରସ୍ତୁତ




ପୁରୀ,୨୬।୧୦(ସମିସ): ଆସୁଛି ବାତ୍ୟା ‘ମୋନ୍ଥା’। ଓଡ଼ିଶାରେ ଏହା ସିଧାସଳଖ ମାଡ଼ ହେଉ ନ ଥିବା ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଏହାର ପ୍ରଭାବରେ ପ୍ରବଳ ବର୍ଷା ଏବଂ କିଛି କିଛି ଜିଲ୍ଲାରେ ପବନ ହେବା ସମ୍ଭାବନା ରହିଛି। ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ପୁରୀ ଜିଲ୍ଲା ପ୍ରଶାସନ। ଅରେଞ୍ଜ ଜୋନ୍‌ରେ ପୁରୀ ରହିଥିବାବେଳେ ପ୍ରଶାସନ ଆଗୁଆ ସଜାଗ ଏବଂ ସତର୍କ ହୋଇଛି। ଜିଲ୍ଲାର ସବୁ ତହସିଲ୍‌ରେ ୮,୯୨୪ଟି ପଲିଥିନ୍ ପ୍ୟାକେଟ୍ ରଖାଯାଇଛି। ଜିଲ୍ଲା ଗୋଦାମରେ ୩,୧୭୬ ପଲିଥିନ୍ ମହଜୁଦ ଅଛି। ସେହିପରି ୧୮୭ କ୍ୱିଣ୍ଟାଲ ଚୂଡ଼ା, ୧୭୨ କ୍ୱିଣ୍ଟାଲ ଗୁଡ଼, ୧୨୦ କ୍ୱିଣ୍ଟାଲ ଅନ୍ୟ ଖାଦ୍ୟ ମହଜୁଦ ରହିଛି। ମୋଟ୍ ୧୭୯ଟି ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରି ରଖାଯାଇଛି।

**● ୨୯ ଯାଏ ସମୁଦ୍ର ସ୍ନାନ ଉପରେ କଟକଣା**

ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରବିବାର ବେଳାଭୂମିରେ ଲାଇଫ୍‌ଗାର୍ଡଙ୍କ ସହିତ ଆଲୋଚନା କରିଛନ୍ତି। ପର୍ଯ୍ୟଟକମାନେ ଯେପରି ସୁରକ୍ଷିତ ରହିବେ ସେ ନେଇ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାପାଳ କହିଛନ୍ତି, “ସମୁଦ୍ରରେ କେହି ଯେମିତି ପର୍ଯ୍ୟଟକ ବୁଡ଼ି ନ ଯାଆନ୍ତି ସେ ନେଇ ଆମେ ଗୁରୁତ୍ୱ ଦେଉଛୁ। ପର୍ଯ୍ୟଟକଙ୍କୁ ଉଦ୍ଧାର ପାଇଁ ଯାହା ଆଧୁନିକ ଉପକରଣ ଆବଶ୍ୟକ ତାହା ଆମେ ଲାଇଫ୍‌ଗାର୍ଡଙ୍କୁ ଯୋଗାଇ ଦେଇଛୁ। ଲୋକଙ୍କୁ ସତର୍କ କରିବା ପାଇଁ ମାଇକ୍ ବ୍ୟବସ୍ଥା କରାଯାଇଛି। ଯଦି କେହି ସମୁଦ୍ର ଭିତରୁ ବୁଡ଼ିଯିବା ଅବସ୍ଥାରେ ଉଦ୍ଧାର ହେଉଛି ତାଙ୍କୁ କିଭଳି ସଙ୍ଗେ ସଙ୍ଗେ ଚିକିତ୍ସା ଯୋଗାଇ ହେବ ସେ ନେଇ ସବୁ ବ୍ୟବସ୍ଥା କରାଯାଇଛି। ସମ୍ଭାବ୍ୟ ବାତ୍ୟା ଯୋଗୁଁ ସମୁଦ୍ର ଅଶାନ୍ତ ରହିବ। ସେଥିପାଇଁ ଆସନ୍ତା ୨୯ ତାରିଖ ଯାଏ ସମୁଦ୍ରରେ ନ ଗାଧୋଇବା ପାଇଁ କଟକଣା ଲଗାଯାଇଛି। ଏହା ଉପରେ ଲାଇଫ୍‌ଗାର୍ଡମାନେ କଡ଼ା ନଜର ରଖିବା ପାଇଁ କୁହାଯାଇଛି। ଏଥିପାଇଁ ବେଳାଭୂମିରେ ନାଲି ପତାକା ଲଗାଯାଇଛି।

**● ପ୍ରସ୍ତୁତ ରହିଛି ବାତ୍ୟା ଆଶ୍ରୟସ୍ଥଳୀ**

ଜିଲ୍ଲାପାଳ କହିଛନ୍ତି, ବାତ୍ୟାକୁ ମୁକାବିଲା ପାଇଁ ଯାହା ମାର୍ଗଦର୍ଶିକା ରହିଛି, ସେହି ଅନୁଯାୟୀ ସବୁ ବିଭାଗ ପ୍ରସ୍ତୁତ ରହିଛନ୍ତି। ଆମେ ସମ୍ପୂର୍ଣ୍ଣ ଏଥିପାଇଁ ସଜାଗ ଅଛୁ। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ କରି ରଖାଯାଇଛି। ଖାଦ୍ୟ ସାମଗ୍ରୀ ମହଜୁଦ୍ ଅଛି। ବର୍ଷା ଓ ବାତ୍ୟା ଦ୍ୱାରା ଯାହା କ୍ଷୟକ୍ଷତି ହେବ ତାହା ରାଜସ୍ୱ ବିଭାଗ ପକ୍ଷରୁ ସର୍ଭେ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ଥିବାବେଳେ ଲୋକଙ୍କୁ ସଚେତନ କରାଯାଉଛି। ପ୍ରଶାସନ ବାତ୍ୟା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

**● ବେଳାଭୂମିରେ ସଜାଗ ଲାଇଫ୍‌ଗାର୍ଡ**

ପୁରୀ ବିଚ୍ ଲାଇଫ୍‌ଗାର୍ଡ ମହସଂଘ ସଭାପତି ହାରି ରାଓ କହିଛନ୍ତି, “ବାତ୍ୟା ପାଇଁ ସମୁଦ୍ର କୂଳରେ ଲାଇଫ୍‌ଗାର୍ଡମାନେ ଡ୍ୟୁଟିରେ ଅଛନ୍ତି। ଲୋକଙ୍କୁ ସଚେତନ କରାଯାଉଛି। ସମୁଦ୍ର ଭିତରକୁ ନ ଯିବାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଉଛି। କେହି ଯଦି ସମୁଦ୍ରରେ ବୁଡ଼ିଯାଏ ତାଙ୍କୁ ଉଦ୍ଧାର ପାଇଁ ଲାଇଫ୍‌ଗାର୍ଡମାନେ ସଜାଗ ରହିଛନ୍ତି। ଆମ ପାଇଁ ମେଗା ଫୋନ୍, ଅକ୍ସିଜେନ ସିଲିଣ୍ଡର, ଷ୍ଟ୍ରେଚର, ରେସ୍‌କ୍ୟୁ ଟ୍ୟୁବ୍ ସହିତ ଲାଇଫ୍‌ଗାର୍ଡ ମୁତୟନ ଅଛନ୍ତି।

**● ଲାଇଫ୍‌ଗାର୍ଡଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା**

ପ୍ରତ୍ୟେକଟି ଜୀବନକୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ବିଶେଷକରି ସମୁଦ୍ରରେ ସ୍ନାନବେଳେ ବୁଡ଼ିଯିବାର ଆଶଙ୍କା ଥିବାରୁ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ ଓ ତାହାକୁ ଭଲ ଭାବେ ତୁଲାଇ ପାରନ୍ତି ଲାଇଫ୍‌ଗାର୍ଡମାନେ। ସମ୍ପ୍ରତି ସମ୍ଭାବ୍ୟ ବାତ୍ୟାର ଆଶଙ୍କା ପରିପ୍ରେକ୍ଷୀରେ ସମୁଦ୍ର କୂଳକୁ ଆସୁଥିବା ପର୍ଯ୍ୟଟକ ଓ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆହ୍ୱାନ ଦେଇଛନ୍ତି। ରବିବାର ଗୋଲ୍‌ଡେନ ଟ୍ରି ହୋଟେଲ ସମ୍ମୁଖ ବେଳାଭୂମିରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ସମସ୍ତ ଲାଇଫ୍‌ଗାର୍ଡଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ବିଭିନ୍ନ ସହାୟତା ଉପକରଣଗୁଡ଼ିକୁ ଦେଖିଥିଲେ। ବିପର୍ଯ୍ୟୟ ସମୟର ବନ୍ଧୁ ହିଁ ପ୍ରକୃତ ବନ୍ଧୁ। ତେଣୁ ଆମେ ସମସ୍ତେ ଉଦ୍ୟମ କରିବା ପ୍ରତିଟି ଜୀବନ ଓ ଧନକୁ ସୁରକ୍ଷିତ ରଖିବା ବୋଲି କହିବା ସହ ସେମାନଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଜିଲ୍ଲାପାଳ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସହକାରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖଙ୍କ ସହ ଶତାଧିକ ଲାଇଫ୍‌ଗାର୍ଡ ଯୋଗଦେଇଥିଲେ।

## ଆଜି ହରିହର ବେଶ

ପୁରୀ,୨୬।୧୦(ସମିସ): ସୋମବାର ରତ୍ନସିଂହାସନରେ ବଡ଼ଠାକୁର ବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହେବ। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ଏହି ବେଶରେ ସଜ୍ଜିତ କରିବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶ ଏବଂ ଶ୍ରୀବଳଭଦ୍ରଙ୍କୁ ହରିହର ବେଶରେ ଭକ୍ତ ଦର୍ଶନ କରିପାରିବେ। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାର ପଡ଼ିଲେ ସେହିଦିନ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ଏ ବର୍ଷ ଗୋଟିଏ ସୋମବାର ପଡୁଥିବାରୁ ଏହି ବେଶରେ ଦର୍ଶନ ଦେବେ ବଡ଼ଠାକୁର।

## ସାହିତ୍ୟିକ ପ୍ରାଣକୃଷ୍ଣ ମହାପାତ୍ରଙ୍କ ପରଲୋକ

ପୁରୀ,୨୬।୧୦(ସମିସ): ବିଶିଷ୍ଟ ସଂଗଠକ, ସାହିତ୍ୟିକ, ସଙ୍ଗୀତ ଗୁରୁ ତଥା ଶିକ୍ଷାବିତ୍ ପ୍ରାଣକୃଷ୍ଣ ମହାପାତ୍ରଙ୍କ ୮୧ ବର୍ଷ ବୟସରେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ରବିବାର ତାଙ୍କ ପାର୍ଥିବ ଶରୀର ପୁରୀରେ ପହଞ୍ଚିବା ପରେ ଅଠନଳାଠାରେ ଭଗବତୀ ବିଦ୍ୟାନିକେତନ ପକ୍ଷରୁ ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା’ ଏବଂ ଅଞ୍ଚଳବାସୀ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମରଶରୀରକୁ ବାସେଳିସାହି ପାଣିଖାତଲେନ୍‌ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରୁ ଶୋଭାଯାତ୍ରାରେ ନିଆଯାଇ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠ ପୁତ୍ର ମନୋଜ ମହାପାତ୍ର ମୁଖାଗ୍ନି ଦେଇଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଅଧିବକ୍ତା ଦେବାଶିଷ ଦାସ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ଦାଶ, ମହେନ୍ଦ୍ର ବିଶୋଇ, ଲକ୍ଷ୍ମୀଧର ମାଝୀ, ପ୍ରଭାତ ଚନ୍ଦ୍ର ରଥ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ରାଇକିଶୋର ମହାନ୍ତି, ଡ. ହେମନ୍ତ କୁମାର ଛୋଟରାୟ, ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ର ପଟ୍ଟନାୟକ, ଗୋଲୋକ ଚନ୍ଦ୍ର ଜେନା, ପ୍ରଫୁଲ୍ଲ ରାଉତ, ଅଶ୍ୱିନୀ ପଟ୍ଟନାୟକ, ମମତା ଦାସ, ଜଳନ୍ଧର ବିଶୋଇ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ମହାପାତ୍ର ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ଭଗବତୀ ବିଦ୍ୟା ନିକେତନର ସଭାପତି, ଭକ୍ତ ସାଲବେଗ ପୀଠ ଉନ୍ନୟନ କମିଟିର କୋଷାଧ୍ୟକ୍ଷ ସହିତ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଶିକ୍ଷାନୁଷ୍ଠାନ ସହିତ ଜଡ଼ିତ ଥିଲେ।



## ରାଜ୍ୟପାଳଙ୍କୁ ସାକ୍ଷାତକଲେ ଶିଶୁ ମଙ୍ଗଳ ସମିତି



ପୁରୀ,୨୬।୧୦(ସମିସ): ପୁରୀ ଶିଶୁମଙ୍ଗଳ ସମିତି ସହିତ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସାକ୍ଷାତ୍ କରିଛନ୍ତି। ଶନିବାର ରାଜଭବନରୁ ଡକରା ପାଇବା ପରେ ପୁରୀ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜିତ୍ କୁମାର ମହାପାତ୍ର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ରୁଦ୍ରିସୁନ୍ଦର ମିଶ୍ର, ଦେବଯାନୀ ହିମାଂଶୁ ଓ ଲକ୍ଷ୍ମୀପ୍ରିୟା ପାତ୍ର ରାଜଭବନରେ ପହଞ୍ଚି ରାଜ୍ୟପାଳଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ଶିଶୁମାନେ ଆମର ଭବିଷ୍ୟତ ଓ ଦେଶର ଆସନ୍ତାକାଲିର ସମ୍ବଳ। ସେମାନଙ୍କ ସୁରକ୍ଷା, ସର୍ବାଙ୍ଗିଣ ବିକାଶ ଓ ପ୍ରତିଭାର ଉନ୍ମେଷ କ୍ଷେତ୍ରରେ ଶିଶୁ ମଙ୍ଗଳ ସମିତି ସହାୟକ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପୁରୀ ଶିଶୁମଙ୍ଗଳ ସମିତି ସର୍ବଭାରତୀୟ ସ୍ତରରେ ଦୁଇଥର ପୁରସ୍କୃତ ହୋଇଥିବାରୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ।

## ଦାଦାବଟି ମାଗି ୩ ଗିରଫ

ପୁରୀ,୨୬।୧୦(ସମିସ): ଅପରେସନ ଚକ୍ର ଅଭିଯାନରେ ୩ ଜଣ ପେସାଦାର ଅଭିଯୁକ୍ତଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ସେମାନେ ହେଲେ ଜଗନ୍ନାଥ ବଲ୍ଲଭର ମନୋଜ ଭୋଇ, ବାଲିସାହିର ମନୋରଞ୍ଜନ ପଣ୍ଡା ଏବଂ ଜଗନ୍ନାଥ ବଲ୍ଲଭରେ ରହୁଥିବା ଯାଜପୁରର ବନ୍ଧନ ମଲ୍ଲିକ। ସେମାନଙ୍କଠାରୁ ଗୋଟେ ଛୁରି, ଦୁଇଟି ମୋବାଇଲ୍ ଏବଂ ୨୪୦ ଟଙ୍କା ଜବତ କରାଯାଇଛି। ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ କହିଛନ୍ତି, ଗିରଫ ଅଭିଯୁକ୍ତମାନେ ନିୟମିତ ଭାବେ ମାଦକଦ୍ରବ୍ୟ ସେବନ କରି ଛୁରି ଦେଖାଇ ଉଠାଦୋକାନୀ ଓ ଅଟୋ ଡ୍ରାଇଭରଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିଲେ। ଏପରିକି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରି ସଙ୍ଗିନ୍ ଅଭିଯୋଗ ରହିଛି ସେମାନଙ୍କ ନାମରେ। ଭୟରେ କେହି କିଛି ପ୍ରତିବାଦ କରନ୍ତି ନାହିଁ କି ଅଭିଯୋଗ ଦିଅନ୍ତି ନାହିଁ। ରବିବାର ଟାଉନ ଥାନା ପୁଲିସ ନିଜଆଡ଼ୁ ଗୋଟିଏ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ ପରି ସଙ୍ଗିନ ମାମଲା ବିଭିନ୍ନ ଥାନାରେ ରହିଛି।

## ଖଜା ଦୋକାନ କର୍ମଚାରୀକୁ ଆକ୍ରମଣ ଘଟଣା
# ଦୁଇ ନାବାଳକ କାବୁ; ଛୁରି ଜବତ

ପୁରୀ,୨୬।୧୦(ସମିସ): ଗତ ୨୦ ତାରିଖ ବିଳମ୍ବିତ ରାତିରେ ପାପୁଡ଼ିଆ ମଠ ପାଖରେ ଠେଲା ଖଜା ଦୋକାନ କର୍ମଚାରୀକୁ ଆକ୍ରମଣ ହୋଇଥିଲେ। ଏଥିରେ ଜଡ଼ିତ ଦୁଇ ନାବାଳକଙ୍କୁ ଟାଉନ ଥାନା ପୁଲିସ ରବିବାର କାବୁ କରି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ(ଜେଜେବି)ଙ୍କ କୋର୍ଟରେ ହାଜର କରାଇଥିଲା। ସେମାନଙ୍କଠାରୁ ବ୍ୟବହୃତ ଛୁରି ଜବତ କରାଯାଇଛି। ତେବେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବ୍ରହ୍ମପୁରସ୍ଥିତ ବାଳ ଅପରାଧୀଙ୍କ ପାଇଁ ଉଦ୍ଦିଷ୍ଟ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଦଇଜଣଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ ପରି ସଙ୍ଗିନ ମାମଲା ରହିଛି। ଏହି ଅପରାଧରେ ଅନ୍ୟ ବଡ଼ ଅଭିଯୁକ୍ତମାନଙ୍କର ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଛି। ସେମାନଙ୍କ ବିରୁଦ୍ଧରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁରୀ ସହରରେ ବାଳ ଅପରାଧୀଙ୍କୁ ବ୍ୟବହାର କରି ଯେଉଁମାନେ ଅପରାଧିକ କାର୍ଯ୍ୟକଳାପର ସାମ୍ରାଜ୍ୟ ଚଳାଇଛନ୍ତି, ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।


**<u>Format C-2</u>**

(For political party to publish in website, newspapers, TV)

**<u>Declaration about criminal antecedents of candidates set up by the Party</u>**

*(As per the judgement dated 25th September, 2018 of Hon’ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

ସକାଳ
THE SAKALA



ମୋ ବ୍ୟକ୍ତିଗତ ଉନ୍ନତି ଦେଶର କର୍ତ୍ତବ୍ୟ ନୁହେଁ, କିନ୍ତୁ ମୋ ଦେଶର ଉନ୍ନତି ମୋର କର୍ତ୍ତବ୍ୟ।
-ମେଜର ଧ୍ୟାନଚାନ୍ଦ

# ପାପୁଲିର ଫଳ

ଆମ ଦେଶରେ ବିଳମ୍ବିତ ବିଚାର ପ୍ରକ୍ରିୟା ନ୍ୟାୟିକ କ୍ଷେତ୍ରରେ ଏକ ବିଡ଼ମ୍ବନା ବୋଲି ଅଭିଯୋଗ ହୋଇଆସୁଛି। ଏପରିକି ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ ବହୁବିଧ କାରଣରୁ ସେ ଦିଗରେ ଈପ୍‌ସିତ ସୁଧାର ଆସିପାରୁନାହିଁ। କୌଣସି ମାମଲାର ତୃଣମୂଳସ୍ତରରୁ ଆରମ୍ଭ କରି ଅଦାଲତର କାଠଗଡ଼ା ପର୍ଯ୍ୟନ୍ତ ପ୍ରକ୍ରିୟା ଏତେ ଜଟିଳ ଓ କୁଟିଳ ଯେ ବିଚରା ଆବେଦନକାରୀ ହିଁ ଆର୍ଥିକ, ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେବା ସାର ହେଉଛି। ଏପରିକି କେତେକ କ୍ଷେତ୍ରରେ ଆବେଦନକାରୀଙ୍କୁ ତା' ଜୀବନକାଳ ମଧ୍ୟରେ ନ୍ୟାୟ ମିଳିପାରୁନାହିଁ। ଆଉ କେତେକ କ୍ଷେତ୍ରରେ ପକ୍ଷଭୁକ୍ତମାନେ ମାନସିକ ଭାରସାମ୍ୟ ହରାଉଛନ୍ତି। ଏପରିକି ବାଦୀ/ପ୍ରତିବାଦୀମାନେ ଜମିବାଡ଼ି ବିକି ସର୍ବସ୍ୱ ହରାଇବା ପରେ ଆପେ ଆପେ କୋର୍ଟକଚେରି ଦୌଡ଼ରୁ ଓହରି ଆସି ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ଏଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି ଯେ ବିଚରା ବିଚାରାଧୀନ କଏଦୀଟିଏ ଭୁଲି ଯାଉଛି ତା'ର ଅପରାଧ କ'ଣ ଏବଂ କର୍ତ୍ତୃପକ୍ଷ ମଧ୍ୟ ତା' ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଆଧାରିତ କାଗଜପତ୍ର ଖୋଜି ପାଉ ନାହାନ୍ତି। କିନ୍ତୁ ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ କେବଳ ବିଚାର ବ୍ୟବସ୍ଥା ନୁହେଁ, ରାୟ ବା ଅଦାଲତ ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ମଧ୍ୟ ଏତେ ବିଳମ୍ବିତ ଓ ମନ୍ଥର ଯେ ହାତରେ ଫଳଟିକୁ ଧରି ମଧ୍ୟ ନଖାଇପାରିବା ପରି ପରିସ୍ଥିତି ସୃଷ୍ଟି ହେଉଛି।

ଆଇନ କାନୁନ, ଅଦାଲତୀ ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ଧାରଣା ନଥିବା ଆମ ଭିତରୁ ଅନେକେ ହୁଏତ ଜାଣି ନଥିବେ ଯେ ବିଚରପତିଙ୍କ ଚୂଡ଼ାନ୍ତ ରାୟ ବାଦୀ କିମ୍ବା ପ୍ରତିବାଦୀ ବା ପକ୍ଷଭୁକ୍ତ ବ୍ୟକ୍ତିଙ୍କ ପାଇଁ ଚୂଡ଼ାନ୍ତ ଆଶ୍ୱସ୍ତି ନୁହେଁ। ବିଚାରପତିଙ୍କ ରାୟ ଆସିବା ପରେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଆଉ ଏକ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼େ, ଯାହାକୁ ଆଇନ ଭାଷାରେ 'ଏକ୍‌ଜିକ୍ୟୁସନ୍ ପିଟିସନ୍' ବା 'କାର୍ଯ୍ୟାନ୍ୱୟନ ଆବେଦନ' କୁହାଯାଏ। ଏକ୍‌ଜିକ୍ୟୁସନ୍ ପିଟିସନ୍ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଅଦାଲତୀ ରାୟ ଅର୍ଥହୀନ ଓ ଗୁରୁତ୍ୱବିହୀନ। ବିଡ଼ମ୍ବନାର ବିଷୟ ଯେ ବିଚାରାଧୀନ ମାମଲା ପରି ନ୍ୟାୟିକ ପ୍ରକ୍ରିୟାର ଏହି ଚୂଡ଼ାନ୍ତ ସୋପାନଟି ମଧ୍ୟ ମାମଲା ବୋଝରେ ଭାରାକ୍ରାନ୍ତ। ଅପରପକ୍ଷରେ ଜିତା ପଟରେ ଥାଇ ମଧ୍ୟ ପକ୍ଷବାଦୀମାନେ ହକ୍ ପାଇବାରୁ ଦୀର୍ଘବର୍ଷ ଧରି ବଞ୍ଚିତ ହେଉଛନ୍ତି ଏବଂ କୋର୍ଟକଚେରି ଦୌଡ଼ି ଦୌଡ଼ି ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଛନ୍ତି।

ବିଶେଷକରି ଅଧସ୍ତନ ଅଦାଲତମାନଙ୍କରେ ବଢ଼ିଚାଲିଥିବା ଏଭଳି କାର୍ଯ୍ୟାନ୍ୱୟନ ଆବେଦନ ବୋଝକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଗତ ସପ୍ତାହରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଅଦାଲତ ଆଦେଶ କାର୍ଯ୍ୟକାରୀ କରିବାରେ ଏଭଳି ମନ୍ଥରତାର ସମୀକ୍ଷା କରିବା ଅବସରରେ ଦେଶର ସାମଗ୍ରିକ ଭାବେ ତଳକୋର୍ଟମାନଙ୍କରେ ୮ ଲକ୍ଷ ୮୨ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟାନ୍ୱୟନ ଆବେଦନ ପଡ଼ିରହିଥିବା ଜାଣି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୂଡ଼ାନ୍ତ ରାୟ ପ୍ରକାଶ ପାଇସାରିବା ପରେ ମଧ୍ୟ ତାହା ଯଦି ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁନାହିଁ ତେବେ ସେ ରାୟ ଓ ବିଚାର ଏକ ପ୍ରହସନ ବୋଲି ଖଣ୍ଡପୀଠ କ୍ଷୋଭ ପ୍ରକାଶ କରି କହିଛନ୍ତି। 'ନ୍ୟାଶନାଲ୍ ଜୁଡିସିଆଲ୍ ଡାଟା ଗ୍ରୀଡ୍' ପକ୍ଷରୁ ଜାରି ସୂଚନା ଅନୁଯାୟୀ ଗୋଟିଏ ଦେୱାନି ମାମଲାର ଫଏସଲା ହେବା ପାଇଁ ହାରାହାରି ୪.୯୧ ବର୍ଷ ଲାଗୁଥିବା ବେଳେ ଏକ୍‌ଜିକ୍ୟୁସନ୍ ପିଟିସନ୍‌ର କାର୍ଯ୍ୟକାରୀ ହେବା ପାଇଁ ହାରାହାରି ୩.୯୭ ବର୍ଷ ଲାଗୁଛି। ଏଭଳି ବିଳମ୍ବର କାରଣ ମଧ୍ୟରେ ପେସାଦାର ସହାୟକଙ୍କ ଅଭାବ, କୋର୍ଟ ଆଦେଶ ଉପରେ ଆଉ ଏକ କୋର୍ଟର ରହିତାଦେଶ, ମାମଲା ହାରି ଯାଇଥିବା ପକ୍ଷଙ୍କୁ ପୁନଃଆବେଦନର ସୁଯୋଗ ବ୍ୟବସ୍ଥା, ଆବଶ୍ୟକ ନଥିପତ୍ରର ଅନୁପସ୍ଥିତି ଆଦି ରହିଛି। ବିଶେଷକରି ଜମିବାଡ଼ି, ଅର୍ଥ, ସମ୍ପତ୍ତି ମାମଲାରେ ଏଭଳି ବିଳମ୍ବିତ ପ୍ରକ୍ରିୟାର ଉଦାହରଣ ଅଧିକ।

୨୦୨୧ରେ ପ୍ରଧାନ ବିଚାରପତି ଏସ୍ ଏ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତିନିଜଣିଆ ଖଣ୍ଡପୀଠ ଏକ୍‌ଜିକ୍ୟୁସନ୍ ପିଟିସନ୍‌ଗୁଡ଼ିକର ତୁରନ୍ତ ଫଏସଲ କରିବା ପାଇଁ ୧୪ଟି ବାଧ୍ୟତାମୂଳକ ମାର୍ଗଦର୍ଶିକା ଜାରି କରିବା ସହିତ ମାମଲା ଦାଖଲ ହେବାର ଛଅ ମାସ ମଧ୍ୟରେ ଫଏସଲା କରିବା ପାଇଁ ତଳକୋର୍ଟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଆଶାନୁରୂପ ସଫଳତା ମିଳିପାରିନାହିଁ। ସର୍ବୋଚ୍ଚ ନ୍ୟାୟାଳୟର ସଦ୍ୟତମ ଦୁଇଜଣିଆ ଖଣ୍ଡପୀଠ ଏହି ସମସ୍ୟା ଉଚ୍ଚ ନ୍ୟାୟାଳୟମାନଙ୍କର ତତ୍ତ୍ୱାବଧାନରେ ସମାଧାନ ପାଇଁ ଆଉ ଛଅମାସ ସମୟ ଦେଇଥିବା ବେଳେ ଆସନ୍ତା ବର୍ଷ ପୁନଃସମୀକ୍ଷା କରିବେ ବୋଲି କହିଛନ୍ତି।

ଆମ ମତରେ ଦେଶର ସବୁସ୍ତରୀୟ ଅଦାଲତରେ ପର୍ଯ୍ୟାପ୍ତ ବିଚାରପତି ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେବା ଏକପ୍ରକାର ଦୁରୁହ ବ୍ୟାପାର। ଏହାଛଡ଼ା ନ୍ୟାୟିକ ପ୍ରକ୍ରିୟା ଆହୁରି ସରଳ ଏବଂ ଏହାର ଭାଷା ସାଧାରଣ ଲୋକଟିଏ ବୁଝିପାରୁଥିବା ଭଳି ସାବଲୀଳ ହେବା ଆବଶ୍ୟକ। ଏକ ଅପ୍ରିୟ ସତ୍ୟ ଯେ ଅଦାଲତୀ ପ୍ରକ୍ରିୟାରେ ରାୟ ବା ନିଷ୍ପତ୍ତି କାର୍ଯ୍ୟାନ୍ୱୟନରେ ଅମଲାତନ୍ତ୍ରର ଏକ ବଡ଼ ଭୂମିକା ରହିଛି। ତେଣୁ ମାମଲା ବୋଝ କେତେଶୀଘ୍ର ହ୍ରାସ ପାଇବ ତାହା ସେମାନଙ୍କ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ଶୃଙ୍ଖଳା, ସାଧୁତା ଓ ସଚ୍ଚୋଟତା ଉପରେ ନିର୍ଭର କରୁଛି। ଆହୁରି ଏକ ବିଡ଼ମ୍ବନା ଯେ ଏଭଳି ବିଳମ୍ବିତ ଓ ବିଡ଼ମ୍ବିତ ନ୍ୟାୟିକ ପ୍ରକ୍ରିୟାରେ ଗରିବ ଜନତା ହିଁ ସବୁଠାରୁ ଅଧିକ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେଉଛନ୍ତି। ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଯଦି ଦେଶର ଗରିବ ବର୍ଗର ଲୋକଟିଏ ଉଚିତ ସମୟରେ ନ୍ୟାୟ ନ ପାଇପାରିଲା ଏବଂ ନ୍ୟାୟ ପାଇ ମଧ୍ୟ ତାହା ଉପଭୋଗ ନ କରିପାରିଲା ତେବେ ସ୍ୱାଧୀନତା ଓ ଗଣତନ୍ତ୍ର ମୂଲ୍ୟହୀନ ହୋଇପଡ଼ିବ। ଏଭଳି ବ୍ୟବସ୍ଥାରେ ସମ୍ବିଧାନର ମୌଳିକ ମୂଲ୍ୟବୋଧର ସୁରକ୍ଷା ହୋଇପାରିବ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ମାର୍ମିକ ଅଭିବ୍ୟକ୍ତି ଅନୁଯାୟୀ ହାତ ପାପୁଲିରେ ଥିବା ଫଳଟିକୁ ସଢ଼ିଯିବା ପୂର୍ବରୁ ଉପଯୋଗ କରାଯାଇପାରିଲେ ହିଁ ଫଳର ସ୍ୱାଦ ଓ ମୂଲ୍ୟ ଅର୍ଥପୂର୍ଣ୍ଣ ହୋଇପାରିବ। ଏବେ ସମୟ ଆସିଛି ଗଣତନ୍ତ୍ରର ସବୁସ୍ତମ୍ଭ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଏ ଦିଗରେ ସକାରାତ୍ମକ ଉଦ୍ୟମ ଆରମ୍ଭ କରିବାର।

# ନୋବେଲ୍ ପୁରସ୍କାର: ବିବାଦ ଓ ବିଡ଼ମ୍ବନା

**ଡ. ପ୍ରଦୀପ କୁମାର ନାୟକ**

ଚଳିତବର୍ଷ ପାଇଁ ସମସ୍ତ କ୍ଷେତ୍ରରେ ନୋବେଲ୍ ପୁରସ୍କାର ଘୋଷଣା ସରିଛି। ଏଥର ସମସ୍ତଙ୍କ ଦୃଷ୍ଟି ଶାନ୍ତି ନୋବେଲ୍ ପୁରସ୍କାର ଉପରେ ରହିଥିଲା। ତେବେ ପ୍ରବଳ ଚାପ ଓ ପ୍ରଭାବ ସତ୍ତ୍ୱେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିରାଶ ହୋଇଛନ୍ତି, ଯାହା ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି। ଯଦି ଟ୍ରମ୍ପ ଏହି ପୁରସ୍କାର ପାଇଥା'ନ୍ତେ ତେବେ ନୋବେଲ୍ ପୁରସ୍କାରର ବିଡ଼ମ୍ବନା ତାଲିକାରେ ଆଉ ଏକ ଅଧ୍ୟାୟ ଲେଖି ହୋଇଯାଇଥା'ନ୍ତା। ନୋବେଲ୍ ପୁରସ୍କାର ଇତିହାସରେ ଏଭଳି ଅନେକ ଘଟଣା ରହିଛି, ଯାହା ବିବାଦ ସୃଷ୍ଟି କରିଛି; କିନ୍ତୁ ଅନିଚ୍ଛା ସତ୍ତ୍ୱେ ବିଶ୍ୱବାସୀ ମାନି ନେବାକୁ ବାଧ୍ୟ ହୋଇଛନ୍ତି।

ସ୍ୱିଡେନର ରସାୟନବିଜ୍ଞାନୀ ଆଲଫ୍ରେଡ ନୋବେଲ ୧୮୬୭ ସାଲରେ ଡିନାମାଇଟ ଉଦ୍ଭାବନ କରିବା ପରେ ଯେଉଁ ବିପୁଳ ପରିମାଣର ଅର୍ଥ ଓ ସମ୍ପତ୍ତି ଅର୍ଜନ କରିଥିଲେ ସେଥିରୁ ନୋବେଲ ପୁରସ୍କାର ଦେବା ପାଇଁ ଏକ ପାଣ୍ଠି ଗଠନ ହୋଇଥିଲା ୧୮୯୫ ମସିହାରେ ତାଙ୍କର ଲିଖିତ ଇଚ୍ଛାପତ୍ର ଅନୁଯାୟୀ। ୧୮୯୬ ମସିହାରେ ତାଙ୍କର ଦେହାନ୍ତ ପରେ ସେହି ପାଣ୍ଠିର ପରିଚାଳନା ନୋବେଲ ଫାଉଣ୍ଡେସନ କରିଆସୁଛି ଏବଂ ୧୯୦୧ ମସିହାରୁ ନୋବେଲ ପୁରସ୍କାର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ପ୍ରଥମେ ୫ ଟି ବିଷୟରେ -ଯଥା: ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ବିଜ୍ଞାନ ବା ଚିକିତ୍ସା ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଥିଲା। ୧୯୬୮ ମସିହାରେ ଅର୍ଥନୀତିକୁ ଏଥିରେ ସାମିଲ୍ କରାଗଲା। ପ୍ରତିବର୍ଷ ଅକ୍ଟୋବର ମାସରେ ଏହି ସମ୍ମାନଜନକ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ବ୍ୟକ୍ତିମାନଙ୍କ ନାମ ଘୋଷଣା କରାଯାଏ। ୨୦୨୫ ମସିହାରେ ପ୍ରତି ନୋବେଲ ପୁରସ୍କାର ବିଜେତା ଭାରତୀୟ ମୁଦ୍ରାରେ ପ୍ରାୟ ୮ କୋଟି ୯୦ ଲକ୍ଷ ଟଙ୍କା ଲେଖାଏଁ ପାଇବେ।

ପ୍ରତ୍ୟେକ ବିଭାଗରେ ଚୟନକର୍ତ୍ତାଙ୍କ ଏକ ପାଞ୍ଚଜଣିଆ କମିଟି ରହିଛି, ଯେଉଁମାନେ କି କୌଣସି ବିଷୟରେ ନୋବେଲ ପୁରସ୍କାର ପାଇବାକୁ ଥିବା ବ୍ୟକ୍ତିର ଯୋଗ୍ୟତାକୁ ଗୁଣବତ୍ତାର ମାନଦଣ୍ଡରେ ମୂଲ୍ୟାଙ୍କନ କରି ତାଙ୍କ ନାମଟି ଚୟନ କରିଥା'ନ୍ତି। ଏହି ପୁରସ୍କାର ପୃଥିବୀର ସର୍ବଶ୍ରେଷ୍ଠ ଓ ସବୁଠାରୁ ସମ୍ମାନନୀୟ ପୁରସ୍କାର। ୧୯୦୧ ରୁ ୨୦୨୫ମସିହା ମଧ୍ୟରେ ସମୁଦାୟ ୧୦୨୨ (୯୮୬ ବ୍ୟକ୍ତି ଓ ୨୮ ଅନୁଷ୍ଠାନ) ଥର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇଥିବା ବ୍ୟକ୍ତିମାନେ ପୃଥିବୀ ପ୍ରସିଦ୍ଧ ହୋଇଯା'ନ୍ତି ଏବଂ ନିଜ ନିଜ ଦେଶ ପାଇଁ ଗୌରବ ଆଣିଥା'ନ୍ତି। ସେଥିପାଇଁ ପୃଥିବୀର କୋଣ ଅନୁକୋଣରେ ଥିବା ଖ୍ୟାତନାମା ବ୍ୟକ୍ତିମାନେ ଏହି ପୁରସ୍କାର ପାଇବା ପାଇଁ ଆଶାୟୀ ଥା'ନ୍ତି। କିନ୍ତୁ ଅନେକ ସମୟରେ ନୋବେଲ ପୁରସ୍କାର ଚୟନ କମିଟିର ନିଷ୍ପତ୍ତି ବିବାଦୀୟ ହୋଇଥାଏ। ବୁଦ୍ଧିଜୀବୀମାନଙ୍କ ମନରେ ସେହିପରି ନିଷ୍ପତ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଥାଏ।

୧୯୧୮ ମସିହାରେ ଜର୍ମାନୀର ରସାୟନବିତ ଫ୍ରିଜ ହାବେର ଏମୋନିଆର ସଂଶ୍ଳେଷଣ ପଦ୍ଧତି ଉଦ୍ଭାବନ କରି ସାର ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବାରୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ଏହା ଏକ ବଡ଼ ବିବାଦ ସୃଷ୍ଟି କରିଥିଲା। କାରଣ ଏହି ବୈଜ୍ଞାନିକ ହିଁ ମାନବ ବିଧ୍ୱଂସୀ ରାସାୟନିକ ଅସ୍ତ୍ର ଓ ବୋମା ଉଦ୍ଭାବନ କରିଥିଲେ। ସେଥିପାଇଁ ତାଙ୍କୁ ପୁରସ୍କାର ଦେବା ନିଷ୍ପତ୍ତି ଠିକ ନଥିଲା ବୋଲି ବୁଦ୍ଧିଜୀବୀମାନଙ୍କ ମତ ଥିଲା। ୧୯୪୯ ମସିହାରେ ପର୍ତ୍ତୁଗାଲର ଆଣ୍ଟନିଓ ଇଗାସ ମୋନିଜ ଶରୀର ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମସ୍ତିଷ୍କ ଆଂଶିକ ଛେଦନ(ଲୋବୋଟୋମି) ଉଦ୍ଭାବନ କରି ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ଏହି ପଦ୍ଧତି ଅତ୍ୟନ୍ତ ବିପଜ୍ଜନକ ଥିଲା। ତେଣୁ ସେ ଏହି ପୁରସ୍କାର ପାଇଁ ମନୋନୀତ ହେବା କଥା ନଥିଲା ବୋଲି ମତ ପ୍ରକାଶ ପାଇଥିଲା।

ପ୍ରସିଦ୍ଧ କୂଟନୀତିଜ୍ଞ ତଥା ଆମେରିକାର ତତ୍କାଳୀନ ଜାତୀୟ ନିରାପତ୍ତା ପରାମର୍ଶଦାତା(୧୯୬୯ ଠାରୁ ୧୯୭୫) ହେନେରି କିସିଞ୍ଜର ଓ ଭିଏତନାମର କୂଟନୀତିଜ୍ଞ ଲେ ଦୂକ ଥୋ ଙ୍କୁ ୧୯୭୩ ମସିହାରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ଦିଆ ଯାଇଥିଲା, ଯାହା କି ସାରା ବିଶ୍ୱରେ ଅସନ୍ତୋଷ ଓ ବିବାଦ ସୃଷ୍ଟି କରିଥିଲା। ସମାଲୋଚକଙ୍କ ମତରେ ହେନେରି କିସିଞ୍ଜର ଜଣେ ଯୁଦ୍ଧଖୋର ବ୍ୟକ୍ତି ଥିଲେ, ଯାହାଙ୍କର ଯୁଦ୍ଧମୁହାଁ ନୀତି ଯୋଗୁଁ ଆମେରିକା ଓ ଭିଏତନାମ ଯୁଦ୍ଧ ଦୀର୍ଘବର୍ଷ ଧରି ଚାଲିଥିଲା। ଏହାଛଡ଼ା ୧୯୬୫ ମସିହାଠାରୁ ୧୯୭୩ ମସିହା ପର୍ଯ୍ୟନ୍ତ କାମ୍ବୋଡ଼ିଆରେ ଯେଉଁ ଭୟଙ୍କର ବୋମା ବର୍ଷଣ ହୋଇଥିଲା ତାହା ମଧ୍ୟ କିସିଞ୍ଜରଙ୍କ ପରାମର୍ଶରେ ହୋଇଥିଲା ବୋଲି ବୁଦ୍ଧିଜୀବୀମାନେ ବିଶ୍ୱାସ କରନ୍ତି। ଏପରିକି ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନଙ୍କୁ କିସିଞ୍ଜର ଉପଦେଶ ଦେଇଥିଲେ ପାକିସ୍ତାନ ସପକ୍ଷରେ ଯିବା ପାଇଁ ଏବଂ ବଙ୍ଗୋପସାଗରରେ ଭାରତକୁ ଭୟଭୀତ କରିବା ପାଇଁ ଇଉ.ଏସ .ଏସ ଏଣ୍ଟରପ୍ରାଇଜ ନାମକ ଏକ ପରମାଣୁ କ୍ଷମତାସମ୍ପନ୍ନ ଯୁଦ୍ଧଜାହାଜ ପଠେଇ ଥିଲେ। ତେଣୁ ଏହିପରି ବ୍ୟକ୍ତିଙ୍କୁ ଚୟନକର୍ତ୍ତା ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବା ଠିକ ନଥିଲା। ଅପରପକ୍ଷରେ ଭିଏତନାମର କୂଟନୀତିଜ୍ଞ ଲେ ଦୂକ ଥୋ ନିଜେ ନୋବେଲ ଶାନ୍ତି ପୁରସ୍କାରକୁ ଭିଏତନାମରେ ଯୁଦ୍ଧ ବନ୍ଦ ହୋଇନଥିବା କାରଣ ଦର୍ଶାଇ ପ୍ରତ୍ୟାଖାନ କରି ଦେଇଥିଲେ।

ସବୁଠାରୁ ବିଚିତ୍ର ନିଷ୍ପତ୍ତି ଥିଲା ପାଲେଷ୍ଟାଇନ ମୁକ୍ତି ସଂଗଠନର ଅଧ୍ୟକ୍ଷ ଓ ଜାତୀୟବାଦୀ ନେତା ୟାସେର ଆରାଫାତଙ୍କୁ ୧୯୯୪ ରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପ୍ରଦାନ କରିବା। ହିଂସା, ଆତଙ୍କବାଦ ଓ ରକ୍ତପାତରେ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତି ଏହି ମହାନ ସମ୍ମାନରେ ଭୂଷିତ ହେବା ପାଇଁ କିପରି ଯୋଗ୍ୟ ହେଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା। ଆମେରିକାର ୪୪ ତମ ରାଷ୍ଟ୍ରପତି ବାରାକ ଓବାମା ୨୦୦୯ ମସିହାରେ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିବାର କିଛିମାସ ପରେ ସେହିବର୍ଷ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିଲେ, ଯାହାକି ବିଶ୍ୱବାସୀଙ୍କୁ ଚକିତ କରିଥିଲା। ପ୍ରଖ୍ୟାତ ଆମେରିକୀୟ ଗାୟକ ଓ ଗୀତିକାର ବବ ଡିଲାନଙ୍କୁ ୨୦୧୬ ମସିହାରେ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ନୋବେଲ ପୁରସ୍କାର ଦେବା ନିଷ୍ପତ୍ତି ବିଶ୍ୱ ବୁଦ୍ଧିଜୀବୀ ମହଲ ସହଜରେ ଗ୍ରହଣ କରିପାରି ନଥିଲେ।

ନୋବେଲ ପୁରସ୍କାର ପ୍ରଦାନ କରିବା ପାଇଁ ଯେଉଁ ମାନଦଣ୍ଡ ରଖାଯାଇଛି ତାହାର ସମ୍ଭବତଃ ଉଲ୍ଲଙ୍ଘନ କରାଯାଇ କିଛିବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯିବା ନିଷ୍ପତ୍ତି ସଦାସର୍ବଦା ବିବାଦୀୟ ହୋଇଛି। ବିଡ଼ମ୍ବନାର କଥା ହେଲା କେତେକ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ପୁରସ୍କାରରୁ ବଞ୍ଚିତ କରିବା ବା ଉପେକ୍ଷା କରିବା। ଭାରତର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମ ନୋବେଲ ପୁରସ୍କାର ଚୟନ କମିଟି ନିକଟକୁ ମନୋନୀତ କରିବା ପାଇଁ ୧୯୩୭, ୧୯୩୮, ୧୯୩୯, ୧୯୪୭ ଓ ୧୯୪୮ ମସିହାରେ ସୁପାରିସ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ତାଙ୍କୁ ଅଣଦେଖା କରାଯାଇଥିଲା। ସେହିପରି ରୁଷ ଲେଖକ ଲିଓ ଟଲଷ୍ଟୟ, ଆଇରିଶ ଲେଖକ ଜେମସ ଜୋଏସ, ଫ୍ରେଞ୍ଚ ଔପନ୍ୟାସିକ ମାରସେଲ ପ୍ରାଉଷ୍ଟ, ଆମେରିକାନ ଲେଖକ ମାର୍କ ଟ୍ୱାଇନ, ଆର୍ଜେଣ୍ଟିନା ଲେଖକ ଜର୍ଜ ଲୁଇ ବୋର୍ଜେସ, ନରୱେର ନାଟ୍ୟକାର ହେନେରି ଇବସେନ, ପୋଲାଣ୍ଡ- ବ୍ରିଟିଶ ଲେଖକ ଯୋସେଫ କନରାଡ଼, ରୁଷ ଲେଖକ ବ୍ଲାଦିମିର ନବକଭ, ବ୍ରିଟିଶ ଲେଖିକା ଭରଜିନିଆ ଉଲଫ ଓ ଗ୍ରହାମ ଗ୍ରୀନ, ଭାରତୀୟ ବଂଶୋଦ୍ଭବ ଔପନ୍ୟାସିକ ସଲମାନ ରସଦି ପରି ଖ୍ୟାତନାମା ଲେଖକଗଣ, ଯେଉଁମାନେ ସେମାନଙ୍କ ଲେଖା ଦ୍ୱାରା ପାଠକ/ପାଠିକାମାନଙ୍କୁ ସମ୍ମୋହିତ କରି ଆସିଛନ୍ତି, ସେଭଳି ଯୋଗ୍ୟ ବ୍ୟକ୍ତିମାନେ ନୋବେଲ୍ କମିଟି ଦ୍ୱାରା ଉପେକ୍ଷିତ ହୋଇଛନ୍ତି।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଅପମିଶ୍ରିତ କଫ୍‌ସିରପ୍ ଓ ଶିଶୁମୃତ୍ୟୁ

**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ଏକ ଜନକଲ୍ୟାଣକାରୀ ଶାସନ ବ୍ୟବସ୍ଥାର ଅନ୍ୟତମ ପ୍ରଧାନ କର୍ତ୍ତବ୍ୟ ହେଲା ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ କରିବା। ଅନ୍ୟପକ୍ଷରେ, ଏହି କାର୍ଯ୍ୟକ୍ରମ ସହିତ ଜଡ଼ିତ ଡାକ୍ତର, ଔଷଧ ନିୟନ୍ତ୍ରକ ପ୍ରମୁଖ ବିଭିନ୍ନ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କର ମଧ୍ୟ ଏହା ହେଉଛି ପ୍ରଥମ ନୈତିକ ଦାୟିତ୍ୱ, କିନ୍ତୁ ସେମାନେ ବେଳେ ବେଳେ ଅପମିଶ୍ରଣକାରୀ ଲାଭଖୋର ଅସାଧୁ ଔଷଧ କମ୍ପାନୀମାନଙ୍କର ଅମାନୁଷିକ ଷଡ଼ଯନ୍ତ୍ରର ଅଂଶୀଦାର ପାଲଟି ଯିବାର ଦେଖାଯାଏ। ଏହାର ଭୟାନକ ପରିଣାମ କିପରି ନିରୀହ ଜନସାଧାରଣ ଭୋଗିଥା'ନ୍ତି ତାହାର ଭୁରିଭୁରି ଦୃଷ୍ଟାନ୍ତ ମଧ୍ୟରୁ ଅନ୍ୟତମ ରୂପେ ଏବେ ଉଭା ହୋଇଛି ତାମିଲନାଡୁର କାଞ୍ଚିପୁରମ୍ ସ୍ଥିତ ଶ୍ରେଷାନ ଫାର୍ମାସ୍ୟୁଟିକାଲ ଦ୍ୱାରା ପ୍ରସ୍ତୁତ 'କୋଲ୍‌ଡରିଫ୍' ନାମକ କଫସିରପ୍(କାଶ ନିବାରକ ଔଷଧ) ସେବନ ଫଳରେ ବିଗତ କିଛିଦିନ ମଧ୍ୟରେ ମୃତ୍ୟୁବରଣ କରିଥିବା ମଧ୍ୟପ୍ରଦେଶର ପ୍ରାୟ ୩୦ ଜଣ, ରାଜସ୍ଥାନର ୮/୧୦ ଜଣ ଏବଂ ଅନ୍ୟକେତେକ ରାଜ୍ୟର କିଛି ଶିଶୁ।

ଇତିମଧ୍ୟରେ କରାଯାଇଥିବା ଅଧ୍ୟୟନରୁ ଏହାର ନମୁନାମାନଙ୍କରେ ଏକ ବିଷାକ୍ତ ପଦାର୍ଥ 'ଡାଇ-ଇଥିଲିନି ଗ୍ଲାଇକଲ' ବା ଡିଇଜି ପ୍ରାୟ ୪୮.୬ ଶତାଂଶ ପର୍ଯ୍ୟନ୍ତ ଥିବାର ଜଣାପଡ଼ିଛି। ତହିଁରେ ଅପମିଶ୍ରିତ କରାଯାଇଥିବା ଏହି ପଦାର୍ଥଟି କେବଳ ବିଭିନ୍ନ ଶିଳ୍ପରେ ହିମବିରୋଧୀ (ତରଳ ପଦାର୍ଥକୁ ଜମାଟ ବାନ୍ଧିବାକୁ ନଦେବା), ବ୍ରେକ୍‌କୁ ଚିକ୍କଣ ରଖିବା ତରଳ, ଦ୍ରାବକ ଆଦି ରୂପେ ଏବଂ ରଙ୍ଗ, ରେଜିନ ଆଦିର ପ୍ରସ୍ତୁତିରେ ବ୍ୟବହାର କରିବା ଲାଗି ଉଦ୍ଦିଷ୍ଟ। ଏହାର ବିଷାକ୍ତ ପ୍ରଭାବ ମୁଖ୍ୟତଃ ବୃକ୍‌କକୁ ଅକାମୀ କରିଦିଏ। ବିଶେଷକରି, ଶିଶୁମାନଙ୍କଠାରେ ଏହା ଅଧିକ ହୋଇଥାଏ। ସେଥିପାଇଁ ଏହି ଦୁଇରାଜ୍ୟ ସମେତ ଏହା ଉତ୍ପାଦନ ହେଉଥିବା ତାମିଲନାଡୁ ଏବଂ ଅନ୍ୟ କେତେକ ଅଞ୍ଚଳରେ ଏହାକୁ ନିଷେଧ କରାଗଲାଣି।

ସାଧାରଣତଃ ତରଳ ଔଷଧକୁ ବହଳିଆ କରିବା ପାଇଁ ତହିଁରେ ମିଶାଯାଏ ଗ୍ଲିସେରିନ୍ ବା ପଲିପ୍ରୋପିଲିନ ଗ୍ଲାଇକଲ୍। ଏହା ଏକ ରଙ୍ଗହୀନ, ଗନ୍ଧହୀନ, ମଧୁର ସ୍ୱାଦଯୁକ୍ତ ପଦାର୍ଥ। ପୁନଶ୍ଚ ଏହାର ଆକାର ଘନ ବା ସିରାପି। ବିଷାକ୍ତ ଡିଇଜିର ଏ ସମସ୍ତଗୁଣ ଅଛି। ଅନ୍ୟପକ୍ଷରେ ଏହା ଖୁବ୍ ଶସ୍ତା। ସେଥିପାଇଁ ଅସାଧୁ ଔଷଧ କମ୍ପାନୀମାନେ ଉତ୍ପାଦରେ ତାହାକୁ ଅପମିଶ୍ରଣ କରିଥା'ନ୍ତି। ବିଭିନ୍ନ ପ୍ରକାର କଫ୍‌ସିରପ୍‌ରେ ଥିବା ଉପାଦାନଗୁଡ଼ିକ ଥଣ୍ଡା କାଶ, ଶୁଖିଲାକାଶ ଏବଂ ଆଲର୍ଜିଜନିତ କାଶ ଲାଗି କିଛିମାତ୍ରାରେ ଭିନ୍ନ ଭିନ୍ନ ହୋଇଥାଏ। ଉଦାହରଣସ୍ୱରୂପ, ଥଣ୍ଡାକାଶରେ କଫକୁ ତରଳ କରି ଶ୍ୱାସକ୍ରିୟାକୁ ସହଜ କରିବାକୁ କେତେକ ଏକ୍ସପେକ୍ଟୋରାଣ୍ଟ ଏବଂ କାଶ ନିବାରକ ତତ୍ତ୍ୱମାନ ବ୍ୟବହାର କରାଯାଉଥିବା ବେଳେ ଶୁଖିଲା କାଶରେ ଭିନ୍ନପ୍ରକାର କାଶ ନିବାରକ ବ୍ୟବହୃତ ହୁଏ। ସେହିପରି ଆଲର୍ଜି ଯୋଗୁଁ ହେଉଥିବା କାଶ ପାଇଁ ଆଣ୍ଟିହିଷ୍ଟାମିନସର ଆବଶ୍ୟକ ପଡ଼େ। ଅନ୍ୟପକ୍ଷରେ ଏଥିରେ ଥିବା ଅନ୍ୟାନ୍ୟ ଉପାଦାନ ମଧ୍ୟରେ ଥାଏ ଗ୍ଲିସେରିନ ଭଳି ଦ୍ରାବକ ସୁକ୍ରୋଜ(ଚିନି), ସର୍ବିଟଲ ଆଦି ମିଷ୍ଟକାରୀ, ସୁରାସାର ଭଳି ଦୀର୍ଘକାଳ ସଞ୍ଚୟ ସହାୟକ ଏବଂ ବିବିଧ ସ୍ୱାଦ ଓ ରଙ୍ଗ ସୃଷ୍ଟିକାରୀ ପଦାର୍ଥ।

ନିର୍ଦ୍ଦିଷ୍ଟଭାବେ ବର୍ତ୍ତମାନର ଖଳନାୟକ କୋଲଡରିଫ୍‌ର ମୁଖ୍ୟ ସକ୍ରିୟ ଉପାଦାନଗୁଡ଼ିକ ହେଲା (୧) ଏସିଟାମିନୋଫେନ୍ ନାମକ ଜ୍ୱର ଓ ଯନ୍ତ୍ରଣା ଦୂରକାରୀ ଏକ ପାରାସିଟାମୋଲ (୨) ନାଶରନ୍ଧ୍ରକୁ ରୁଦ୍ଧାବସ୍ଥାରୁ ମୁକ୍ତ କରୁଥିବା ଫିନାଇଲ ଫ୍ରିନ୍ ହାଇଡ୍ରୋକ୍ଲୋରାଇଡ ଏବଂ (୩) ଆଲର୍ଜି ଦୂର କରୁଥିବା ଆଣ୍ଟିହିଷ୍ଟାମିନ୍। ପୁନଶ୍ଚ ଏଥିରେ ବ୍ୟବହୃତ ଦ୍ରବଣଟି ହେଲା ଗ୍ଲିସେରିନ୍। ତେବେ ଏହାର ଦାମ ବେଶି ହେଉଥିବାରୁ ଅସାଧୁ କମ୍ପାନୀ ଏଥିରେ ତା' ବଦଳରେ ମିଶାଉଛନ୍ତି ଡାଇ-ଇଥିଲିନି ଗ୍ଲାଇକଲ୍(ଡିଇଜି)।

ଏପରି ଡିଇଜିଯୁକ୍ତ କଫସିରପ୍‌ର ବ୍ୟବହାର ଏବଂ ତା'ର ଘାତକ ପ୍ରଭାବର ଇତିହାସ ନୂଆ ନୁହେଁ। ଆମେରିକାରେ ତାହା ପ୍ରଥମେ ଚିହ୍ନଟ ହୋଇଥିଲା ୧୯୩୭ ମସିହାରେ। ଏଣୁ ସେଠାରେ କର୍ତ୍ତୃପକ୍ଷ 'ଫେଡେରାଲ ଫୁଡ, ଡ୍ରଗ୍ ଆଣ୍ଡ କସ୍ମେଟିକସ୍ ଆକ୍ଟ' ପ୍ରୟୋଗ କରି ଏଥିରେ ପ୍ରତିବନ୍ଧକ ଲଗାଇବା ସହିତ ଔଷଧ କମ୍ପାନୀମାନଙ୍କୁ ସେମାନଙ୍କ ଉତ୍ପାଦରେ ଏହା ମିଶାଯାଇ ନଥିବାର ପ୍ରମାଣ ଉପସ୍ଥାପନ କରିବାକୁ ବାଧ୍ୟତାମୂଳକ କରିଥିଲେ। ଫଳରେ ସେଠାରେ ଏ ସମସ୍ୟା ଆଉ ଦେଖାଯାଉ ନାହିଁ। କିନ୍ତୁ ଆମ ଦେଶରେ ଏହା ବାରମ୍ବାର ଘଟୁଥିଲେ ହେଁ ଏହାର ପ୍ରତିକାର ଲାଗି କୌଣସି ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇ ନଥିଲା। ଉଦାହରଣ ସ୍ୱରୂପ, ୧୯୮୬ ମସିହାରେ ମୁମ୍ବାଇରେ ୧୪ ଜଣ ଶିଶୁଙ୍କର ଡିଇଜି ଯୁକ୍ତ କଫସିରଫ ସେବନ ହେତୁ ମୃତ୍ୟୁ ଘଟିଥିବାର ଜଣାପଡ଼ିଥିଲା ବେଳେ ୧୯୯୮ ମସିହାରେ ଏହା ଯୋଗୁଁ ପୀଡ଼ିତ ହୋଇଥିଲେ ଦିଲ୍ଲୀର ପ୍ରାୟ ୧୫୦ ଶିଶୁ ଏବଂ ସେମାନଙ୍କ ମଧ୍ୟରୁ କିଛି ମୃତ୍ୟୁବରଣ କରିଥିଲେ। ଏହି କଫସିରପ ଗୁରୁଗାଓଁ ଠାରେ ଥିବା ଏକ କାରଖାନାରେ ପ୍ରସ୍ତୁତ ହୋଇଥିବାର କୁହାଯାଏ। ତେବେ ଆମର କର୍ତ୍ତୃପକ୍ଷ ବିରାଚରିତ ଭାବେ ଏଥିରେ ଆବଶ୍ୟକ ଗୁରୁତ୍ୱ ଆରୋପ କରିନଥିଲେ। ଫଳରେ ୨୦୨୦ ମସିହାରେ ଜାମ୍ମୁ-କାଶ୍ମୀରରେ ୬ଟି ଶିଶୁ ମୃତ୍ୟୁର ଏହା କାରଣ ହେଲା।

ସେହିଭଳି ୨୦୨୨ ମସିହା ଅଗଷ୍ଟ ମାସରେ ଉଜ୍‌ବେକ୍‌ରେ ୬୫ ଜଣ ଶିଶୁମୃତ୍ୟୁ ସହିତ ସେଠାକୁ ଭାରତରୁ ଆମଦାନୀ ହୋଇଥିବା କଫ୍‌ସିରପ୍‌ର ସଂପର୍କ ଥିବାର ଜଣାପଡ଼ିଥିଲା। ଏହାର ୪ ମାସ ପରେ ସମାନ ଘଟଣା ଘଟିଲା ଗାମ୍ବିଆରେ। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଏଥିପାଇଁ ଦାୟୀ କରିଥିଲା ଭାରତରୁ ପ୍ରେରିତ ଡିଇଜି ମିଶ୍ରିତ କଫ୍‌ସିରପକୁ। ଏଣୁ ବିଶ୍ୱ ଦରବାରରେ ଆମ ଦେଶରେ ପ୍ରସ୍ତୁତ ଔଷଧଗୁଡ଼ିକର ମାନକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଅତଏବ ଅନେକ ଦେଶ ଭାରତରୁ କଫସିରପ ଏବଂ ଅନ୍ୟ କେତେକ ଔଷଧ ଆମଦାନୀ ଉପରେ କଟକଣା ଲଗାଇଥିଲେ। କିନ୍ତୁ ଆମ ଡାକ୍ତରମାନେ ମୁକ୍ତ ଭାବେ ତାହା ବ୍ୟବହାର କରିବାକୁ ଦେଲେ। ଇତିମଧ୍ୟରେ ଡିଇଜି ସହିତ ଶିଶୁ ମୃତ୍ୟୁମାନ ଦେଖିବାକୁ ମିଳିଲା ଚୀନ, ବାଂଲାଦେଶ, ହାଇଥି, ଆର୍ଜେଣ୍ଟିନା, ନାଇଜେରିଆ ଆଦି ଦେଶରେ। ତେବେ ସେସବୁ ସ୍ଥାନରେ ସରକାର ଏହାର ପ୍ରତିକାର ଲାଗି ଯାଥସମୟରେ ଦୃଢ଼ ପଦକ୍ଷେପ ନେବାରୁ ତାହାର ପୁନରାବୃତ୍ତି ଘଟିଲାନାହିଁ। ଦୁର୍ଭାଗ୍ୟର ବିଷୟ ଯେ ସେଭଳି ଅଘଟଣ କ୍ରମାଗତଭାବେ ଘଟିଚାଲିଛି ଆମ ଦେଶରେ।

ଭାରତୀୟ କର୍ତ୍ତୃପକ୍ଷଙ୍କର ଏଥିପ୍ରତି ହୁଗୁଳା ମନୋଭାବର ଏକ ସଦ୍ୟତମ ଦୃଷ୍ଟାନ୍ତ ହେଲା ଯେ ବର୍ତ୍ତମାନ ଘଟିଥିବା ଘଟଣାଗୁଡ଼ିକ ପରେ ମଧ୍ୟ ସନ୍ଦେହଘେରରେ ଥିବା ୧୯ଟି ନମୁନା କଫସିରଫ ମଧ୍ୟରୁ ମାତ୍ର ୯ଟିକୁ ପରୀକ୍ଷା କଲା ପରେ ଏବଂ ସବୁଠାରୁ ବିପଦଜନକ ମନେ ହେଉଥିବା ଦୁଇଟିକୁ ଆଦୌ ପରୀକ୍ଷା ନ କରି ସବୁଗୁଡ଼ିକୁ ଅଭିଯୋଗମୁକ୍ତ ଘେଷଣା କରିବା। କେବଳ ସମସ୍ୟା ଅଧିକ ଜଟିଳ ହେଲା ପରେ, ବିଶେଷକରି ତାମିଲନାଡୁରେ ଏହାକୁ ନେଇ ତନାଘନା ହେବାରୁ, କେନ୍ଦ୍ରସରକାରଙ୍କ ସମେତ ଅନେକ ରାଜ୍ୟ ସରକାର ଏ କଫସିରଫର ଉତ୍ପାଦନ, ବିତରଣ ଏବଂ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। କିଛି ଡାକ୍ତର ଏବଂ ସହକାରୀ ଔଷଧ ନିୟନ୍ତ୍ରକଙ୍କୁ ଏଥିପାଇଁ ପୁଲିସ ହେପାଜତକୁ ନେଇଛି। କୋଲଡରିଫ୍ ବ୍ୟତୀତ ଅନ୍ୟକିଛି କଫ୍‌ସିରପ୍‌ର ମଧ୍ୟ ପରୀକ୍ଷା କରାଯାଉଛି।

ଆମ ରାଜ୍ୟରେ ମଧ୍ୟ ଏ ଦିଗରେ ପଦକ୍ଷେପ ଆରମ୍ଭ ହୋଇଛି। ତେବେ ଏହା ସାମଗ୍ରିକ ଭାବେ ସମସ୍ୟାଟିର ସମାଧାନ ନୁହେଁ। କାରଣ ଆଗରୁ ଅନେକଥର ଘଟିଲା ଭଳି କିଛିଦିନ ପରେ ଏ ଘଟଣାଟି ହୁଏତ ଥଣ୍ଡା ପଡ଼ିଯିବ। ତା'ପରେ ସବୁଚାଲିବ ଚିରାଚରିତ ଢଙ୍ଗରେ। ଏକ ଆକଳନ (୨୦୧୬-୨୦୧୮) ଅନୁସାରେ ଭାରତରେ ଅନେକ ଔଷଧରେ (ପ୍ରାୟ ୩%) କିଛି ନା କିଛି ଅପମିଶ୍ରଣ ବା ତ୍ରୁଟି ରହିଛି। ତେବେ ସଂବେଦନହୀନ ପ୍ରଶାସନ, ଡାକ୍ତର ଓ ଲାଭଖୋର କମ୍ପାନୀମାନଙ୍କର ଅସାଧୁ ମେଣ୍ଟ ହେତୁ ଏହାକୁ ସୁଧାରିବା ସମ୍ଭବ ହୋଇ ପାରୁନାହିଁ। ଅତଏବ ଦେଶର ହଜାର ହଜାର ନିରୀହ ଲୋକ ଉନ୍ମୁକ୍ତ ରହୁଛନ୍ତି ବିବିଧ ରୋଗଜନିତ ଅକ୍ଷମତା ଏବଂ ଅକାଳମୃତ୍ୟୁକୁ।

ଭୁବନେଶ୍ୱର, ମୋ : ୯୯୩୭୩୦୧୪୬୦

# ଆମ ବୃକ୍ଷଲତା ଆମ ଜୀବନ

**ଗୁଳୁଚିଲତା**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ଗୁଳୁଚିଲତା, ଗୁଳୁଚି କିମ୍ବା ଗିଲୋଇ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆର ଏକ ମୂଳଜାତ ଉଦ୍ଭିଦ। ଭାରତ, ବାଂଲାଦେଶ, ଶ୍ରୀଲଙ୍କା, ମିଆଁମାର, ଚୀନ୍, ଥାଇଲ୍ୟାଣ୍ଡ, ଫିଲିପାଇନ୍ସ, ଇଣ୍ଡୋନେସିଆ, ମାଲେସିଆ, ବୋର୍ଣ୍ଣିଓ, ଭିଏତନାମ ଏବଂ ଉତ୍ତର ଓ ଦକ୍ଷିଣ ଆଫ୍ରିକା ଇତ୍ୟାଦି ଦେଶମାନଙ୍କରେ ଏହା ସାଧାରଣତଃ ଦେଖାଯାଏ। ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୬୦୦ ମିଟର ଉଚ୍ଚତା ଯାଏଁ ଉଷ୍ଣମଣ୍ଡଳୀୟ ଏବଂ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ଏହା ଏକ ଉପକାରୀ ଆୟୁର୍ବେଦ ଓଉଷଧି ଲତା।

ଗୁଳୁଚିର କାଣ୍ଡ ଓ ଶାଖାଗୁଡ଼ିକର ଗଣ୍ଠିରୁ ଅନେକ ତାର ଭଳି ଚେର ଓହଳି ରହେ। କାଣ୍ଡ ଗଠନ ତନ୍ତୁମୟ, ରସାଳ। ଏହାର ଛାଲ ଧଳାରୁ ଧୂସର ରଙ୍ଗର। ପତ୍ରଗୁଡ଼ିକ ଆକାରରେ ବଡ଼, ହୃଦୟ ଆକୃତିର, ଗୋଲାକାର, ସରଳ, ବିକଳ୍ପ ଏବଂ ୧୫ ସେମି ଲମ୍ବା। ପତ୍ର ଅକ୍ଷରେ ପୁଷ୍ପଦଗମ ଧାରଣ କରିଥିବା ଫୁଲଗୁଡ଼ିକ ଏକ ଲିଙ୍ଗ ବିଶିଷ୍ଟ, ପୃଥକ ଗଛରେ ସନ୍ନିବିଷ୍ଟ ଥାଏ। ଫଳଗୁଡ଼ିକ ଗୋଟିଏରୁ ତିନୋଟି ଡ୍ରୁପ, ଲାଲ କିମ୍ବା କମଳା ରଙ୍ଗର କ୍ଲଷ୍ଟରରେ ଏକତ୍ରିତ ଥାଏ। ଏହାର ଫୁଲ ଗ୍ରୀଷ୍ମ ରତୁରେ ଫୁଟେ ଏବଂ ଶୀତରତୁରେ ଫଳ ଉତ୍ପାଦନ ହୁଏ।

ଗୁଳୁଚି ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଲତା, ଅନେକ ଆୟୁର୍ବେଦିକ ଔଷଧର ଉପାଦେୟ ଉପାଦାନ। ଆୟୁର୍ବେଦରେ ଏହାକୁ ରସାୟନ କୁହାଯାଏ। ଏହା ଶରୀରର ସାଧାରଣ ପ୍ରତିରୋଧ ଶକ୍ତିକୁ ବୃଦ୍ଧି କରେ, ଦୀର୍ଘଜୀବନ ନିଶ୍ଚିତ କରେ ଏବଂ ଚାପମୁକ୍ତ କରେ। ଏହା ପ୍ରଦାହ-ପ୍ରତିରୋଧୀ, ଇମ୍ୟୁନୋ-ମୋଡ୍ୟୁଲେଟୋରୀ, ଆଣ୍ଟି-ପାଇରେଟିକ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଡାଇବେଟିକ୍, ଆଣ୍ଟି-ଆଲରଜିକ୍ ଏବଂ ଆର୍ଥରାଇଟିକ୍-ପ୍ରତିରୋଧୀ। ଗୁଳୁଚି ଜ୍ୱର, ଦୀର୍ଘକାଳୀନ ଜ୍ୱର, ସଂକ୍ରମଣ, କର୍କଟ, ଶ୍ୱାସ, ଗଣ୍ଠି ବାତ, ରିମାଟ୍ୟୁଟେଡ୍ ଆର୍ଥ୍ରାଇଟିସ୍, ପୁନରାବୃତ୍ତି ସଂକ୍ରମଣ, ପୁନରାବୃତ୍ତି ସାଧାରଣ ଥଣ୍ଡା, ଦୀର୍ଘକାଳୀନ ଥକ୍କାପଣ, ଉଚ୍ଚ କୋଲେଷ୍ଟ୍ରଲ୍ ସ୍ତର, ଏଥେରୋସ୍କେଲରୋସିସ୍, ଗାଉଟ୍, ହୃଦୟ ଦୁର୍ବଳତା, ଏସିଡିଟି, କ୍ରନିକ୍ ଗ୍ୟାଷ୍ଟ୍ରିକ୍, କୋଷ୍ଠକାଠିନ୍ୟ, ଗ୍ରହଣୀ ଘା', ହାର୍ଟବର୍ଣ୍ଣ, ପେପ୍ଟିକ୍ ଘା', ମୁଖ ଘା', ଘା', ହେପାଟାଇଟିସ୍, ପିତ୍ତକୋଷର ପ୍ରଦାହ, ଭୋକ ହ୍ରାସ, ବଦହଜମୀ, ଗ୍ୟାସ୍ କିମ୍ବା ପେଟ ଫୁଲିବା, ଯକୃତ ରୋଗ, ଅଗ୍ନାଶୟ କ୍ଷତି, ବୃକକ୍ ଓ ମୂତ୍ରାଶୟ ରୋଗ, ପରିସ୍ରାରେ ଜଳାପୋଡ଼ା, ଡେଙ୍ଗୁ, ସ୍ୱାଇନ୍ ଫ୍ଲୁ, ବାର୍ଡ ଫ୍ଲୁ, ଅଜ୍ଞାତ ଉତ୍ପତ୍ତି ଜ୍ୱର, ଗଳା ସଂକ୍ରମଣ, ଛିଙ୍କ, କାଶ, ଶରୀର ଯନ୍ତ୍ରଣା ଇତ୍ୟାଦି ରୋଗର ଉପଶମ ପାଇଁ ଚିକିତ୍ସା କରାଯାଏ।

ଏହା ଏକ ମୃଦୁ ଆନାଲ୍ଜେସିକ୍, ଆଣ୍ଟାସିଡ୍, ଫେବ୍ରିଫିଜ୍, ଗାଉଟ୍-ନିରୋଧୀ, ମ୍ୟୁଟାଜେନିକ୍, ପ୍ରୁରିଟିକ୍ସ, ହେମାଟୋଜେନିକ୍ (ଲୋହିତ ରକ୍ତ କଣିକା ଗଠନରେ ସାହାଯ୍ୟ କରେ), ଡିଟକ୍ସିଫାୟର୍, ଡିମଲସେଣ୍ଟ, କାର୍ମିନେଟିଭ୍, ପାଚନ ପ୍ରେରକ, ହାଇପୋ-ଗ୍ଲାଇସେମିକ୍, ଡାଇୟୁରେଟିକ୍ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଆୟୁର୍ବେଦିକ ଔଷଧ। ଏହାର ପାକସ୍ଥଳୀ ସୁରକ୍ଷା ପ୍ରଭାବ ମଧ୍ୟ ଅଛି। କାଣ୍ଡ ତିକ୍ତ, ଏକ ମୁଖ୍ୟ ଔଷଧୀୟ ଅଂଶ। ଗୁଳୁଚି ପାଉଡର, ରସ କିମ୍ବା କ୍ୟାପସୁଲ୍ ଆକାରରେ ନିଆଯାଇପାରେ। ଗୁଳୁଚିରେ ଷ୍ଟେରଏଡ୍, ବିଭିନ୍ନ ଫାଇଟୋକେମିକାଲ୍ସ, ଯେପରିକି ଆଲକାଲଏଡ୍ସ, ଫାଇଟୋଷ୍ଟେରୋଲ୍ସ, ଗ୍ଲାଇକୋସାଇଡ୍ସ, ଟାଇନୋସ୍ପୋରାଇଡ୍ସ ଅନ୍ତର୍ଭୁକ୍ତ। ମୁଖ୍ୟ ଆଲକାଲଏଡ୍ ଏବଂ ଦ୍ୱିତୀୟ ମେଟାବୋଲାଇଟ୍ସ ହେଉଛି ଟାଇନୋସ୍ପୋରିନ୍, ଟାଇନୋସ୍ପୋରାଇଡ୍, ଟାଇନୋସ୍ପୋରାସାଇଡ୍, କର୍ଡିଫୋଲାଇଡ୍, କର୍ଡିଫୋଲ, ହେପ୍ଟାକୋସାନୋଲ୍ ଓ ଟାଇନୋସ୍ପୋରାଇଡିନ୍। ଭାରତରେ ୨୦୨୦-୨୨ କୋଭିଡ-୧୯ ପ୍ରକୋପ ସମୟରେ ଆୟୁଷ ମନ୍ତ୍ରଣାଳୟ ରୋଗ ପ୍ରତିରକ୍ଷା ସମର୍ଥନ ପାଇଁ ଗୁଳୁଚିକୁ ଘରୋଇ ଉପଚାର ଭାବରେ ବ୍ୟବହାର କରିବାକୁ ସୁପାରିସ କରିଥିଲା। କିନ୍ତୁ ପରେ ଏହା ହେପାଟାଇଟିସ୍ ସହିତ ଜଡ଼ିତ ଥିବା ଦେଖାଯାଇଥିଲା।

ମେ-ଜୁଲାଇ ମାସରେ ପୁରୁଣା କାଣ୍ଡରୁ ପ୍ରାପ୍ତ ତାଜା କଟା କାଣ୍ଡ ଦ୍ୱାରା ଏହି ଗଛ ଚାଷ କରାଯାଏ। ବଂଶବିସ୍ତାର ପାଇଁ ବିହନ ମଧ୍ୟ ବ୍ୟବହାର କରାଯାଏ। ଗୁଳୁଚି ଡାଳ ମାଳିବା ପାଇଁ ସାଧାରଣତଃ ନିକଟସ୍ଥ ନିମ୍ବ ଏବଂ ଆମ୍ବ ଗଛର ସହାୟତା ଆବଶ୍ୟକ ହୁଏ। ଏହା ପ୍ରାୟ ଯେକୌଣସି ପ୍ରକାରର ମାଟିରେ ଭଲ ବଢ଼ିପାରେ, ତଥାପି ଭଲ ଜଳ ନିଷ୍କାସନ ସହିତ ଜୈବିକ ପଦାର୍ଥରେ ଭରପୂର ହାଲୁକା ବାଲିଆ ଦୋରସା ମାଟି ଏହି ଫସଲ ପାଇଁ ଉପଯୁକ୍ତ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଡ଼ିଆସୁଛି ମୋନ୍ଥା...

ଏମିତି ହେଲେ ଅବିଭକ୍ତ କୋରାପୁଟ ଓ ନୂଆପଡ଼ାରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ହୋଇପାରେ। ଯଦି ମାଲକାନଗିରି ହୋଇ ବାତ୍ୟା ଯାଏ, ତେବେ ଅବିଭକ୍ତ କୋରାପୁଟ, ଗଞ୍ଜାମ, ଗଜପତି, ଓ ନୂଆପଡ଼ା ସହିତ କଳାହାଣ୍ଡିରେ ପବନର ବେଗ ୬୦ କିମି ପର୍ଯ୍ୟନ୍ତ ହୋଇପାରେ। ମାତ୍ର ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦ କିମି ପର୍ଯ୍ୟନ୍ତ ହୋଇପାରେ। ଏହି ବାତ୍ୟା ଯୋଗୁଁ ରାଜ୍ୟର ଦକ୍ଷିଣ ଉପକୂଳରେ ପ୍ରବଳ ବର୍ଷା ହେବ। ୨୭ ତାରିଖ ଅପରାହ୍ନରୁ ଗଜପତି, ରାୟଗଡ଼ା, ଗଞ୍ଜାମ, ଖୋର୍ଦ୍ଧାରେ ମଧ୍ୟମରୁ ପ୍ରବଳ ବର୍ଷା ହେବା ସହ ନୟାଗଡ଼, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ମଧ୍ୟ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୯ ସନ୍ଧ୍ୟା ଓ ୩୦ରେ ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ମଧ୍ୟମ ବର୍ଷା ହୋଇପାରେ। ଗଜପତି, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାରେ ୧୫୦ ମିମି, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଉପକୂଳ ଅଞ୍ଚଳରେ ୧୦୦-୧୨୦ମିମି ପର୍ଯ୍ୟନ୍ତ ବର୍ଷା ହୋଇପାରେ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତରେ ରହିଥିବା ପୂର୍ବଘାଟ ପର୍ବତମାଳା ଯୋଗୁଁ ଓଡ଼ିଶାରେ ବାତ୍ୟାର ପ୍ରଭାବ କମ୍ ରହିବ। ମାତ୍ର ଏହାର ପାର୍ଶ୍ୱ ପ୍ରଭାବରେ ରାଜ୍ୟର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ସହ ଭୂସ୍ଖଳନ ଆଶଙ୍କା ରହିଛି। ତେଣୁ ଏହାପ୍ରତି ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

### ୮ ଜିଲ୍ଲାକୁ ଗଲେ...

ଆଲୋଚନା କରି ବାତ୍ୟାର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହାପରେ ରାଜୀବ ଭବନଠାରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଗଜପତି ଜିଲ୍ଲାରେ ସମ୍ଭାବ୍ୟ ଭୂସ୍ଖଳନର ଆଶଙ୍କା ଥିବାରୁ ସେଠାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀଙ୍କୁ ଆଗୁଆ ମୁତୟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୮ ଟି ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଦଳଙ୍କୁ ୮ ଟି ଜିଲ୍ଲାରେ ମୁତୟନ କରାଯାଇଛି। ଏଥିସହିତ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହ ସ୍କୁଲ ଘର ଓ ଗୋଷ୍ଠୀ କେନ୍ଦ୍ରଗୁଡ଼ିକୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଶକ୍ତି ବିଭାଗ ସହ ଆଲୋଚନା ହୋଇଛି। ଡାକ୍ତରଖାନା, ଜରୁରୀ ସେବା, ପାନୀୟ ଜଳ ଯୋଗାଇଦେବା ପାଇଁ ବିକଳ୍ପ ଶକ୍ତିର ବ୍ୟବସ୍ଥା କରାଯାଇଛି। ବୟସ୍କ, ଶିଶୁମାନଙ୍କୁ ଆଗୁଆ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆସନ୍ନ ପ୍ରସବାମାନଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ସେହିଭଳି ସମୁଦ୍ର କୂଳରେ ରହୁଥିବା ପର୍ଯ୍ୟଟକମାନେ ମଧ୍ୟ ସମୁଦ୍ରତଟକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ଆନ୍ଧ୍ରକୁ ଗଲେ...

ସାମଗ୍ରୀ ପ୍ରସ୍ତୁତି କରି ରଖିବାକୁ କୁହାଯାଇଛି। ବର୍ଷା ହେବାକୁ ଥିବା ଜିଲ୍ଲାରେ ୨ଶହ ଟିମ୍‌କୁ ସଜାଗ ରଖାଯାଇଛି। ବାତ୍ୟାର ଗତିପଥ ଏବଂ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ କ୍ଷତିଗ୍ରସ୍ତ ହେବାକୁ ଥିବା ଜିଲ୍ଲାରେ ଅଧିକ ଟିମ୍ ମୁତୟନ କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

### ୫ ଶିଶୁ ଏଚ୍‌ଆଇଭି...

କୁମାରଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍‌କୁ ଚାଇବସା ହସ୍ପିଟାଲକୁ ପଠାଇ ଦିଆଯାଇଛି।

ଶନିବାର ଏହି ଟିମ ଯାଞ୍ଚ କରିବା ପରେ ଆଉ ୪ ଜଣ ଥାଲାସେମିଆ ପୀଡିତ ଶିଶୁ ଏଚ୍‌ଆଇଭି ପଜିଟିଭ୍ ବୋଲି ଜଣାପଡିଥିଲା। ଫଳରେ ଏହି ମାମଲା ଆହୁରି ଗମ୍ଭୀର ହୋଇଥିଲା। ସବୁ ୫ ଶିଶୁଙ୍କୁ ନିୟମିତ ଭାବେ ଏହି ହସ୍ପିଟାଲ୍‌ରେ ରକ୍ତ ଦିଆଯାଉଥିଲା। ଯାଞ୍ଚ ଅବସରରେ ବ୍ଲଡ ବ୍ୟାଙ୍କରେ କିଛି ଅନିୟମିତତା ଦେଖିବାକୁ ମିଳିଥିଲା ଓ ଏହାକୁ ଦୂର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପାଇଁ ଏହି ବ୍ଲଡବ୍ୟାଙ୍କକୁ ଜରୁରୀକାଳିନ ସ୍ଥିତିରେ ରଖାଯାଇଛି। ଅତି ଗମ୍ଭୀର ମାମଲା ନ ହେଲେ ସେବା ପ୍ରଦାନ କରାଯିବ ନାହିଁ ବୋଲି କୁହାଯାଇଛି। ବ୍ଲଡ ବ୍ୟାଙ୍କରେ ଏକାଧିକ ଅନିୟମିତତା ହୋଇଥିବା ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି। ବ୍ଲଡ ସାମ୍ପୁଲ ଟେଷ୍ଟିଂ, ରେକର୍ଡ ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରୋଟୋକଲ୍‌ରେ ଗମ୍ଭୀର ଭାବେ ଅବହେଳା ହୋଇଥିବା ଯାଞ୍ଚରୁ ଜଣାପଡିଛି।

ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସଂପୃକ୍ତ ଡାକ୍ତର ଓ ଅନ୍ୟ ମେଡିକାଲ କର୍ମଚାରୀଙ୍କୁ ସସପେଣ୍ଡ କରିବା ସହିତ ସଂକ୍ରମିତ ଶିଶୁଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ସଂକ୍ରମିତ ପିଲାମାନଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ସେ କହିଛନ୍ତି।

### ନୟାଗଡ଼ ଉପକାରାଗାରରେ...

ଚେଷ୍ଟା ଚଳାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ନୟାଗଡ଼ ଉପକାରାଗାରରେ ବିଭିନ୍ନ କାରଣକୁ ନେଇ କଏଦୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। କୁହୁଳୁଥିବା ଅସନ୍ତୋଷ ରବିବାର ମଧ୍ୟାହ୍ନରେ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଥିଲା। ଶନିବାର ସନ୍ଧ୍ୟାରେ କଏଦୀମାନେ କାରାଗାର ସେଲ ଚାବି ପଡ଼ିବା ସମୟରେ ହୋ-ହାଲ୍ଲା କରିଥିଲେ। ଉପକାରାଗାର ଅଧୀକ୍ଷକ ଶ୍ରୀ ନାୟକ ସମସ୍ତଙ୍କୁ ବୁଝାଶୁଝା କରିଥିଲେ। ତେବେ ରବିବାର ସକାଳୁ ୫୦ରୁ ଊର୍ଦ୍ଧ୍ୱ କଏଦୀ ଏକତ୍ରିତ ହୋଇ ବିରୋଧ କରିବା ସହ ୩ଜଣ କର୍ମଚାରୀଙ୍କୁ ନିର୍ଘୁମ ମାଡ଼ ମାରିଥିଲେ। ଆକ୍ରମଣର ଶିକାର ୩ କର୍ମଚାରୀ ହେଲେ, ଚିଫ୍ ୱାର୍ଡର୍ ସତ୍ୟନାରାୟଣ ଲେଙ୍କା, ୱାର୍ଡର୍ ସମରେନ୍ଦ୍ର ରାଉତ ଓ ହିମାଂଶୁ ପାଇକରାୟ। ପରେ ସେମାନଙ୍କ ମଧ୍ୟରେ ଦୁଇଗୋଷ୍ଠୀ ହୋଇ ସାଂଘାତିକ ଗଣ୍ଡଗୋଳ ଲାଗିଥିଲା।

ଖବର ପାଇ ଜିଲ୍ଲା ପୁଲିସର ବରିଷ୍ଠ ଅଧିକାରୀ ସଦଳବଳେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି। ଏହି ଘଟଣାକୁ ନେଇ ଜେଲ୍ ଅଧୀକ୍ଷକ ଶ୍ରୀ ନାୟକ ନୟାଗଡ଼ ସଦର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଏତଲା ଆଧାରରେ ସଦର ଥାନା ପୁଲିସ ୨୭୬/୨୫ରେ ୩୫ଜଣ କଏଦୀଙ୍କ ନାମରେ ମାମଲା ରୁଜୁ କରିଥିବା ସୂଚନା ମିଳିଛି।

ଉପକାରାଗାରରେ ନିଅଣ୍ଟିଆ ଖାଦ୍ୟ ବଣ୍ଟନ, କାରାଗାର ମଧ୍ୟକୁ ବେଆଇନ ଭାବେ ନିଶାଦ୍ରବ୍ୟ ଚାଲାଣ, ଫୋନ୍‌ରେ କଥାବାର୍ତ୍ତା ହେବାକୁ ବାରଣ କରିବାକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିବା ଜଣାପଡ଼ିଛି। ବିଷ୍ଣୁପ୍ରସାଦକୁ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ କହିବାରୁ ତା'ର ସହଯୋଗୀ ସହ ମିଶି ସେ ଜେଲର୍‌ଙ୍କୁ ପଥର ମାଡ଼ କରିଥିଲା। ବିଷ୍ଣୁ ଫତେଗଡ଼ ଥାନା ଅଞ୍ଚଳରେ ଘଟାଇଥିବା ଏକ ହତ୍ୟା ଉଦ୍ୟମ ଅଭିଯୋଗରେ ଜେଲ୍‌ରେ ଅଛି। ନୟାଗଡ଼ ଉପକାରାଗାରରେ ୨୦୦ରୁ ଊର୍ଦ୍ଧ୍ୱ କଏଦୀ ତଥା ବିଚାରାଧୀନ ବନ୍ଦୀ ରହିଥିବା ଜଣାପଡ଼ିଛି।


**AFFIDAVIT**

By virtue of an affidavit sworn before the Executive Magistrate, Jajpur on dtd.22.10.2025, I, Sri Abhiram Khandai, resident of Village-Kalaspur, Po- Hasinpur, Ps-Jajpur Sadar, Dist- Jajpur, do hereby declare that my correct name is Abhiram Khandai but in some records mentioned as Abhiram Panda i.e.. myself. Henceforth, I shall be known as **Abhiram Khandai** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bolagarh, dated 21.04.2025 I, Priti Ranjan Swain, Address: At/Po: Manikagoda, Ps: Bolagarh, Dist: Khordha, Odisha, Pin: 752066, declare that I have changed my name from Priti Ranjan Swain (old name) to Pritiranjan Swain (new name). Henceforth, I shall be known as Pritiranjan Swain for all purposes.

**Pritiranjan Swain**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-EI-NORTH SEC-KUR-508, ତା.21.10.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଉପଯୋଗିତା ସ୍ଥାନାନ୍ତରଣ (Utility Shifting) ସହିତ ଏନ୍.ଏଚ୍(NH)-200 (ନୂଆ ଏନ୍.ଏଚ୍ (NH)-53)ରେ କି.ମି. 370/25-27 ଏବଂ ଲେଭେଲ କ୍ରସିଂ (LC)-182, JB-7, CP-09 ଠାରେ ରୋଡ୍ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ ସଂକେତ ଏବଂ ଦୂରସଂଚାର କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(₹):** 1,73,33,201.83, EMD (₹) : 2,36,700.00।

ବିକ୍ରି ଆରମ୍ଭ ହେବା ତାରିଖ : ତା.29.10.2025ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.11.2025 ରିଖ 1100 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ଭାବେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ତଥ୍ୟପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-723/O/25-26

**WALK-IN-INTERVIEW**

**For B.Sc.-Nursing, GNM, ANM, Diploma (Mechanical, Electrical, Civil, C.S.E, Mining), PGDM (HR, Marketing, Finance), BBA, BCA, B.Sc-Biotech**

**Teaching Staff:** Nursing tutor (B.SC /M.SC), MCA, M.Sc. (Math, Chemistry, Physics, Statistics), & M.A-English, B.Tech./M.tech (Relevant Trades), Ph.D. (Completed/Pursuing), Principal, Associate Professor, Assistant Professor, Teaching Assistant, NCC (MALE & FEMALE), Lab Assistant

**Non-Teaching:** Admission/Marketing Officer, Placement Officer, Office Assistant, Front Desk/Tele caller (Female),Hostel Superintendent/Warden(Female/Male), Driver (Bus/Car), Security Guard, Librarian, Hardware Operator (Desktop/CCTV Camera), Accounts Assistant, Cook for Canteen, Peon.

Walk-in Interview on 28TH OCT 2025 at 10.30 A.M. to 4.30 P.M. in the Campus with copies of All Educational Documents. The applicants may attach CV & required testimonials within 3 days from the date of first advertisement:**akwect.new@gmail.com**

**Contact No: 8249045044/9861031372.**

**ASHAA KIRANN GROUP OF INSTITUTIONS,**
**Plot No-622, At/Po- Palasapur, Chhatabar, Dist- Khordha-752054**


Format C-1

(For candidate to publish in Newspapers, TV)

**Declaration about criminal cases**

***(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)***

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

I, **Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| 2 | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| 3 | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| 4 | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**


OFFICE OF THE PRINCIPAL

**GETESWAR SANSKRIT COLLEGE, MATIGADA, OUPADA, BALASORE**

**ଅତିଥି ଅଧ୍ୟାପକ ଆବଶ୍ୟକ**

ଏତଦ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା- ୫୭୧୯୮, ତା-୨୩/୧୦/୨୦୨୫ ରିଖ ନିର୍ଦ୍ଦେଶ ଅନୁସାରେ ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟ, ମାଟିଗଡା, ଔପଦା, ବାଲେଶ୍ୱର ରେ ଖାଲି ଥିବା ନିମ୍ନ ବିଷୟ ମାନଙ୍କ ରେ ଅତିଥି ଅଧ୍ୟାପକ ନିଯୁକ୍ତି କରାଯିବ।

(୧)ଇତିହାସ-୧ ସଂଖ୍ୟା-୧

(୨)ଯୋଗ୍ୟତା: ଅବସରପ୍ରାପ୍ତ ଅଧ୍ୟାପକ (୪୮୮,୬୬୨) ଏବଂ ସଂସ୍କୃତ ବର୍ଗର)

(୩)ବୟସ ସୀମା: ୬୧ ରୁ ୬୯ ବୟସ ମଧ୍ୟରେ

(୪)ଆବେଦନ ଉପଯୁକ୍ତ ପ୍ରାର୍ଥୀ କେବଳ HIMS ପୋର୍ଟାଲ ମାଧ୍ୟମରେ ବିଜ୍ଞାପନ ର ୭ ଦିନ ମଧ୍ୟରେ ଆବେଦନ କରିପାରିବେ।

Sd/- Principal Cum Secratary
Contact - 9937348089

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**CONVENING OF 107TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 107th Annual General Meeting (AGM) of the members of The Orissa Minerals Development Company Limited will be held on Tuesday, 18th November, 2025 at 11.00 A.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 107th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com and www.bseindia.com

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 107th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 25.10.2025

**EASTERN INVESTMENTS LIMITED**
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website: www.birdgroup.co.in

**CONVENING OF 98TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 98th Annual General Meeting (AGM) of the members of Eastern Investments Limited will be held on Tuesday, 18th November, 2025 at 12.30 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 98th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/ Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com and www.bseindia.com

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 98th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 25.10.2025

**THE BISRA STONE LIME COMPANY LIMITED**
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: omdc.sec.dept@gmail.com

**CONVENING OF 114TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 114th Annual General Meeting (AGM) of the members of The Bisra Stone Lime Company Limited will be held on Tuesday, 18th November, 2025 at 12.00 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 114th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com and www.bseindia.com.

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 114th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 25.10.2025

# ସାଇବର ସୁରକ୍ଷା ଅଭିଯାନ ଆରମ୍ଭ



**ଶରଣକୁଳ,୨୬।୧୦(ସମିସ):** ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଶରଣକୁଳରୁ ପ୍ରଥମ କରି ସାଇବର ସୁରକ୍ଷା ଅଭିଯାନ ରବିବାର ଆରମ୍ଭ ହୋଇଛି। ବର୍ତ୍ତମାନ ମୋବାଇଲ ଫୋନ, ବ୍ୟକ୍ତିଗତ କମ୍ପ୍ୟୁଟର ଓ ଅନ୍ୟାନ୍ୟ ସ୍ମାର୍ଟ ଡିଭାଇସର ବହୁଳ ବ୍ୟବହାର ହେଉଥିବାରୁ ସାଇବର ଠକମାନଙ୍କ ପାଇଁ ଏହା ନୂଆ ରୋଜଗାରର ମାଧ୍ୟମ ପାଲଟିଛି। ଏହି ଠକ ମାନଙ୍କଠାରୁ ବର୍ତ୍ତିବା ପାଇଁ ସହଜ ଓ ପ୍ରଭାବ ଉପାୟ ହେଉଛି ସାଇବର ସୁରକ୍ଷା। ଏଥିନେଇ ଶରଣକୁଳ ପୁଲିସ ପକ୍ଷରୁ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ରବିବାର ସାଇବର ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ସଭାରେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଡିଏସ୍‌ପି ସୁକାନ୍ତ କୁମାର ପାତ୍ର, ରିଜର୍ଭ ପୁଲିସ ଇନିସ୍ପେକ୍ଟର ବିରଞ୍ଚି ନାରାୟଣ ସାହୁ, ଶରଣକୁଳ ଥାନା ଭାରପ୍ରାପ୍ତ ଅଧିକାରୀ ସୁଜିତ କୁମାର ଦାସ, ଶରଣକୁଳ ଜୋନ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଯୋଗ ଦେଇ ସଚେତନତା ହିଁ ସାଇବର ଠକେଇରୁ ବର୍ତ୍ତିବା ପାଇଁ ଶକ୍ତି ଶାଳୀ ଅସ୍ତ୍ର। ଅଜଣା ଫୋନ କଲ, ଲିଙ୍କ କିମ୍ବା ମେସେଜରେ କେହି ବିଶ୍ୱାସ ନକରି ଏହାର ସତ୍ୟତା ଜାଣିବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ବ୍ୟାଙ୍କ ତଥ୍ୟ, ଓଟିପି ହଠାତ କାହାରିକୁ ନଦେବାକୁ ପରାମର୍ଶ ଦେଇଥିଲେ। ଅନଲାଇନରେ ଠକେଇ ହେବାମାତ୍ରେ ହେଲ୍ପ ଲାଇନ ନମ୍ବର ୧୯୩୦ରେ କଲକରି ଜଣାଇବାକୁ କୁହା ଯାଇଥିଲା। ଏତଦ ବ୍ୟତୀତ ସୋସିଆଲ ମିଡିଆରେ ନକଲି ସନ୍ଦିଗ୍ଧ ପୋଷ୍ଟ ଦେଖିବା ମାତ୍ରେ ତୁରନ୍ତ ଥାନାକୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ସ୍ୱାସ୍ଥ୍ୟ ସେବା ଶିବିର



**ନୟାଗଡ଼,୨୬।୧୦(ସମିସ):** ବଂଶୀଧର ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ଫର ପିସ୍ ଆଣ୍ଡ ଡେଭଲପମେଣ୍ଟ ଏବଂ ହେଲଥ ଭିଲେଜ ହସ୍ପିଟାଲ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ସମାଜସେବୀ ମନୋଜ କୁମାର ସାହୁଙ୍କ ପରିଚାଳନାରେ ଆଶୀର୍ବାଦ କଲ୍ୟାଣ ମଣ୍ଡପ ଇଟାମାଟିଠାରେ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ହେଲଥ ଭିଲେଜ ହସ୍ପିଟାଲ ଭୁବନେଶ୍ୱରର ସିନିୟର ପ୍ରଫେସର ଡାକ୍ତର ଶୋଭନ କୁମାର ରଥଙ୍କ ନେତୃତ୍ୱରେ ଅଭିଜ୍ଞ ଡାକ୍ତର ପ୍ରତାପ କୁମାର ସିଂ (ଭେଷଜ ବିଶେଷଜ୍ଞ), ଡାକ୍ତର ରାଘବ ଲୋଚନ (ଯନ୍ତ୍ରଣା ନିବାରଣ ବିଶେଷଜ୍ଞ) ଏବଂ ଡାକ୍ତର ରାମକୃଷ୍ଣ ପାତ୍ର (ଯନ୍ତ୍ରଣା ଓ ଭୌତିକ ନିବାରଣ ବିଶେଷଜ୍ଞ)ଙ୍କ ଦ୍ୱାରା ଇଟାମାଟି ପଞ୍ଚାୟତ ସମେତ ପାଖାପାଖି ସାତ ଗୋଟି ପଞ୍ଚାୟତରୁ ଆଣ୍ଠୁ ଗଣ୍ଠି ଓ ଅଣ୍ଟା ଜନିତ ଯନ୍ତ୍ରଣାର ନିରାକରଣ ପାଇଁ ଦୁଇଶହରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଡାକ୍ତରଙ୍କ ସହ ପରାମର୍ଶ କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ରାଜକିଶୋର ବରାଡ଼ ଉଦଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ, କୋଷାଧକ୍ଷ ରବୀନ୍ଦ୍ର ରାଉତ, ବଂଶୀଧର ସ୍ମୃତି କମିଟିର ସଭାପତି ଡ. ରଙ୍ଗନାଥ ବେହେରା, ସମାଜସେବୀ ବସନ୍ତ କୁମାର କର, ସନ୍ତୋଷ କୁମାର ଦାଶ, ନବ କିଶୋର ସାହୁ, ବିଶ୍ୱମୋହନ ମିଶ୍ର, ଦୀପକ କୁମାର ସୁନ୍ଦରକା, ବିନାୟକ ପ୍ରଧାନ, ନାରାୟଣ ସାହୁ,ଅଶୋକ ସାହୁ, ପୁରୁଷୋତ୍ତମ ମହାପାତ୍ର, ସୁରେନ୍ଦ୍ର ସାହୁ, ଅକ୍ଷୟ କୁମାର ମଲ୍ଲ, ଶିବ ରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଅଜୟ କୁମାର ପ୍ରଧାନ, ବାନାମ୍ବର ଜେନା, ସନ୍ତୋଷ କୁମାର ସ୍ୱାଇଁ, ଦେବରାଜ ସାହୁ ଏବଂ ପ୍ରଶାନ୍ତ କୁମାର ପୃଷ୍ଟି ଉପସ୍ଥିତ ରହି ଚିକିତ୍ସାରେ ସହଯୋଗ କରିଥିଲେ।

## ସୂଚନା ଫଳକ ଭୁଶୁଡ଼ି ନାବାଳକର ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତାରେ ଶବ ରଖି ଅବରୋଧ

ଓଡ଼ଗାଁ,୨୬।୧୦(ସମିସ)



ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରୋହିବାଙ୍କ ପଞ୍ଚାୟତ ନାଉଖାଲ ନରସିଂହ ପ୍ରସାଦ ଗ୍ରାମରେ ଉନ୍ନୟନ କାର୍ଯ୍ୟର ସୂଚନା ଫଳକ ଭୁଶୁଡିପଡି ଜଣେ ନାବାଳକର ମୃତ୍ୟୁଘଟଣା ସ୍ଥାନୀୟ ଅଳରେ ଶୋକରଛାୟା ଖେଳାଇ ଦେଇଛି। ରବିବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ମୃତକ ସହଦେବ ମହାଙ୍କୁଡଙ୍କ ପୁଅ ହିନ ମହାଙ୍କୁଡ(୧୪)ର ସଂସ୍କାର କରିବା ପରିବର୍ତ୍ତେ ନରସିଂହ ପ୍ରସାଦ ଗ୍ରାମବାସୀଙ୍କ ସହଯୋଗରେ ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ନାଉଖାଲ ରାସ୍ତା ଉପରେ ରଖି କ୍ଷତିପୂରଣ ଉଦ୍ଦେଶ୍ୟରେ ରାସ୍ତାରୋକ କରିଥିଲେ। ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇ ରାସ୍ତାର ଦୁଇ ପାଶ୍ୱର୍ରେ ବହୁ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ରାସ୍ତାରୋକର ସୂଚନା ପାଇ ଓଡ଼ଗାଁ ପୁଲିସ ଏସ୍‌ଆଇ ଚକ୍ରଧର ସିଂ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବା ବେଳେ ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ରାସ୍ତା ଅବରୋଧ ନହଟିବାରୁ ଘଟଣା ସ୍ଥଳରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଏବଂ ବିଡିଓ ଜିତେନ୍ଦ୍ର କୁମାର ନାଏକ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ଘଟଣାର ତଦନ୍ତ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ତତ୍କାଳୀନ ସହାୟତା ଅର୍ଥରାଶି ପ୍ରଦାନ କରିବା ପରେ ଦୀର୍ଘ ୪ ଘଣ୍ଟା ଅନ୍ତରରେ ରାସ୍ତାରୋକ ହଟିଥିଲା। ସୂଚନା ଥାଉକି ଠାକୁରାଣୀ ମନ୍ଦିର ଉନ୍ନତି କରଣ ନିମନ୍ତେ ଅର୍ଥ ଅନୁଦାନର ଏକ ସୂଚନା ଫଳକ ଗ୍ରାମ ଠାକୁରାଣୀ ମନ୍ଦିର ପରିସରରେ ନିର୍ମାଣ କରାଯାଇଥିଲା। କାର୍ତ୍ତିକ ମାସରେ ଗ୍ରାମର ଯୁବକ ମାନେ ମିଶି ପ୍ରତିଦିନ ପରି ଶନିବାର ସନ୍ଧ୍ୟାରେ ମନ୍ଦିର ଚତୁଃପାଶ୍ୱର୍ରେ ବୁଲି ସଙ୍କୀର୍ତ୍ତନ କରୁଥିବା ବେଳେ ମୃତ ନାବାଳକ ହିନ ଠାକୁରଙ୍କ ଫଟୋଚିତ୍ର ଧରି ସଂକୀର୍ତ୍ତନ ଦଳଙ୍କ ସାଙ୍ଗରେ ବୁଲୁଥିଲା। ସେହି ପଥରେ ସୂଚନା ଫଳକ ରହିଥିଲା। ତେବେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୧୪ ବର୍ଷର ହିନ ଠାକୁରଙ୍କ ଫଟୋଚିତ୍ର ଧରି ସୂଚନା ଫଳକକୁ ଅତିକ୍ରମ କରୁଥିବା ସମୟରେ ଫଳକଟି କୌଣସି କାରଣରୁ ଭୁଶୁଡି ପଡି ତା' ଉପରେ ଲଦି ହୋଇ ଯାଇଥିଲା। ଫଳରେ ଫଳକର ଭଙ୍ଗାରୁଜା ଇଟା ପଥର ନାବାଳକର ମୁଣ୍ଡରେ ଗଭୀର ଆଘାତ ସୃଷ୍ଟିକରିବାରୁ ଘଟଣା ସ୍ଥଳରେ ତାର ମୃତ୍ୟୁ ଘଟିଥିଲା। ଯୁବକମାନେ ତୁରନ୍ତ ତାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାକୁ ଆନୁଷ୍ଠାନିକ ଭାବେ ମୃତ ଘୋଷଣା କରିଥିଲେ।

# ମନ୍ଦିରରୁ ନାଗମୂର୍ତ୍ତି ଓ ଘଣ୍ଟି ଚୋରି; ୨ ଅଟକ

**ଭାପୁର,୨୬।୧୦(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ବର୍ତ୍ତମାନ ପାଉଡର ଖିଆଙ୍କ ଚୋରି, ରାହାଜାନୀ ବଢ଼ିବାରେ ଲାଗିଛି। ବିଶେଷ କରି ମନ୍ଦିରରୁ ଚୋରି ବଢିବାରେ ଲାଗିଲା। ଚାରିଦିନ ମଧ୍ୟରେ ତିନୋଟି ମନ୍ଦିରରୁ ଚୋରି ହୋଇଥିବା ଜଣାପଡିଛି। ଶନିବାର ରାତିରେ ବିଜିପୁର ପଞ୍ଚାୟତ ମାଳିବେରେଣୀ ଗ୍ରାମର ପ୍ରସିଦ୍ଧ ଆଳେଶ୍ୱର ମହାଦେବଙ୍କ ମନ୍ଦିରରୁ ଦୁଇ ଜଣ ଯୁବକ ଦୁଇଟି ତମ୍ବା ନାଗମୂର୍ତ୍ତି ଓ ଗୋଟିଏ ଘଣ୍ଟି ଚୋରି କରି ନେଇଥିବା ଜଣାପଡିଥିଲା। ରାତିରେ ସନ୍ଦେହ ଜନକ ଅବସ୍ଥାରେ ଦୁବପଲ୍ଲୀ ଗ୍ରାମର ପପୁ ପଣ୍ଡା ଓ ସୁନାଖଳା ଗ୍ରାମର ଲିଟୁ ମଲ୍ଲିକ ସେଠାରେ ବୁଲୁଥିବା ଦୁଇ ଯୁବକଙ୍କୁ ଗ୍ରାମବାସୀ ଆଣି ପଚରାଉଚୁରା ପରେ ସେମାନଙ୍କଠାରୁ ଘଣ୍ଟି ଉଦ୍ଧାର ହୋଇଥିବା ବେଳେ ନାଗମୂର୍ତ୍ତି ଉଦ୍ଧାର ହୋଇନାହିଁ। ସେହିପରି ଭାପୁର ତହସିଲଦାରଙ୍କ କାର୍ଯ୍ୟାଳୟ ନିକଟ ବ୍ରାହ୍ମଣୀ ଦେବୀ ମନ୍ଦିରରୁ ଦୁଇ ତିନୋଟି ଘଣ୍ଟି ଚୋରି ହୋଇଯାଇଛି। ସେହିପରି ବାଉଁଶବାଟୀ ଗ୍ରାମର ହନୁମାନ ମନ୍ଦିରରୁ ଘଣ୍ଟ ଘଣ୍ଟି ଚୋରି ହୋଇଥିବା ଜଣାପଡିଛି। ଏହି ନିଶାଖୋର ଯୁବକଙ୍କୁ ପୁଲିସ ନଜରରେ ରଖିବାକୁ ସାଧାରଣରେ ଦାବି ହେଉଛି।

# ଡରାଇଲାଣି ବାତ୍ୟା; ଆତଙ୍କିତ ଅଞ୍ଚଳବାସୀ

**ଗଣିଆ,୨୬।୧୦(ସମିସ):** ସମ୍ଭାବ୍ୟ ବାତ୍ୟା "ମୋନ୍ଥା'କୁ ନେଇ ସୃଷ୍ଟି ହେଲାଣି ଆତଙ୍କ। ଧାନ ଫସଲରେ କେଣ୍ଡା ଧରି ଆସୁଥିବା ବେଳେ ବାତ୍ୟାକୁ ନେଇ ଚାଷୀକୂଳ ମଧ୍ୟରେ ଚିନ୍ତା ବଢିଯାଇଛି। ବାତ୍ୟା ସହିତ ୪ ଦିନ ଲଗାଣ ବର୍ଷା ଥିବାରୁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ବିଶେଷକରି କଚ୍ଚାଘରେ ରହୁଥିବା ଲୋକେ ଆତଙ୍କିତ ହୋଇପଡିଛନ୍ତି। ବଣଜଙ୍ଗଲ ଘେରା ଅଞ୍ଚଳରେ ରହୁଥିବା ଲୋକମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଘରକୁ ବୋହି ନେଉଛନ୍ତି। ଯାହା ଫଳରେ କିଛି ଅସାଧୁ ବ୍ୟବସାୟୀ ପନିପରିବା ଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ବୃଦ୍ଧି କରି ଜନସାଧାରଣଙ୍କୁ ଠକୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ବ୍ୟବସାୟୀ ମାଲେମାଲ ହେଉଛନ୍ତି। ଅପହଞ୍ଚ ଇଲାକାରେ ରହୁଥିବା ଲୋକମାନେ ବାତ୍ୟା ଆଶ୍ରୟସ୍ଥଳୀରେ ରହିବାକୁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ଭିତରେ ଆସନ୍ନ ପ୍ରସବା ମହିଳା ମାନଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ ପ୍ରକାଶ କରିଛନ୍ତି। ବାତ୍ୟା ହେଲେ ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧର ଆଶଙ୍କା ଥିବାରୁ ଦମକଳ ବାହିନୀ ସଜାଗ ରହିଥିବା ଅଧିକାରୀ ଜଣାଇଛନ୍ତି। ତେବେ ବ୍ଲକ ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରଚାର ପ୍ରସାର ଜୋରଦାର କରାଗଲେ ଜନସାଧାରଣଙ୍କୁ ଆଶ୍ୱସ୍ତି ମିଳିପାରିବ ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି।



**କଣ୍ଟିଲୋ :** ବାତ୍ୟା ସୂଚନା ପ୍ରଚାରିତ ହେବା ପରେ ଚାଷୀଙ୍କ ମଧ୍ୟରେ ଛନକା ପଶିଛି। ଅଞ୍ଚଳରେ ମୁଖ୍ୟତଃ ଧାନ ଫସଲ ବହୁଳ ରୂପେ କରାଯାଇଥାଏ। ଏଥିସହ କୋବି, ମକା, ବାଇଗଣ, ମୂଳା, କନ୍ଦମୂଳ ଆଦି ପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। କେତେକ ସ୍ଥାନରେ ଧାନ କେଣ୍ଡାରେ କ୍ଷୀର ଧରୁଥିବା ବେଳେ କେତେ ସ୍ଥାନରେ ଧାନ ଫୁଲ ଧରୁଛି। ବାତ୍ୟା ହେଲେ ନିଶ୍ଚୟ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି।

# କୃଷକ ସଭା ରାଜ୍ୟ ସମ୍ମିଳନୀର ଖୋଲା ଅଧିବେଶନ

**ରଣପୁର,୨୬।୧୦(ସମିସ):** ଓଡ଼ିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀର ଖୋଲା ଅଧିବେଶ ଜମ୍ବେଶ୍ୱର ସାମନ୍ତରାୟଙ୍କ ସଭାପତିତ୍ୱରେ ରଣପୁର ପଞ୍ଚୁଦୋଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି।




ଏହି ପରିପ୍ରେକ୍ଷୀରେ କୃଷକମାନଙ୍କର ଏକ ଶୋଭାଯାତ୍ରା ରଣପୁର ନୂଆ ବସ୍‌ଷ୍ଟାଣ୍ଡ ଠାରୁ ବାହାରି ବଜାର ପରିକ୍ରମା କରି ପଞ୍ଚୁଦୋଳ ପଡ଼ିଆରେ ଥିବା ସହିଦ୍ ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ର ଓ ରାଜ୍ୟ ନେତା ପୁଷ୍ପମାଲ୍ୟ ଦେଇଥିଲେ। କିଷାନ ମୋର୍ଚ୍ଚାର ସର୍ବ ଭାରତୀୟ ସଭାପତି ତଥା ପୂର୍ବତନ ସାଂସଦ ହାନାନ୍ ମୋଲ୍ଲା ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଜିଲ୍ଲାରେ ଚିନିକଳ ତୁରନ୍ତ ଖୋଲିବା, ବୃତ୍ତଙ୍ଗ ଯୋଜନା କାର୍ଯ୍ୟକାରୀ କରିବା ଓ ଚାଷ ଜମିକୁ ଜଳସେଚନର ଜରୁରୀ ବ୍ୟବସ୍ଥା ଦାବି କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ହରିଶ୍ଚନ୍ଦ୍ର ମିଶ୍ର, ବିଶ୍ୱନାଥ ମହାପାତ୍ର, ଜିଲ୍ଲା ସଂପାଦକ ପବିତ୍ର ଇନ୍ଦ୍ରଜିତ, ନିତ୍ୟାନନ୍ଦ ପରିଡ଼ା, ସୁରେଶ ସ୍ୱାଇଁ, ସୁଶାସନ ଜେନା, ଗୟାଧର ଧଳ, ଅଭିରାମ ବେହେରା, ହରେକୃଷ୍ଣ ରେଡ୍ଡୀ, ବିକାଶ ନାଥ, ଭୀମସେନ ସ୍ୱାଇଁ, ମିନାରାଣୀ ପ୍ରଧାନ, ବିକାଶ ନାଥ ଓ ଗଦାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ।

# ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ନୟାଗଡ଼,୨୬।୧୦(ସମିସ):** ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାଆ ମାନଙ୍କର ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଗାୟତ୍ରୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରଭାସିନୀ ବରାଡ଼, ନମିତା କୁମାରୀ ନାୟକ ଓ ସସ୍ମିତା ନାୟକ ସମ୍ମାନିତା ଅତିଥି ଭାବେ ଯୋଗ ଦେଇଥିଲେ। ପର୍ଯ୍ୟାବରଣ ସୁରକ୍ଷାରେ ପଞ୍ଚ 'ଜ' ଯେପରିକି ଜନ, ଜଳ, ଜମି, ଜୀବ, ଜଙ୍ଗଲ ଆଦି ବିଷୟରେ ନିଜର ମତ ଉପସ୍ଥାପନା କରିଥିଲେ। ସ୍ମିତା ନାୟକ ପ୍ରେରଣାଦାୟୀ ମହିଳାଙ୍କ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ନମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ପରମ୍ପରା'ର ସ୍ୱନକ୍ଷତ୍ର ଉତ୍ସବ



**ନୟାଗଡ଼,୨୬।୧୦(ସମିସ):** ନୟାଗଡ଼ ସାହିତ୍ୟ ଓ ସଂସ୍କୃତି ପରିଷଦ ପରମ୍ପରା ୩୦ତମ ସ୍ୱନକ୍ଷତ୍ର ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ପର୍ବ ସ୍ଥାନୀୟ ନୀଳମାଧବ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରଥମ ଅଧିବେଶନରେ ବରିଷ୍ଠ ଶିଶୁ ସାହିତ୍ୟିକା ବସିରନ୍ ବିବି, ଡ. ଗୀତାଞ୍ଜଳି ମହାପାତ୍ର, ଗୀତିକାର ଗୋଦାବରୀଶ ମିଶ୍ର ଯୋଗଦେଇଥିଲେ। କବିତା ଗୁଡ଼ିକୁ ସଂଯୋଜନା କରିଥିଲେ ହରପ୍ରିୟା ଦ୍ୱିବେଦୀ ଓ ନୀଳମାଧବ ମିଶ୍ର। ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଉତ୍ତରାଞ୍ଚଳ ପୂର୍ବତନ ରାଜସ୍ୱ କମିଶନର ନିରଞ୍ଜନ ସାହୁ ଓ ବରିଷ୍ଠ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଯୋଗଦେଇଥିଲେ। କୈଳାସ ଚନ୍ଦ୍ର ତ୍ରିପାଠୀ କବିତା ଗୁଡ଼ିକୁ ସଂଯୋଜନା କରିଥିଲେ। ତୃତୀୟ ଅଧିବେଶନରେ ସୌଦାମିନୀ ସ୍ୱାଇଁ, ବିମ୍ବାଧର ସଥୁଆ ଓ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିବା ବେଳେ କବିତା ଗୁଡ଼ିକୁ ସ୍ନିଗ୍ଧାରାଣୀ ପଟ୍ଟନାୟକ ଓ ସମ୍ପଦ କୁମାର ଦାଶ ସଂଯୋଜନା କରିଥିଲେ। ଏହି ଅବସରରେ ପରିଷଦ ମୁଖପତ୍ର 'ପ୍ରାଚ୍ୟ ପରମ୍ପରା' ଏବଂ ସୁକାନ୍ତି ମହାନ୍ତିଙ୍କ କବିତା ପୁସ୍ତକ 'ଛୋଟ ମୋର ଗାଁ'ଟିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହା ସହିତ ୨୫୦ ଓଡ଼ିଶୀ ଗୀତ ରଚନା କରିଥିବା ରାଧାମୋହନ ସାହୁଙ୍କୁ ଓ ଓଡ଼ିଶୀ ସଙ୍ଗୀତ ଗାନ କରୁଥିବା ଡ. ଅନୁସୂୟା ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତି ମହାନ୍ତି ଏଥିରେ ସଭାପତିତ୍ୱ କରିଥିବା ବେଳେ ନିର୍ମଳ ଚନ୍ଦ୍ର ଶୂରଦେଓ ଏହାକୁ ପରିଚାଳନା କରିଥିଲେ।

## ବିଜେପି କର୍ମୀଙ୍କ ଆତଙ୍କରାଜ

# କେନ୍ଦୁଡିପି ସମିତିସଭ୍ୟାଙ୍କ ସ୍ୱାମୀଙ୍କୁ ଆକ୍ରମଣ

ନୟାଗଡ଼,୨୬।୧୦(ସମିସ)

ନୟାଗଡ଼ ଜିଲ୍ଲା ସଦରବ୍ଲକ କେନ୍ଦୁଡିପି ସମିତିସଭ୍ୟା ତିଳୋତ୍ତମା ଗୁରୁଙ୍କ ସ୍ୱାମୀ ପ୍ରମୋଦ କୁମାର ଗୁରୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। କେନ୍ଦୁଡିପି ଗ୍ରାମର କିଛି ବିଜେପି

- ଆକ୍ରମଣ ପଛରେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ
- ଥାନାରେ ଅଭିଯୋଗ ପରେ ପୁଲିସର ଛାନଭିନ୍

କର୍ମୀ ପୂର୍ବତନ ସରପଞ୍ଚ ଆରତ ବେହେରାଙ୍କ ପ୍ରରୋଚନାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୋଟିଏ ଡ୍ରେନ୍ ନିର୍ମାଣକୁ ଆରତ ବିରୋଧ କରି ଆସୁଥିଲେ। ଯାହାକୁ ନେଇ ଦୁଇ ଦିନ ତଳେ ବଚସା ହୋଇଥିଲା। ଆଜି ପ୍ରମୋଦଙ୍କ ସହ ଉକ୍ତ ଗ୍ରାମର ଗୁରୁ ଓମପ୍ରସାଦ



ନାମକ ଜଣେ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି। ପ୍ରମୋଦଙ୍କ କାନ୍ଧକୁ ହାଣି ଦିଆଯାଇଛି। ତା' ସହିତ ଗୁରୁ ଓମପ୍ରସାଦଙ୍କ ମୁଣ୍ଡ ଫାଟିଛି। ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରମୋଦଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। ପ୍ରମୋଦଙ୍କ ଭାଇ ପ୍ରଦୀପଙ୍କ ଅଭିଯୋଗ ଅନୁସାରେ, ଆଜି କେନ୍ଦୁଡିପି ନାୟକସାହି ମୁଣ୍ଡରେ ଜଣେ ବ୍ୟକ୍ତିଙ୍କ ସହ ଠିଆ ହୋଇ କଥା ହେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଉକ୍ତ ଗ୍ରାମର ଜିତୁ ପ୍ରଧାନ, ବ୍ରଜ ପ୍ରଧାନ, ଦିପକ ଦଳବେହେରା, ଉପେନ୍ଦ୍ର ଦଳବେହେରା, ରାମ ଦଳବେହେରା, ପ୍ରେମାନନ୍ଦ ଦଳବେହେରା, ହାତରେ କଟୁରି, ଟାଙ୍ଗିଆ ଓ ଦେଶୀ ବନ୍ଧୁକ ଧରି ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କର ପୁତୁରା ଓମପ୍ରସାଦ ଆସି ଛଡ଼ାଇବାକୁ ଉଦ୍ୟମ କରିବା ବେଳକୁ ଜିତୁ ପ୍ରଧାନ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲା। ଫଳରେ ଓମପ୍ରସାଦଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ରକ୍ଷା କରିବାକୁ ଉଦ୍ୟମ ବେଳେ ପ୍ରମୋଦଙ୍କ କାନ୍ଧରେ କଟୁରି ଚୋଟ ବସିଥିବା ଦେଖାଯାଇଛି। ଏହି ଆକ୍ରମଣର ମୁଖ୍ୟ ସୂତ୍ରଧର ଆରତ ବେହେରା ବୋଲି ଅଭିଯୋଗ ହୋଇଛି। ଗତ କିଛି ମାସ ହେଲା ଆରତ ଉନ୍ନୟନ କାମକୁ ବିରୋଧ କରି ଆସୁଥିଲେ। କିଛିଦିନ ତଳେ ଜୈନିକ ବିଜେପି ନେତ୍ରୀଙ୍କୁ ନେଇ ସେ ମିଶ୍ରଣ ପର୍ବ ଆୟୋଜନ କରାଇଥିଲେ।। ଏହି ମିଶ୍ରଣ ପର୍ବରେ ବିଜେପିରେ ସାମିଲ ହୋଇଥିବା ବ୍ୟକ୍ତିମାନେ ଆଜି ଆକ୍ରମଣରେ ସାମିଲ ଥିବା ଅଭିଯୋଗ ହେଉଛି। ଆରତ ଏବେ କେନ୍ଦୁଡିପି ପଞ୍ଚାୟତରେ ବିଜେପିର ନେତୃତ୍ୱ ନେଉଥିବା ଏବଂ ଏହି କାରଣକୁ ନେଇ ରାଜନୈତିକ ଉଦ୍ଦେଶ୍ୟ ରଖି ଗଣ୍ଡଗୋଳ ସୃଷ୍ଟି କରାଉଥିବା ଓମପ୍ରସାଦ ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ଉଭୟ ପକ୍ଷ ଅଭିଯୋଗକୁ ଆଧାର କରି ମାମଲା ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଜିଲ୍ଲାରେ ୭୮ ହଜାରରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି

# ସଂଖ୍ୟାଠାରୁ ବାସ୍ତବତା ବହୁତ ଦୂର

**ନୟାଗଡ଼,୨୬।୧୦(ସମିସ):** ନୟାଗଡ଼ ଜିଲ୍ଲା ଲକ୍ଷପତି ଦିଦି ସଂଖ୍ୟାକୁ ନେଇ ସାରା ରାଜ୍ୟରେ ଏକ ନମ୍ବର ହୋଇଛି। ୨୦୨୪-୨୫ ମସିହାରେ ଜିଲ୍ଲାରେ ୫୯ ହଜାର ୯୫୪ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବା ବେଳେ ୨୦୨୫-୨୬ ମସିହାରେ ୧୮ ହଜାର ୫୯୦ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବା ମିଶନ ଶକ୍ତି ବିଭାଗ ପକ୍ଷରୁ ସୂଚନା ମିଳିଛି। କେଉଁ ଆଧାରରେ ଏହି ତାଲିକା ପ୍ରସ୍ତୁତ ହୋଇଛି ଏବଂ ଜିଲ୍ଲାରେ ଏତେ ସଂଖ୍ୟକ ମହିଳା ବାସ୍ତବରେ ଲକ୍ଷପତି କି ନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମିଶନ ଶକ୍ତି ବିଭାଗ ବାସ୍ତବତାକୁ ପରଖିବା ବଦଳରେ କାଗଜ ଚାଷ କରୁଥିବା ଅଭିଯୋଗ ହୋଇଛି। ଶିଳ୍ପ ବିହୀନ ନୟାଗଡ଼ ଜିଲ୍ଲାରେ ଲୋକେ ଖାଇବାକୁ ଗଣ୍ଡେ ପାଇବାକୁ ସଂଘର୍ଷ କରୁଥିବା ବେଳେ ମିଶନ ଶକ୍ତି ପକ୍ଷରୁ ପ୍ରସ୍ତୁତ ତାଲିକାକୁ ନେଇ ସନ୍ଦେହ ଦୃଢ଼ିଭୂତ ହେଉଛି। ନୟାଗଡ଼ ଜିଲ୍ଲାରେ ୨୦୨୪-୨୫ ମସିହା ପାଇଁ ୬୧ ହଜାର ୪ ଜଣ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଟାର୍ଗେଟ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ଜିଲ୍ଲାରେ ୫୯ ହଜାର ୯୫୪ ଲକ୍ଷପତି ଦିଦିଙ୍କ ତାଲିକା ପ୍ରସ୍ତୁତ କରିଥିଲା। ଏହା ମଧ୍ୟରେ ଭାପୁର ବ୍ଲକରେ ୩୬୮୨, ଦଶପଲ୍ଲାରେ ୧୨୬୫୩, ଗଣିଆରେ ୧୩୩୫, ଖଣ୍ଡପଡ଼ାରେ ୫୪୪୬, ନୟାଗଡ଼ରେ ୧୧୫୮, ନୂଆଗାଁରେ ୭୧୭୭, ଓଡ଼ଗାଁରେ ୧୫ ହଜାର ୬୪୪, ରଣପୁର ୧୨ ହଜାର ୮୩୯ ଜଣ ଲକ୍ଷପତି ଦିଦି ରହିଥିବା ସୂଚନା ମିଳିଛି। ୨୦୨୫-୨୬ ମସିହାରେ ରାଜ୍ୟ ସରକାର ୩୦ ହଜାର ଲକ୍ଷପତି ଦିଦି ଟାର୍ଗେଟ ଦେଇଥିବା ବେଳେ ଜିଲ୍ଲାରେ ୧୮ ହଜାର ୫୯୦ ଲକ୍ଷପତି ଦିଦି ଚିହ୍ନଟ ହୋଇଥିବା ସୂଚନା ମିଳିଛି।

ଏହା ମଧ୍ୟରେ ଭାପୁର ବ୍ଲକରୁ ୬ ହଜାର ୩୩୪, ଦଶପଲ୍ଲା ୩୩୮୦, ଗଣିଆ ୧୯୬୭, ଖଣ୍ଡପଡ଼ା ୧୯୦୪, ନୟାଗ? ୮୫୦, ନୂଆଗାଁ ୧୩୪୯, ରଣପୁରରୁ ୧୭୮୩ ଜଣ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏହି ତଥ୍ୟରୁ ଲକ୍ଷପତି ଦିଦି ଚିହ୍ନଟରେ ମଧ୍ୟ ରାନନୈତିକ ଗନ୍ଧ ବାରି ହେଉଛି। ବାସ୍ତବରେ ଜିଲ୍ଲାରେ ୭୮ ହଜାର ଲକ୍ଷପତି ଦିଦି ଅଛନ୍ତି ନାଁ କାଗଜପତ୍ରରେ ଲକ୍ଷପତି କରାଯାଇଛି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। କେବଳ ବାହାବା ପାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ଏଭଳି ତାଲିକା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ଭୂଆଁ ବୁଲାଉଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାରେ ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ କିଛି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ସଫଳତା ପାଇଛନ୍ତି। ମାତ୍ର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ତାଲିକା ଏକ ଭେଳିକି ବୋଲି ଅନେକ ଏସ୍‌ଏଜି ମହିଳା ଅଭିଯୋଗ କରିଛନ୍ତି।

# ‘ମୋନ୍ଥା’ ଚିନ୍ତାରେ ନଦୀ ତଟବର୍ତ୍ତୀ ପଞ୍ଚାୟତବାସୀ

## ଅରେଞ୍ଜ ୱାର୍ଣ୍ଣିଂରେ ଖୋର୍ଦ୍ଧା; ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ
## ବର୍ଷା ସମୟରେ ବାହାରକୁ ବାହାରନ୍ତୁ ନାହିଁ: ଜିଲ୍ଲାପାଳ
## ୧୩୦ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଛି

ଖୋର୍ଦ୍ଧା,୨୬।୧୦(ସମିସ)

ଭାରତୀୟ ପାଣିପାଗ ସୂଚନା ଅନୁଯାୟୀ, ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତ ରୂପ ନେଇ ଆସନ୍ତା ୨୭ରେ ବାତ୍ୟା ରୂପ ନେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଖୋର୍ଦ୍ଧା ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଅଛି । ଜିଲ୍ଲାରେ ୨୮ ତାରିଖରେ ଭୀଷଣ ବର୍ଷା ହେବା ନେଇ ଆକଳନ କରାଯାଇଛି । ଅରେଞ୍ଜ ୱାର୍ଣ୍ଣିଂରେ ଜିଲ୍ଲା ରହିଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିଛି । ଏପରିକି ବଜାରରେ କଳାବଜାରୀ କିପରି କରାନଯିବ ସେ ଦିଗରେ ମଧ୍ୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଆପଦ୍‌କାଳୀନ ଅଧିକାରୀ ଶ୍ରୀତପା ମିଶ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଚଳିତବର୍ଷ ବାତ୍ୟା ‘ମୋନ୍ଥା’ର ସୂଚନା ମିଳିବା ପରେ ଏବେ ଚିନ୍ତାରେ ଅଛନ୍ତି ଜିଲ୍ଲାର ମଲାଗୁଣୀ, ରାଜୁଆ, ମନ୍ଦାକିନୀ, ଗୋବରା, ରଣ, ହଡ଼ା, କୁସୁମୀ ଏବଂ ଚିଲିକା ହ୍ରଦ ସମେତ ଶାଳିଆ ଜଳଭଣ୍ଡାର ତଟବର୍ତ୍ତୀ ପଞ୍ଚାୟତବାସୀ । ଯଦି ବର୍ଷା ଜୋର୍ ହୁଏ ଉକ୍ତ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ହେବା ସହିତ ଏହା ଜନବସତି ଆଡ଼କୁ ମାଡ଼ି ଆସିବାର ବିଗତ ଦିନରେ ନଜିର ଥିବାରୁ ଉକ୍ତ ଅଞ୍ଚଳର ଲୋକମାନେ ଏବେ ଏକପ୍ରକାର ଭୟଭୀତ ଅବସ୍ଥାରେ ରହିଥିବା ଜଣାଯାଇଛି । ମଲାଗୁଣୀ ଓ ରାଜୁଆ ନଦୀର ତଟବର୍ତ୍ତୀରେ ଖୋର୍ଦ୍ଧା ବ୍ଲକ୍‌ର ୧୦ଟି ପଞ୍ଚାୟତର ୫୫ ଗାଁ ରହିଛି । ପ୍ରତିବର୍ଷ ରାଜୁଆ ନଦୀର ଜଳରେ ବ୍ରଜମୋହନପୁର, ଓରବରସିଂ ଓ ନରଣଗଡ଼ ପଞ୍ଚାୟତର ବାସିନ୍ଦାମାନେ ଜଳବନ୍ଦୀ ହୋଇ ରହିବାର ମଧ୍ୟ ନଜିର ରହିଛି ।

ସେହିପରି ମନ୍ଦାକିନୀ, ଗୋବରା ଓ ରଣ ନଦୀର ତଟବର୍ତ୍ତୀରେ ବେଗୁନିଆ ବ୍ଲକ୍‌ର ୭ଟି ପଞ୍ଚାୟତର ୫୩ ଗାଁ ରହିଛି । ହଡ଼ା ନଦୀ ତଟବର୍ତ୍ତୀରେ ବୋଲଗଡ଼ ବ୍ଲକ୍‌ର ୮ଟି ପଞ୍ଚାୟତ ରହିଛି । ମଲାଗୁଣୀ, କୁସୁମୀ ଓ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଟାଙ୍ଗୀ ବ୍ଲକ୍‌ର ୭୫ଟି ଗାଁ ବନ୍ୟା ପ୍ଲାବିତ ରହିଛି । ଚିଲିକା ବ୍ଲକ୍‌ରେ କଂସାରୀ ନଦୀ ଓ ଚିଲିକା ତଟବର୍ତ୍ତୀ ଭାବେ ୮ଟି ପଞ୍ଚାୟତ ରହିଛି । ଶାଳିଆ ନଦୀ ଫୁଲିଲେ ବାଣପୁର ବ୍ଲକ୍‌ର ୩ ପଞ୍ଚାୟତର ୪୫ ଗାଁ ସମେତ ବାଣପୁର ବିଜ୍ଞପିତ ଅଞ୍ଚଳ ମଧ୍ୟ ପାଣିରେ ବୁଡ଼ିଥାଏ । ଦୟା ଓ ରାଜୁଆ ନଦୀ ତଟବର୍ତ୍ତୀ ଜଟଣୀ ବ୍ଲକ୍ ୬ ପଞ୍ଚାୟତର ୩୭ଟି ଗାଁର ଲୋକେ ବର୍ଷାକୁ ନେଇ ଚିନ୍ତାରେ ପଡ଼ିଥିବା ଜଣାଯାଇଛି । ଏ ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ କହିବା ଅନୁସାରେ, ବାତ୍ୟା ମୁକାବିଲା ନିମନ୍ତେ ପ୍ରଶାସନ ପୂରା ପ୍ରସ୍ତୁତ ରହିଛି । ଜିଲ୍ଲା ଅରେଞ୍ଜ ଜୋନ୍‌ରେ ରହିଛି । ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ନାହିଁ । ଆପଦ୍‌କାଳୀନ ଅଧିକାରୀ ସୁଶ୍ରୀ ମିଶ୍ରଙ୍କ ସୂଚନା ଅନୁସାରେ, ଜିଲ୍ଲାର ୯୩ ପଞ୍ଚାୟତର ୬୩୮ ଗାଁ ରହିଛି ଯେଉଁଠାରେ ଜଳମଗ୍ନ ହେବାର ଆଶଙ୍କା ରହିଛି । ଉକ୍ତ ଗାଁଗୁଡ଼ିକରେ ପ୍ରାୟ ୨୦ହଜାର ଜନସାଧାରଣ ପ୍ରଭାବିତ ହେବାର ଆଶଙ୍କା ରହିଛି । ଜିଲ୍ଲାରେ ୫୧ଟି ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ ଓ ୩୭୯ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି । ଖୋର୍ଦ୍ଧା ଉପଖଣ୍ଡ ଏବଂ ଭୁବନେଶ୍ୱର ଉପଖଣ୍ଡ ଲାଗି ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ସଜାଗ ରହିଛନ୍ତି । ପ୍ରାୟ ୧୩୦ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଇଛି । ମତ୍ସ୍ୟଜୀବୀମାନେ ସମୁଦ୍ର ବାହାରକୁ ଆସିଯାଇଛନ୍ତି । ସେମାନଙ୍କୁ ସଚେତନ କରାଯାଇଛି, ଯଦି ସେମାନେ ଅବମାନନା କରି ଯାଆନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ବାତ୍ୟା ମୁକାବିଲା ପାଇଁ ଜିଲ୍ଲାର ସମସ୍ତ ତହସିଲ୍‌ଦାର, ବିଡିଓ, ଲାଇନ୍ ଡିପାର୍ଟମେଣ୍ଟ ଅଫିସରମାନଙ୍କୁ ସଜାଗ୍ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ୨୮ ତାରିଖରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଉକ୍ତ ସମୟରେ ଆବଶ୍ୟକ ପଡ଼ିଲେ ଘରୁ ବାହାରନ୍ତୁ, ନଚେତ ଘରେ ସୁରକ୍ଷିତ ରୁହନ୍ତୁ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା. ସଦାଶିବ ମହାପାତ୍ରଙ୍କ ସୂଚନା ଅନୁସାରେ, ୨୦୧୯ ଗଣନା ଅନୁଯାୟୀ ଜିଲ୍ଲାରେ ୨ଲକ୍ଷ ୭୬ହଜାର ୩୩୧ ଗୋଇଗୋରୁ ରହିଛନ୍ତି । ବାତ୍ୟାକୁ ଦୃଷ୍ଟିରେ ରଖି ପଶୁଖାଦ୍ୟ, ଔଷଧ ସବୁ ବ୍ଲକ୍‌ର ବିଡିଓମାନଙ୍କୁ ମହଜୁଦ୍ କରି ରଖିବାକୁ କୁହାଯାଇଛି । ଚିଲିକା ଅଞ୍ଚଳରେ ଗୋ-ଚାଷୀଙ୍କୁ ସଚେତନ କରାଯାଇଛି ବୋଲି କହିଛନ୍ତି ଡା. ମହାପାତ୍ର ।

## ଜଟଣୀ ଅଗ୍ନିଶମ ବିଭାଗ ପ୍ରସ୍ତୁତ



ଜଟଣୀ,୨୬।୧୦(ସମିସ): ବାତ୍ୟା ‘ମୋନ୍ଥା’କୁ ନେଇ ସମସ୍ତେ ଭୟଭୀତ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୟଭୀତ ନ ହେବାକୁ ସୂଚନା ଦିଆଯାଇଛି । ବାତ୍ୟା ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଏହାରି ମଧ୍ୟରେ ବାତ୍ୟା ମୁକାବିଲା ପାଇଁ ଅଗ୍ନିଶମ ବିଭାଗର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଥାଏ । ତେଣୁ ବାତ୍ୟା ପାଇଁ ଜଟଣୀ ଅଗ୍ନିଶମ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜଣାପଡ଼ିଛି । ଏ ନେଇ ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ବେହେରା କହିଛନ୍ତି ଯେ ବାତ୍ୟା ପାଇଁ ସରଞ୍ଜାମ ସବୁ ପ୍ରସ୍ତୁତ କରି ରଖିଛୁ । ଯେକୌଣସି ପରିସ୍ଥିତିରେ ତା’ର ମୁକାବିଲା କରିବୁ । ବନ୍ୟା ପରିସ୍ଥିତି ହେଲେ ବି ପ୍ରସ୍ତୁତ ରହିଛୁ । ତେବେ ବାତ୍ୟା ପୂର୍ବରୁ ତଳି ଅଞ୍ଚଳର ଲୋକମାନେ ଉଚ୍ଚ ସ୍ଥାନ କିମ୍ବା ବାତ୍ୟା ଆଶ୍ରୟସ୍ଥଳୀକୁ ପଳାଇଆସନ୍ତୁ ବୋଲି କହିଛନ୍ତି ।

## ‘ସମାଜସେବା କ୍ଷେତ୍ରରେ ଜଣେ ବିରଳ ବ୍ୟକ୍ତିତ୍ୱ ବୈକୁଣ୍ଠ’

ନିରାକାରପୁର,୨୬।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ କୁରୁମପଡ଼ାର ବାସିନ୍ଦା ବୈକୁଣ୍ଠ ନାଥ ମାର୍ଥା ସମାଜସେବା କ୍ଷେତ୍ରରେ ଜଣେ ବିରଳ ବ୍ୟକ୍ତିତ୍ୱ ବୋଲି ତାଙ୍କ ଏକାଦଶାହ ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ସର୍ବସମ୍ମତ ମତ ପ୍ରକାଶ ପାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ବର୍ଗର ବ୍ୟକ୍ତି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେ ଜଣେ କର୍ତ୍ତବ୍ୟନିଷ୍ଠ ସରକାରୀ କର୍ମଚାରୀ ହେଲେ ହେଁ ନିଶାରେ ଜଣେ ସମାଜସେବୀ ଭାବେ ପରିଚିତ ଥିଲେ । ସମାଜରେ ଅବହେଳିତ ଓ ନିରାଶ୍ରୟ ଲୋକଙ୍କୁ ଥଇଥାନ କରିବା ଦିଗରେ ବିଭିନ୍ନ ଜିଲ୍ଲାରେ ଜରାଶ୍ରମ, ବୃଦ୍ଧାଶ୍ରମ, କୁଷ୍ଠାଶ୍ରମ ଓ ଦିବ୍ୟାଙ୍ଗ ଥଇଥାନ କେନ୍ଦ୍ର ଖୋଲିବାରେ ବୈକୁଣ୍ଠ ହେଉଛନ୍ତି ମୂର୍ତ୍ତିମନ୍ତ ପ୍ରତୀକ । ସରକାରୀ ଚାକିରିରୁ ଅବସର ନେବା ପରେ ଉଭୟ ସ୍ୱାମୀ-ସ୍ତ୍ରୀ ୩ଥର ସରପଞ୍ଚ ରୂପେ ନିର୍ବାଚିତ ହୋଇ ନରଣଗଡ଼ ପଞ୍ଚାୟତର ପ୍ରଭୁତ ଉନ୍ନତି କରିଥିଲେ । ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ୍ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜିଲ୍ଲାପାଳ ଦେବରାଜ ସେନାପତି, ସମାଜସେବୀ କାଳୁଚରଣ ଖଣ୍ଡେଇତରାୟ, କିଶୋର ବରାଳ, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ, ଯୁଧିଷ୍ଠିର ହରିଚନ୍ଦନ, ଡ. ଗଦାଧର ନିଶଙ୍କ ପ୍ରମୁଖ ଯୋଗଦେଇଥିଲେ ।

## ବାଦୀପାଲା ଉଦ୍‌ଯାପିତ

ବେଗୁନିଆ,୨୬।୧୦(ସମିସ): ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲିପଦର ଗ୍ରାମର ଆରାଧ୍ୟ ଦେବତା ଗୋପୀନାଥ ଦେବଙ୍କ ପୀଠରେ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ୪ଦିନ ଧରି ଚାଲିଥିବା ବାଦୀପାଲା ଉଦ୍‌ଯାପିତ ହୋଇଛି । ଏଥିରେ ଖୋର୍ଦ୍ଧା ଜିଲ୍ଲା ବନମାଳିପୁରର ଯୁବ ଗାୟକ ଡ. ଶିଶିର କୁମାର ପାଢ଼ୀ ଓ ପୁରୀ ଜିଲ୍ଲା ଅସ୍ତରଙ୍ଗର ଗାୟକ ମଞ୍ଜୁଳ ତ୍ରିଲୋଚନ ନାୟକ ଯୋଗଦେଇ ପାଲା ପରିବେଷଣ କରିଥିଲେ ।

## ଧନୁଭଙ୍ଗ ଓ ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବ



ନିରାକାରପୁର,୨୬।୧୦(ସମିସ): ଖୋର୍ଦ୍ଧା ଜିଲ୍ଲାର ପ୍ରାଚୀନ ଧର୍ମାନୁଷ୍ଠାନ ନିରାକାରପୁରସ୍ଥିତ ଶ୍ରୀରାମଦୟା ପରିଷଦର ୪୩ତମ ବାର୍ଷିକ ଅଧିବେଶନରେ ରବିବାର ଧନୁଭଙ୍ଗ, ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବ ପ୍ରସଙ୍ଗରେ ଆଡ୍‌ଭୋକେଟ ଡ. ଗଣେଶ୍ୱର ସ୍ୱାଇଁ ଓ ଦ୍ୱିତୀୟ ବକ୍ତା ଭାବେ ମାନସ ହଂସ ପଣ୍ଡିତ ନାରାୟଣ ଦାଶ ହରି କଥା ପ୍ରବଚନ ଦେଇଥିଲେ । ଅତିଥିଭାବେ ଖୋର୍ଦ୍ଧାର ବିଶିଷ୍ଟ ସମାଜସେବୀ ଯୋଗଦେଇ ଅନୁଷ୍ଠାନର ଉତରୋତ୍ତର ଉନ୍ନତି କାମନା କରିଥିଲେ । ଅପରାହ୍ଣରେ ସୀତା ବିବାହ କାର୍ଯ୍ୟକ୍ରମ ହୋଇଥିଲା । ଏହି ରାମକଥା ଶ୍ରବଣ ସହ ପ୍ରଭୁକୃପା ଲାଭ କରିବା ପାଇଁ ଅଞ୍ଚଳବାସୀଙ୍କୁ ପରିଷଦର ଉପସଭାପତି ସରଙ୍ଗାଧର ବଳିୟାରସିଂହ ଅନୁରୋଧ କରିଛନ୍ତି । ସୋମବାର ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ବନ ଗମନ ଓ କେବଟ ପ୍ରେମ ପ୍ରସଙ୍ଗ ରହିଛି ବୋଲି ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ଦଳେଇଙ୍କଠାରୁ ସୂଚନା ମିଳିଛି ।

## ଭାଲିଆବାଡ଼ି କପ୍ କ୍ରିକେଟ୍: ଭାଲିଆବାଡ଼ି ବିଜୟୀ

ଖୋର୍ଦ୍ଧା,୨୬।୧୦(ସମିସ): ସ୍ଥାନୀୟ ଭାଲିଆବାଡ଼ି ଖେଳପଡ଼ିଆରେ ଚାଲିଥିବା ୪୮ତମ ଭାଲିଆବାଡ଼ି କପ୍ କ୍ରିକେଟ୍‌ରେ ରବିବାର ଭାଲିଆବାଡ଼ି ଓ କୁଶପଲ୍ଲା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । କୁଶପଲ୍ଲା ଦଳକୁ ୯୮ ରନ୍‌ରେ ହରାଇ ଭାଲିଆବାଡ଼ି ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛି । ଭାଲିଆବାଡ଼ି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର୍‌ରେ ୫ଟି ୱିକେଟ୍ ହରାଇ ୨୦୮ ରନ୍ କରିଥିଲା । ଦଳ ପକ୍ଷରୁ ଭବେଶ ସାହାଣୀ ୩୨ଟି ବଲ୍‌ରୁ ୧୦୮ ରନ୍ କରିଥିଲେ । ଜବାବରେ କୁଶପଲ୍ଲା ଦଳ ୧୦ ଓଭରରେ ୫ଟି ୱିକେଟ୍ ହରାଇ ମାତ୍ର ୧୧୦ ରନ୍ କରିବାକୁ ସକ୍ଷମ ହୋଇଥିଲେ । ଫଳରେ ଭାଲିଆବାଡ଼ି ଦଳ ବିଜୟ ଘୋଷିତ ହୋଇଥିଲା । ଭାଲିଆବାଡ଼ି ଦଳର ଶତକୀୟ ଇନିଂସ୍ ଖେଳିଥିବା ଭବେଶ ସାହାଣୀଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାଚ୍‌କୁ ଛବି ନାରାୟଣ ରାଉତରାୟ ଓ ଅଭିଳାଷ ପଟ୍ଟନାୟକ ପରିଚାଳନା କରିଥିଲେ । ସୋମବାର ପଳାଶପୁର ଓ ଅଠାରଙ୍ଗ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ନିରାକାରପୁର,୨୬।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସହଯୋଗ ପରିବାର ସଦସ୍ୟା ଶର୍ମିଳା ମିଶ୍ରଙ୍କ ପୁତ୍ର ଆଭାସ ମିଶ୍ରଙ୍କ ଜନ୍ମ ଦିନରେ ଅବସରରେ ଖୋର୍ଦ୍ଧା ଜିଲ୍ଲା ପଦ୍ମପୁରସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପିତା ଭବାନୀ ମିଶ୍ର ଓ ଯୁଧିଷ୍ଠିର ଜଗଦେବ ପ୍ରମୁଖ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ସମାଜକୁ ଏକ ଉତ୍ତମ ବାର୍ତ୍ତା ପ୍ରଦାନ କରାଯାଉଥିବାରୁ ‘ସହଯୋଗ’ ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ ଆଭାସଙ୍କ ପରିବାରକୁ କୃତଜ୍ଞତା ଜଣାଇବା ସହିତ ସମସ୍ତେ ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ ଓ ସହଯୋଗ କରିବାକୁ ଆହ୍ୱାନ କରିଥିଲେ ।



## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ବାଲୁଗାଁ,୨୬।୧୦(ସମିସ)

ପଞ୍ଚସଖା ଯୁଗର ଅନ୍ୟତମ ସାରସ୍ୱତ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଚିଲିକା ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ରବିବାର ସକାଳେ ପୂଜ୍ୟପୂଜା ସମାରୋହରେ ପାଳିତ ହୋଇଯାଇଛି । ପୂର୍ବାହ୍ଣରେ ବାଣପୁର ବଜାର ମଧ୍ୟରେ ଥିବା ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ ତରଫରୁ ମାଲ୍ୟାର୍ପଣ କରାଯାଇଥିଲା । ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂ ଅତିଥି ପରିଚୟ ଦେଇଥିବାବେଳେ ଡ. କୈଳାଶ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅତିଥି ଭାବେ ସାହିତ୍ୟିକା ଡ. ବାସନ୍ତି ମହାନ୍ତି, ଚିଲିକା ସାହିତ୍ୟ ସମାଜର ସମ୍ପାଦକ ତଥା ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପକ ପାର୍ଥସାରଥୀ ସାମନ୍ତରାୟ, ଗାଳ୍ପିକ ସନାତନ ଆଚାର୍ଯ୍ୟ, ଓଡ଼ିଆ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ଯୋଗଦେଇ ପୁଣ୍ୟଶ୍ଳୋକ ଗୋଦାବରୀଶ ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ । ତାଙ୍କର ଓଡ଼ିଆ ଭାଷାପ୍ରୀତି, ଦେଶପ୍ରୀତି, ଜାତୀୟତାବୋଧ, କାବ୍ୟ ଓ ତାଙ୍କୁ ଓଡ଼ିଆ ଭାଷା ସାହିତ୍ୟର ମଉଡ଼ ମଣି ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଶାରେ ଶିକ୍ଷାର ପ୍ରସାର କରି ଜନମାନସରେ ଚିରସ୍ମରଣୀୟ ତଥା ଓଡ଼ିଆ ଭାଷାକୁ ରାଜ୍ୟ ତଥା ରାଜ୍ୟ ବାହାରେ ଆଗେଇନେବା ପାଇଁ ସଂକଳ୍ପ କରିଥିବା ସହ ସ୍ୱର୍ଗତ ମିଶ୍ରଙ୍କ ସାହିତ୍ୟକୃତୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ, ସର୍ବେଶ୍ୱର ଷଡ଼ଙ୍ଗୀ, ଗୋଲଖ ପରିଡ଼ା, ପ୍ରୀୟଦର୍ଶିନୀ ମହାରଣା, ସ୍ୱାଧୀନ କୁମାର ପଣ୍ଡା, ନୃସିଂହ ପ୍ରସାଦ ମିଶ୍ର, ସ୍ମୃତି ପଟ୍ଟନାୟକ, କିର୍ତ୍ତୀମୟୀ ବାରିକ, ଝରଣା ନାଥ, ଅନନ୍ତ ଚରଣ ବାରିକି, ସୁଶାନ୍ତ ଦାଶ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତାପାଠ କରିଥିଲେ ।

## ଚଳିତବର୍ଷ ଅଧିକ ମାଣ୍ଡିଆ ଅମଳ ଆକଳନ

ନିରାକାରପୁର,୨୬।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନୂଆଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରୀ ଅନ୍ନ ଯୋଜନାର ଏକ ସଭା ବ୍ଲକ୍ କୃଷି ବିଭାଗ ଜରିଆରେ ଆୟୋଜନ କରାଯାଇଥିଲା । ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ଅଧିକ ଅମଳ ଆକଳନ କରି ଚାଷୀମାନେ ଖୁସିବ୍ୟକ୍ତ କରିଥିଲେ । ନୂଆଗଡ଼ ପଞ୍ଚାୟତର ସରପଞ୍ଚ ରଘୁନାଥ ମାଝୀ କୃଷି ବିଭାଗ ଟାଙ୍ଗୀକୁ ସାଧୁବାଦ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଅଧିକରୁ ଅଧିକ ଚାଷୀ କିପରି ଏହି ଯୋଜନାରେ ଯୋଡ଼ି ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ପୂର୍ବ ବର୍ଷ ମାଣ୍ଡିଆ ମଣ୍ଡି ବିଷୟରେ ସଚେତନତା ଅଭାବରୁ ବହୁତ୍ କମ୍ ଲୋକ ମାଣ୍ଡିଆ ଚାଷ କରିଥିଲେ । ତେଣୁ ଚଳିତ ବର୍ଷ ଉପଯୁକ୍ତ ସମୟରେ ସଚେତନତା ଉଦ୍ଦେଶ୍ୟରେ ଏହି ସଭା ଆୟୋଜନ କରାଯାଇଥିଲା ଏବଂ ଅଧିକ ଲୋକ ଏହି ଯୋଜନାରେ ଯୋଡ଼ି ହୋଇପାରିବେ ବୋଲି ବ୍ଲକ୍ କୃଷି ଅଧିକାରୀ ସୌମେନ୍ଦ୍ର ବେହେରା ମତବ୍ୟକ୍ତ କରିଛନ୍ତି । ଏହି ସଭାରେ ୧୦୦ରୁ ଅଧିକ ଚାଷୀ, ନୂଆଗଡ଼ ପଞ୍ଚାୟତ ସରପଞ୍ଚ ରଘୁନାଥ ମାଝୀ, ନାଏବ ସରପଞ୍ଚ ଝୁନୁ ପ୍ରଧାନ, ସହକାରୀ କୃଷି ଅଧିକାରୀ (ଟାଙ୍ଗୀ) ଦୂର୍ଗେଶ ପଟ୍ଟନାୟକ, ଗ୍ରାମ୍ୟ କୃଷି ଅଧିକାରୀ ଆଶୁତୋଷ ପରିଡ଼ା, ଗୋଷ୍ଠୀ ସମ୍ବଳ ଅଧିକାରୀ ମଧୁସ୍ମିତା ପଲାଇ, ବ୍ଲକ୍ ସଂଯୋଜକ ଅମ୍ଭୁଜା ଘଡ଼େଇ, ଜିଲ୍ଲା ସଂଯୋଜକ ଜେସିକା ସାହୁ ଉକ୍ତ ସଭାରେ ଉପସ୍ଥିତ ଥିଲେ ।



## ‘ଶୃଙ୍ଖଳିତ ସମାଜ ବ୍ୟବସ୍ଥାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

ଜଟଣୀ,୨୬।୧୦(ସମିସ): ଆମରିସତ୍ୟ ବିକାଶ ପରିଷଦ ଓ ଜଟଣୀ ରୋଟାରୀ କ୍ଲବ୍ ମିଳିତ ଆନୁକୂଲ୍ୟରେ ‘ମହିଳା ସଶକ୍ତୀକରଣ’ ଉପରେ ଏକ ଆଲୋଚନାଚକ୍ର ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏଥିରେ ଶୃଙ୍ଖଳିତ ସମାଜ ବ୍ୟବସ୍ଥାରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା । ମୁଖ୍ୟବକ୍ତା ଡ. ଆରତୀ କର, ପ୍ରବକ୍ତା, ସାହିତ୍ୟିକା, କବି ଓ ଲେଖିକା ପୁରାଣ ଯୁଗରୁ ସାମ୍ପ୍ରତିକ ଯୁଗର ମହିଳାମାନଙ୍କ ଭୂମିକା କିପରି ଥିଲା ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରକାଶ କରିଥିଲେ । ଆଜିର ନାରୀ ଶିକ୍ଷିତା, କର୍ମଜୀବୀ ଏବଂ ସମାଜରେ ପ୍ରତିଷ୍ଠିତ ହୋଇସାରିବା ପରେ ବି ନାରୀ ପୁରୁଷ ହାତରେ କେତେକ କ୍ଷେତ୍ରରେ କଣ୍ଢେଇ ହୋଇଯାଉଛି । ଅଧୁନା ଏ ମାନସିକତାର ପରିବର୍ତ୍ତନ ଆବଶ୍ୟକତା ଅଛି ବୋଲି କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପଣ୍ଡିତ ରମାକାନ୍ତ ମିଶ୍ର ମହିଳାମାନେ ଆଦର୍ଶ ସୁସ୍ଥ ସମାଜ ଗଠନ ପାଇଁ ପ୍ରୟାସ ଜାରି ରଖିବାରେ ବେଦ, ପୁରାଣ ଓ ଆଧୁନିକ ଯୁଗର ନାରୀଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଆଲୋଚନାଚକ୍ରରେ ଆୟୋଜକ ରୋଟାରିଆନ୍ ଆଦିନାରାୟଣ ଖଣ୍ଡୁଆଳ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ୍‌ର ସଭାପତି ପ୍ରସାଦ ଜଗଦେବ, ରୋଟାରିଆନ ରାଧାମୋହନ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ । ମହିଳା ସଶକ୍ତୀକରଣ ଉପରେ ଆଇନ ଅଧିକାରୀ ବିରଜା ପ୍ରସାଦ ଦାଶ, ଡ. ସୁବ୍ରତା ପାତ୍ର, ପଦ୍ମଲୋଚନ ସାହୁ, ଡ. ସୁକାନ୍ତି ମହାପାତ୍ର, ତ୍ରିଲୋଚନ ମହାପାତ୍ର, ବ୍ରଜବନ୍ଧୁ ନାୟକ, ନର୍ମଦା ଦୋରା, ବିଜୟାନନ୍ଦ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜର ମତାମତ ପ୍ରକାଶ କରିଥିଲେ ଏବଂ କବିତାପାଠ କରିଥିଲେ । ଜବାହରଲାଲ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।




## ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ | ଫାଇନାଲ୍‌ରେ ତମାଣ୍ଡୋ ଓ ଗୁରୁଜଙ୍ଗ

ଖୋର୍ଦ୍ଧା,୨୬।୧୦(ସମିସ): ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆଠାରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍‌ର ନବମ ଦିବସରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଯାଁଳା ଏବଂ ତମାଣ୍ଡୋ ମଧ୍ୟରେ ଅନୁଷ୍ଠିତ ହେଇଥିଲା । ଯାଁଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲା । ଜବାବରେ ତମାଣ୍ଡୋ ଦଳ ୧୦.୧ ଓଭରରେ ୧ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହେଇଥିଲା । ଦଳ ପକ୍ଷରୁ ସିପୁନ ପଟ୍ଟନାୟକ ୩ଟି ୱିକେଟ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ସୁନୀଲ ରାଉତରାୟଙ୍କଠାରୁ ପୁରସ୍କୃତ ହୋଇଥିଲେ । ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଗୁରୁଜଙ୍ଗ ଦଳ ମେଣ୍ଢାଶାଳକୁ ଭେଟିଥିଲା । ପ୍ରଥମେ ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୧୬ ଓଭରରେ ୭ ୱିକେଟ୍ ହରାଇ ୧୯୫ ରନ୍ ସଂଗ୍ରହ କରିଥିଲା । ଜବାବରେ ଗୁରୁଜଙ୍ଗ ଦଳ ନିର୍ଦ୍ଧାରିତ ୧୫.୧ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ଫାଇନାଲ୍‌କୁ ପ୍ରବେଶ କରିଛି । ସୁଜିତ୍ ପରିଡ଼ା ୪୬ଟି ବଲ୍‌ରୁ ୧୭ ଚୌକା ଓ ୧ଟି ଛକା ସହାୟତାରେ ୮୭ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ଭାବରେ ଅତିଥି ଅସିତ୍ ଶତପଥୀଙ୍କଠାରୁ ପୁରସ୍କୃତ ହେଇଥିଲେ । ତମାଣ୍ଡୋ ଓ ଗୁରୁଜଙ୍ଗ ଫାଇନାଲ୍‌ରେ ସରସ୍ପରକୁ ଭେଟିବେ । ଖେଳକୁ ସାନୁଜ ବିଶ୍ୱାଳ, ପ୍ରଶାନ୍ତ ବେହେରା, ପ୍ରକାଶ ସାହୁ, ସୌମ୍ୟଜିତ୍ ପଟ୍ଟନାୟକ, ସନ୍ତୋଷ ପ୍ରଧାନ ଓ ପ୍ରକାଶ ପାଇକରାୟ ପରିଚାଳନା କରିଥିଲେ ।

## ଚିଲିକା ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି ବୈଠକ

ବାଲୁଗାଁ,୨୬।୧୦(ସମିସ): ଚିଲିକା ବୋଇତ ବନ୍ଦାଣ ଉତ୍ସବ ଆସନ୍ତା ନଭେମ୍ବର ୪ ଓ ୫ ଦୁଇଦିନ ଧରି ଅନୁଷ୍ଠିତ ହେବ । ବିଗତ ବର୍ଷରେ ଏହି ଉତ୍ସବ ବାଲୁଗାଁ ଏନ୍‌ଏସି କାଉନ୍‌ସିଲ୍ ତରଫରୁ ପାଳନ ହୋଇ ଆସୁଥିବା ସ୍ଥଳେ ଗତବର୍ଷଠାରୁ ଜିଲ୍ଲା ପ୍ରଶାସନ ତରଫରୁ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ପ୍ରସ୍ତୁତି ବୈଠକ ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍‌ଙ୍କ ଆବାହକତ୍ୱରେ ରବିବାର ଅପରାହ୍ଣରେ ଚିଲିକା ବୋଇତ ବନ୍ଦାଣ ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ହରିଚନ୍ଦନଙ୍କ ସଭାପତିତ୍ୱରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ପରିସର ସଭାଗୃହରେ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ବାଣପୁର ବ୍ଲକ୍ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବିଡିଓ ପୁନମ୍ ମହାପାତ୍ର, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉତ୍ସବକୁ କିପରି ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରାଯିବ, ସେ ଦିଗରେ ବୈଠକରେ ଯୋଗଦେଇଥିବା ଏନ୍‌ଏସି ଉପାଧ୍ୟକ୍ଷ ଭଗବାନ ପ୍ରଧାନ ଓ ସମସ୍ତ କାଉନ୍‌ସିଲର ବୃନ୍ଦ ପ୍ରମୁଖଙ୍କ ସମେତ ସ୍ଥାନୀୟ ପୁଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ସଦସ୍ୟବୃନ୍ଦ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଆଦି ବ୍ୟକ୍ତିବିଶେଷ ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ ।

## ଠିକାଦାରଙ୍କ ଇଚ୍ଛାରେ ଚାଲିଛି ଗ୍ରାମ୍ୟ ଉନ୍ନୟନ ରାସ୍ତା କାମ

# ପୋତିହୋଇଗଲାଣି ନାଳ; ଜଳ ନିଷ୍କାସନ ଠପ୍

## ସୂଚନାଫଳକ ନାହିଁ; ସାଧାରଣରେ ବ୍ୟାପୁଛି ଅସନ୍ତୋଷ

ବେଗୁନିଆ,୨୬।୧୦(ସମିସ): ବେଗୁନିଆ ଓ ଖୋର୍ଦ୍ଧା ବ୍ଲକ୍‌ର ସୀମାନ୍ତ ପୋଡ଼ାଡିହ-କୁସ୍ପିଲୋକୁ ସଂଯୋଗ କରୁଥିବା ରାସ୍ତାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ଧରି ନିର୍ମାଣ କାର୍ଯ୍ୟ ଚାଲୁଛି । ତେବେ ଏହି କାର୍ଯ୍ୟଟି ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମଠାରୁ ରଣ ନଈ ପର୍ଯ୍ୟନ୍ତ ଅଧପନ୍ତରିଆ ଅବସ୍ଥାରେ ରହିଥିବା ସହ ନିମ୍ନମାନର କାର୍ଯ୍ୟ ଯୋଗୁଁ ମେଣ୍ଟାଲଗୁଡ଼ିକ ଉଠି ଏଣେତେଣେ ବିଛାଡ଼ି ହୋଇ ପଡ଼ି ରହିଥିବାର ଦେଖିବାକୁ ମିଳୁଛି । ଚାଷୀମାନେ ପ୍ରତ୍ୟହ ଜମିକୁ ଯାତାୟାତ କରୁଥିବାବେଳେ ପଡ଼ିଯାଇ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟି ଆହତ ହେଉଛନ୍ତି । ଏପରିକି ଜମିରୁ ଜଳନିଷ୍କାସନ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉତ୍ତର ଦିଗରେ ପୂର୍ବରୁ ଡ୍ରେନେଜ୍ ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ନିର୍ମାଣ ହୋଇଥିବା ରାସ୍ତା ଯୋଗୁଁ ମାଟିରେ ପୋତି ହୋଇ ଜଳନିଷ୍କାସନରେ ବାଧକ ସାଜିଛି । ଫଳରେ ଜମିରେ ରବି ଜାତୀୟ ଫସଲ ଯଥା- ବିରି ଚାଷ କରିବା ପାଇଁ ଘୋର୍ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ସ୍ଥାନୀୟ ଗ୍ରାମର ଚାଷୀମାନେ ଏକତ୍ରିତ ହୋଇ ଡ୍ରେନ୍‌ରୁ ମାଟି ଉଠାଇବା ପାଇଁ ଠିକାଦାରଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମନମୁଖି କାର୍ଯ୍ୟ କରି ଆସୁଥିବାରୁ ସାଧାରଣରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।





ପ୍ରଶାସନ ପକ୍ଷରୁ କାର୍ଯ୍ୟର ଆରମ୍ଭ ପୂର୍ବରୁ ସମସ୍ତଙ୍କ ଅବଗତି ନିମନ୍ତେ ସୂଚନାଫଳକ ଲଗାଇବା କଥା । କିନ୍ତୁ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ହେବ କାର୍ଯ୍ୟ ଚାଲିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ତାହା ଅନ୍ଧକାର ଭିତରେ ରଖିଥିବାରୁ ସମସ୍ତଙ୍କୁ ବିସ୍ମିତ କରୁଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାର ମଧ୍ୟରେ ସଲାସୁତରା ଚାଲିଛି ବୋଲି ସାଧାରଣରେ ଆଲୋଚନାର ବିଷୟ ପାଲଟିଛି । ଏଥିରେ ବେଗୁନିଆ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ-୨ ଜ୍ୟୋତିର୍ମୟୀ ବେହେରାଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍‌କୁ ଗ୍ରହଣ କରି ନ ଥିଲେ । ଯଦି ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ଚାଷୀମାନେ ଆଇନ ଉଲ୍ଲଂଘନ କାର୍ଯ୍ୟ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଦିନରେ ଇଞ୍ଜିନିୟର; ରାତିରେ କ୍ୟାବ୍ ଡ୍ରାଇଭର



ବେଙ୍ଗାଲୁରୁ,୨୬ ।୧୦(ଏଜେନ୍ସି): ବେଙ୍ଗାଲୁରୁରେ କ୍ୟାବ୍ ଡ୍ରାଇଭରମାନେ ବେଳେବେଳେ ଲୋକଙ୍କ କଲ୍‌କୁ ଅତି ଭଦ୍ର ତଥା କର୍ପୋରେଟ ଭାଷାରେ ଉତ୍ତର ଦେଉଥିବାର ଲକ୍ଷ୍ୟ କରାଯାଉଛି । ଏହି କ୍ୟାବ୍ ଡ୍ରାଇଭରମାନଙ୍କୁ ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯାଆନ୍ତି । କାରଣ ଏମାନେ ବୃତ୍ତିଗତଙ୍କ ଭଳି କଥା ହୋଇଥାନ୍ତି । ଏଭଳି ବ୍ୟକ୍ତି ଟେକ୍‌ନିସିଆନ ବା ସଫ୍ଟୱାର ଇଞ୍ଜିନିୟର ହୋଇଥାଇପାରନ୍ତି । ବିଶ୍ୱାସ ନ ହେଲେ ବି ଏହା ସତ । ଦିନରେ ସଫ୍ଟୱାର ଇଞ୍ଜିନିୟର କରୁଥିବା ଯୁବକ ମାନେ ରାତିରେ କ୍ୟାବ୍ ଡ୍ରାଇଭର ହେବାକୁ ପଛାଉ ନାହାନ୍ତି । ଏମାନେ ରାତିରେ ଓଲା, ଉବର, ରାପିଡୋ ଓ ନମାଯାତ୍ରୀ ଭଳି ପ୍ଲାଟଫର୍ମ ପାଇଁ ରାତିରେ କ୍ୟାବ୍ ଚଳାଉଛନ୍ତି । ଅବଶ୍ୟ ଏମାନେ କିଛି ଅଧିକ ଅର୍ଥ ଉପାର୍ଜନ କରୁଛନ୍ତି । ନିଜ ପରିଚୟ ଗୋପନ

## ବେଙ୍ଗାଲୁରୁରେ ରାତିରେ ଓଲା, ଉବର ଚଳାଉଛନ୍ତି ଇଞ୍ଜିନିୟର

ଭାବେ କାର୍ଯ୍ୟ କରୁଥିବା ଏହି ଟେକ୍‌ନିସିଆନମାନେ ରାତିରେ କ୍ୟାବ ଚଳାଉଛନ୍ତି । ତେବେ କେବଳ ଟଙ୍କା ପାଇଁ ସେମାନେ ଏପରି କରୁନାହାନ୍ତି । ନିଜର ନିଃସଙ୍ଗତା ଏବଂ ଅଫିସ୍‌ରେ ସାମ୍ନା କରୁଥିବା କର୍ପୋରେଟ୍ ଚ୍ୟାଲେଞ୍ଜ ବା କଠିନତାକୁ ଦୂର କରିବାକୁ ଇଞ୍ଜିନିୟର ଏବଂ ଟେକନିସିଆନମାନେ ଏପରି ଅଭିନବ ପନ୍ଥା ଆପଣାଉଛନ୍ତି । କିନ୍ତୁ ଏହା ଏବେ ଏକ ଗମ୍ଭୀର ପ୍ରଶ୍ନ ଉତ୍ଥାପନ କରିଛି । ଏହା କର୍ପୋରେଟ ସଂସ୍କୃତିର ସମସ୍ୟାକୁ ପଦାରେ ପକାଇ ଦେଇଛି । ନିଜକୁ ବ୍ୟସ୍ତ ରଖିବା ପାଇଁ ତଥା ଚିନ୍ତାରୁ ମୁକ୍ତି ପାଇଁ ଦିନରେ ସଫ୍ଟୱାର ଇଞ୍ଜିନିୟର ଭାବେ କାର୍ଯ୍ୟ ରଖି ଏମାନେ ଅଜଣା ବ୍ୟକ୍ତିଙ୍କ ସହ କଥା ହୋଇ ନିଜକୁ ହାଲ୍‌କା କରିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହାନ୍ତି ନାହିଁ । ତେବେ କେବଳ ବେଙ୍ଗାଲୁରୁରେ ଏହା ଦେଖିବାକୁ ମିଳୁନାହିଁ । ଦିଲ୍ଲୀ, ମୁମ୍ବଇ ଭଳି ସହରରେ ମଧ୍ୟ ଟେକ୍‌ନିସିଆନ ମାନେ ରାତିରେ କ୍ୟାବ ଡ୍ରାଇଭ୍ କରୁଥିବାର ଦେଖିବାକୁ ମିଳିଛି । କେତେକ ଟେକ୍‌ନିସିଆନ କେବଳ ଅର୍ଥ ପାଇଁ ଏହା କରୁଥିବାର ଜଣାଯାଇଛି । କାରଣ ରାତିକୁ ଏମାନେ ୩ରୁ ସାଢ଼େ ୪ ହଜାର ଟଙ୍କା ଆୟ କରିବାରେ ସକ୍ଷମ ହେଉଛନ୍ତି । ଆଉ କେତେଜଣ କ୍ୟାବ୍ ଡ୍ରାଇଭର ହେବାର ଅଭିଜ୍ଞତା ହାସଲ କରିବାକୁ ଏପରି କରୁଛନ୍ତି ବୋଲି ଅନୁମାନ କରାଯାଉଛି ।

# ଆଜି ଏସ୍‌ଆଇଆର୍ ତାରିଖ ଘୋଷଣା

ନୂଆଦିଲ୍ଲୀ, ୨୬।୧୦ (ଏଜେନ୍ସି): ସାରା ଦେଶରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) କରିବାକୁ ନିର୍ବାଚନ କମିଶନ (ଇସି) ପ୍ରସ୍ତୁତି କରିଛନ୍ତି । ଏ ନେଇ ଇସିଙ୍କ ପକ୍ଷରୁ ସୋମବାର ସନ୍ଧ୍ୟାରେ ବଡ଼ ଘୋଷଣା କରାଯିବ । ସାମ୍ବାଦିକ ସମ୍ମିଳନୀ କରି ଏ ବିଷୟରେ ଇସିଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ୧୦ରୁ ୧୫ ରାଜ୍ୟରେ ଏସଆଇଆର ହୋଇପାରେ । ଏଥିରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ସାମିଲ ଅଛନ୍ତି । ଆସାମ, ତାମିଲନାଡୁ, ପୁଡୁଚେରି, କେରଳ ଏବଂ ପଶ୍ଚିମବଙ୍ଗରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ଏହି ସବୁ ରାଜ୍ୟରେ ପ୍ରଥମେ ଏସଆଇଆର କରାଯାଇପାରେ । ସ୍ଥାନୀୟ ପୌର ନିର୍ବାଚନ ହେଉଥିବା ରାଜ୍ୟରେ ପ୍ରଥମେ ଏସଆଇଆର ହେବ ନାହିଁ ବୋଲି ପୂର୍ବରୁ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଥିଲା । କାରଣ ନିମ୍ନସ୍ତରର କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହିବେ । ସେମାନେ ଏସଆଇଆର ପାଇଁ ସମୟ ଦେଇପାରିବେ ନାହିଁ । ନିର୍ବାଚନ ପରେ ଏହି ସବୁ ରାଜ୍ୟରେ ଏସଆଇଆର ହେବ ।

କିଛି ଦିନ ତଳେ ଏସଆଇଆର ଲାଗୁ କରିବାର ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ସହ ଦୁଇ ଥର ବୈଠକ କରିଥିଲେ । ଅନେକ ସିଇଓ ଗତ ଏସଆଇଆରରେ ଜାରି କରାଯାଇଥିବା ଭୋଟର ତାଲିକାକୁ ସମ୍ବନ୍ଧିତ ରାଜ୍ୟର ୱେବସାଇଟରେ ଜାରି କରିସାରିଛନ୍ତି । ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ୱେବସାଇଟରେ ୨୦୦୮ର ଭୋଟର ତାଲିକା ଜାରି କରିଛନ୍ତି । ସେଠାରେ ୨୦୦୮ରେ ଏସଆଇଆର ହୋଇଥିଲା । ସେହିପରି ଉତ୍ତରାଖଣ୍ଡରେ ମଧ୍ୟ ତାଲିକା ଜାରି କରାଯାଇଛି । ରାଜ୍ୟରେ ଶେଷ ଥର ପାଇଁ ହୋଇଥିବା ଏସଆଇଆରକୁ କଟ୍-ଅଫ ଭାବେ ଧରାଯିବ । ଅର୍ଥାତ୍ ସେହି ତାଲିକାରେ ସାମିଲ ଥିବା ଲୋକଙ୍କୁ କୌଣସି ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ । ଅଧିକାଂଶ ରାଜ୍ୟରେ ୨୦୦୨ ଏବଂ ୨୦୦୪ ମଧ୍ୟରେ ଏସଆଇଆର ହୋଇଥିଲା । ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୂର୍ବର ଏସଆଇଆର ସହ ଏବେର ଭୋଟର ତାଲିକାକୁ ମେଳ କରି ସାରିଲେଣି । ବେଆଇନ ଭାବେ ଦେଶରେ ରହୁଥିବା ଲୋକଙ୍କୁ ବାହାର କରିବା ଏହି ଏସଆଇଆରର ପ୍ରମୁଖ ଉଦ୍ଦେଶ୍ୟ ।

# ନିଶା ପାଇଁ ଦୁଇ ଲକ୍ଷରେ ପୁଅକୁ ବିକିଦେଲେ ଦମ୍ପତି



ଚଣ୍ଡିଗଡ଼,୨୬ ।୧୦(ଏଜେନ୍ସି): ପଞ୍ଜାବର ମାନସା ଜିଲ୍ଲାରେ ଏକ ନିଶାଶକ୍ତ ଦମ୍ପତି ମାତ୍ର ୧ ଲକ୍ଷ ୮୦ ହଜାର ଟଙ୍କାରେ ନିଜର ୬ ମାସର ପୁଅକୁ ବିକ୍ରି କରି ଦେଇଛନ୍ତି । ଏମାନେ ଜଣେ ସ୍କ୍ରାପ ଡିଲରଙ୍କ ପରିବାରକୁ ନିଜ ପୁଅକୁ ଦେଇ ଦେଇଥିଲେ । ଶିଶୁର ମାଉସୀ ଥାନାରେ ଏ ନେଇ ଅଭିଯୋଗ କରିବା ପରେ ଏହି ମାମଲା ସାମ୍ନାକୁ ଆସିଛି । ପୁଲିସ ଶିଶୁକୁ ଉଦ୍ଧାର କରିବା ସହ ଦୁଇ ପରିବାର ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅନୁସାରେ ମାମଲା ରୁଜୁ କରିଛି । ପୁଅକୁ ବିକ୍ରି କରିଥିବା ଏହି ଦମ୍ପତିଙ୍କୁ ପୁଲିସ ଗିରଫ କରିଛି । ଏହି ଦମ୍ପତି ଆକବରପୁର ଖୁଡାଲ ଗାଁରେ ରୁହନ୍ତି । ନିୟମିତ ନିଶା ସେବନ କରୁଥିବାରୁ ଏହି ଦମ୍ପତି ପୁଅର ଲାଳନପାଳନ କରିବାକୁ ଅକ୍ଷମ ଥିଲେ । ଫଳରେ ବୁଧଲାଡା ଟାଉନ୍‌ରେ ରହୁଥିବା ସ୍କ୍ରାପ୍ ଡିଲରଙ୍କୁ ନିଜର ପୁଅକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ କହିଛି । ଏହି ସ୍କ୍ରାପ ଡିଲରଙ୍କର ୪ ଜଣ ଝିଅ ଅଛନ୍ତି । ପୁଅକୁ ନେବା ପାଇଁ ଡିଲରଙ୍କ ପରିବାର ଏକ ଦସ୍ତାବିଜ୍‌ରେ ଦସ୍ତଖତ ମଧ୍ୟ କରିଥିଲେ । ମିଳିଥିବା ଅର୍ଥରେ ଏହି ଦମ୍ପତି ନିଶାଦ୍ରବ୍ୟ ଓ ଅନ୍ୟ କେତେକ ଘରକରଣା ଜିନିଷ କ୍ରୟ କରିଥିଲେ ବୋଲି ସ୍ଥାନୀୟ ଲୋକ ପୁଲିସକୁ କହିଛନ୍ତି । ବିବାହ ପରେ ପିଲାର ମା’ ନିଶା ସେବନ କରିବା ସହ ନିଶାସକ୍ତ ହୋଇ ଯାଇଥିଲେ । କିନ୍ତୁ ପୂର୍ବରୁ ସେ ଜଣେ କୁସ୍ତିଯୋଦ୍ଧା ଥିଲେ । ପୁଲିସ ଏବେ ଏହି ପିଲାକୁ ଶିଶୁ କଲ୍ୟାଣ କମିଟିକୁ ହସ୍ତାନ୍ତର କରିଛନ୍ତି । ଦୁଇ ପରିବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅକ୍ଟୋବର ୩୧ ସୁଦ୍ଧା ରିପୋର୍ଟ ଦେବାକୁ ବୁଧଲାଡା ଡିଏସ୍‌ପି ସିକନ୍ଦର ସିଂ ଚିମା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ନରମୁଛି ଆମେରିକା ସ୍ୱର

## ଭାରତକୁ ଅଣଦେଖା କରି ପାକିସ୍ତାନ ସହ ବନ୍ଧୁତା କରିବୁନି

ୱାସିଂଟନ, ୨୬।୧୦ (ଏଜେନ୍ସି): ଶୁଳ୍କ ଲଗାଇ ଏବଂ ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ଦୋଷ ଦେଉଥିବା ଆମେରିକାର ସ୍ୱର ନରମ ହେବାରେ ଲାଗିଛି । ବାରମ୍ବାର ମିଥ୍ୟା ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଠାରୁ ଭାରତ କ୍ରମାଗତ ଭାବେ ଦୂରତ୍ୱ ରକ୍ଷା କରୁଛି । ଚୁପ୍‌ଚାପ ରହି ଟ୍ରମ୍ପଙ୍କୁ ଭାରତ ଜବାବ ଦେଉଛି । କ୍ୱାଲାଲମ୍ପୁରରେ ଅନୁଷ୍ଠିତ ଆସିଆନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ନ ହେବା ମଧ୍ୟ ଏହାକୁ ଦର୍ଶାଉଛି । ଏହି ସମ୍ମିଳନୀରେ ମୋଦୀଙ୍କ ସହ ସାକ୍ଷାତ ହେବ ବୋଲି ପୂର୍ବରୁ ଟ୍ରମ୍ପ କହି ସାରିଥିଲେ । କିନ୍ତୁ ମୋଦୀ ଏହି ସମ୍ମିଳନୀରେ ସାମିଲ ନ ହୋଇ ଟ୍ରମ୍ପଙ୍କୁ ବଡ଼ ବାର୍ତ୍ତା ଦେଇଛନ୍ତି । ଭାରତର ଏଭଳି ଆଭିମୁଖ୍ୟକୁ ଦେଖି ଆମେରିକା ନରମ ଆଭିମୁଖ୍ୟ ଗ୍ରହଣ କରିଛି । ଭାରତକୁ ଅଣଦେଖା କରି ପାକିସ୍ତାନ ସହ ସମ୍ପର୍କକୁ ମଝବୁତ କରିବାକୁ ଚାହୁଁନାହୁଁ ବୋଲି ଆମେରିକା ବିଦେଶମନ୍ତ୍ରୀ ମାର୍କୋ ରୁବିଓ୍ୱା କହିଛନ୍ତି ।

ରୁବିଓ୍ୱା କହିଛନ୍ତି ଯେ ପୂର୍ବରୁ ଆତଙ୍କବାଦ ବିରୋଧରେ ଆମେରିକା ଏବଂ ପାକିସ୍ତାନ ମିଳିତ ଭାବେ କାମ କରି ଆସୁଛନ୍ତି । କିନ୍ତୁ ଏହା ଦ୍ୱାରା ଭାରତ ସହ ସମ୍ବନ୍ଧ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ପାକିସ୍ତାନ ସହ ଘନିଷ୍ଠତାକୁ ନେଇ ଭାରତ ଚିନ୍ତା ପ୍ରକଟ କରିଛି କି ନାହିଁ ପଚାରିବାରୁ ରୁବିଓ୍ୱା କହିଥିଲେ ଯେ କୁଟନୀତି କ’ଣ ତାହା ନୂଆଦିଲ୍ଲୀ ଜାଣିଛି । ଅନେକ ଦେଶ ସହ ସମ୍ପର୍କ ରଖିବାକୁ ପଡ଼ିଥାଏ ବୋଲି ଭାରତ ଭଲ ଭାବେ ଅବଗତ ଅଛି । ଭାରତର ମଧ୍ୟ ଅନେକ ଦେଶ ସହ ଭଲ ସମ୍ପର୍କ ରହିଛି । ଏହା ବିଦେଶ ନୀତିର ଅଂଶବିଶେଷ । ଭାରତ ସହ ଯୁଦ୍ଧ ବନ୍ଦ କରିଥିବାରୁ ପାକିସ୍ତାନ-ଆମେରିକାର ସମ୍ବନ୍ଧ ବୃଦ୍ଧି ପାଇଲା କି ବୋଲି ଜଣେ ସାମ୍ବାଦିକ ପଚାରି ଥିଲେ । ଏହାର ଉତ୍ତରରେ ରୁବିଓ୍ୱା କହିଥିଲେ ଯେ ଏହା ପୂର୍ବରୁ ପାକିସ୍ତାନ ସହ ଆଲୋଚନା ଆରମ୍ଭ କରାଯାଇଥିଲା । ପାକିସ୍ତାନ ସହ ଆମେ ରଣନୈତିକ ବନ୍ଧୁତା ସ୍ଥାପନ କରିବାକୁ ଚାହୁଁଛୁ । ଅନେକ ପ୍ରସଙ୍ଗରେ ଦୁଇ ଦେଶ ଏକାଠି କାମ କରିପାରିବେ । ଭାରତ-ପାକିସ୍ତାନ ମଧ୍ୟରେ ଦୀର୍ଘ ଦିନ ହେଲା ଉତ୍ତେଜନା ରହି ଆସିଛି । କିନ୍ତୁ ଆମେ ଅନେକ ଦେଶଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଛୁ । କିନ୍ତୁ ଭାରତ କିମ୍ବା ଅନ୍ୟ କୌଣସି ଦେଶର ସମ୍ପର୍କକୁ ଅଣଦେଖା କରି ଏପରି କରିବୁ ନାହିଁ ବୋଲି ସେ କହିଛନ୍ତି ।

# ସଲ୍‌ମାନ ଖାନ୍ ଜଣେ ଆତଙ୍କବାଦୀ: ପାକିସ୍ତାନ

ଇସଲାମାବାଦ, ୨୬।୧୦ (ଏଜେନ୍ସି): ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ନିଜେ ଏହାର ଶିକାର ହେଉଛି । ନିଜ ଦେଶରେ ନିରୀହ ଲୋକଙ୍କ ଉପରେ ଆକ୍ରମଣ କରୁଥିବା



ଏହି ଦେଶ ଅନ୍ୟ ରାଷ୍ଟ୍ର ଉପରେ ପ୍ରଶ୍ନ ଉଠାଉଛି । ଯିଏ ଏହି ନୃଶଂସ କୃତ୍ୟର ସମାଲୋଚନା କଲା ତାହା ଉପରେ ପାକିସ୍ତାନ ଦୋଷ ଲଦୁଛି । ଏବେ ବଲିଉଡ ଅଭିନେତା ସଲମାନ ଖାନଙ୍କୁ ଏହି ଦେଶ ଆତଙ୍କବାଦୀ କହିଛି । ସାଉଦି ଆରବର ରାଜଧାନୀ ରିଆଧରେ ସଲ୍‌ମାନ ଦେଇଥିବା ଏକ ମନ୍ତବ୍ୟକୁ ନେଇ ପାକିସ୍ତାନ ବିଚଳିତ ହୋଇ ଏଭଳି ପଦକ୍ଷେପ ନେଇଛି । ସୂଚନା ଅନୁଯାୟୀ ରିଆଧର ଜୟ ଫୋରମ-୨୦୨୫ରେ ସଲ୍‌ମାନ ପାକିସ୍ତାନ ଏବଂ ବଲୁଚିସ୍ତାନକୁ ଅଲଗା ଅଲଗା ଦେଶ କହିଥିଲେ । ବୁଲଚିସ୍ତାନରେ ମାନବାଧିକାର ଉଲ୍ଲଙ୍ଘନ କରୁଥିବା ପାକିସ୍ତାନ ଏହାକୁ ନେଇ କ୍ଷୁବ୍ଧ ହୋଇଯାଇଥିଲା । ରିପୋର୍ଟ ଅନୁଯାୟୀ ପାକିସ୍ତାନ ସରକାର ଆତଙ୍କବାଦୀ ନିରୋଧୀ ଆଇନ-୧୯୯୭ର ଅନୁଚ୍ଛେଦ ୪ ଅଧିନରେ ସଲ୍‌ମାନଙ୍କୁ ସାମିଲ କରିଛି । ଆତଙ୍କବାଦୀ କାର୍ଯ୍ୟକଳାପ ସାମିଲ ସନ୍ଦେହରେ ଏହି ଧାରାରେ ବ୍ୟକ୍ତିଙ୍କୁ ସାମିଲ କରାଯାଇଥାଏ । ସାମାଜିକ ଗଣମାଧ୍ୟମରେ ପାକିସ୍ତାନର ପକ୍ଷରୁ ଜାରି ବିଜ୍ଞପ୍ତି ଖୁବ ଭାଇରାଲ ହେବାରେ ଲାଗିଛି । ରିଆଧରେ ଆୟୋଜିତ କାର୍ଯ୍ୟକ୍ରମରେ ଶାହରୁଖ ଖାନ, ଅମିର ଖାନଙ୍କ ଉପସ୍ଥିତିରେ ଦବଙ୍ଗ ଷ୍ଟାର କହିଥିଲେ ଯେ ଏବେ ହିନ୍ଦୀ ଚଳଚ୍ଚିତ୍ର ପ୍ରସ୍ତୁତ କରି ଏଠାରେ ମୁକ୍ତିଲାଭ କରାଗଲେ ତାହା ସୁପରହିଟ୍ ହେବ । ତାମିଲ, ତେଲୁଗୁ କିମ୍ବା ମାଲାୟଲମ ଚଳଚ୍ଚିତ୍ର ମଧ୍ୟ ଶହେ କୋଟିରୁ ଅଧିକ ବ୍ୟବସାୟ କରିବ । କାରଣ ଏଠାରେ ଅନେକ ଦେଶରୁ ଲୋକ ଆସି ରହୁଛନ୍ତି । ଏମାନଙ୍କ ମଧ୍ୟରେ ବଲୁଚିସ୍ତାନ, ଆଫଗାନିସ୍ତାନ, ପାକିସ୍ତାନ ନାଗରିକ ସାମିଲ ଅଛନ୍ତି ।

# ଏସି ବସ୍‌ରେ ନିଆଁ; ବର୍ତ୍ତିଲେ ୪୦ ଯାତ୍ରୀ

ଲକ୍ଷ୍ନୌ,୨୬ ।୧୦(ଏଜେନ୍ସି): ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଏକ ଡବଲ ଡେକର ଏସି ସ୍ଲିପର ବସ୍‌ରେ ରବିବାର ହଠାତ ନିଆଁ ଲାଗିଯାଇଥିଲା । ତେବେ ବସ୍‌ରେ ଥିବା ୪୦ ଯାତ୍ରୀଙ୍କ ସମେତ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏଥିରେ କାହାର କୌଣସି କ୍ଷତି ହୋଇନାହିଁ ବୋଲି ପୁଲିସ କହିଛି । ଅପରାହ୍ଣ ୪.୪୫ ମିନିଟ୍‌ରେ ଦିଲ୍ଲୀରୁ ଗୋଣ୍ଡା ଯାଉଥିବା ଏହି ୪୪ ସିଟର ବସ୍‌ରେ ଟୋଲ ପ୍ଲାଜାର ୫୦୦ମି ପରେ ହିଁ ନିଆଁ ଲାଗିଥିଲା । ସୂଚନା ପାଇବା ମାତ୍ରେ ପୁଲିସ ଓ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ବସ୍‌ରୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା ।

# ପୁଲିସ ଅଧିକାରୀଙ୍କ ବିଦେଶ ପ୍ରୀତି

ଚଣ୍ଡିଗଡ଼, ୨୬।୧୦ (ଏଜେନ୍ସି): ଲାଞ୍ଚ କାରବାର ମାମଲାରେ ଧରା ପଡ଼ିଥିବା ପଞ୍ଜାବର ପୂର୍ବତନ ଡିଆଇଜି (ରୋପଡ ରେଞ୍ଜ) ହରଚରଣ ସିଂହ ଭୁଲ୍ଲରଙ୍କ ଗୁମର ଖୋଲିବାରେ ଲାଗିଛି । ଏବେ ତାଙ୍କର ବିଦେଶ ଲିଙ୍କ୍‌କୁ ନେଇ ବିଚଳିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି । ଦାୟିତ୍ୱରେ ଥିବା ସମୟରେ ଭୁଲ୍ଲର ୧୦ ଥର ଦୁବାଇ ଗସ୍ତ କରିଥିଲେ । ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ସିବିଆଇ ଭୁଲ୍ଲରଙ୍କ ପାସପୋର୍ଟକୁ

## ଦୁବାଇରେ ୨, କାନାଡ଼ାରେ ୩ ଫ୍ଲାଟ୍

ଜବତ କରିଛି । ଏହା ମାଧ୍ୟମରେ ତାଙ୍କ ବିଦେଶ ଗସ୍ତର ବିସ୍ତୃତ ବିବରଣୀ ସଂଗ୍ରହ କରାଯାଉଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଦେଶରେ ଭୁଲ୍ଲରଙ୍କ ଅମାପ ସମ୍ପତ୍ତି ରହିଛି । ଏ ପର୍ଯ୍ୟନ୍ତ ଦୁବାଇରେ ୨ଟି ଏବଂ କାନାଡ଼ାରେ ତାଙ୍କର ତିନୋଟି ଫ୍ଲାଟ ଥିବା ଜଣାପଡ଼ିଛି । ଏହା ବ୍ୟତୀତ ଲୁଧିଆନାରେ ତାଙ୍କର ପ୍ରାୟ ୫୫ ଏକର ଜମି ଏବଂ ମାଛିୱାଡ଼ା କ୍ଷେତ୍ରରେ ୨୦ ଦୋକାନ ଥିବା ସୂଚନା ମିଳିଛି । ସେ ବିଦେଶରେ ଆହୁରି ଅନେକ ସମ୍ପତ୍ତି କ୍ରୟ କରିଥିବା ସିବିଆଇ ସନ୍ଦେହ କରୁଛି । ଏବେ ସିବିଆଇ ଏହାର ସନ୍ଧାନ କରିବାରେ ଲାଗିଛି । ବିଦେଶରେ ଥିବା ସମ୍ପତ୍ତି ଗୁଡିକ ଭୁଲ୍ଲର ନିଜ ନାମରେ କି ଆଉ କାହା ନାଁରେ କିଣିଥିଲେ ତାହା ଜାଣିବା ପାଇଁ ପ୍ରୟାସ କରାଯାଉଛି । ଆଗାମୀ ଦିନରେ ଭୁଲ୍ଲରକୁ ନେଇ ଆହୁରି ବିସ୍ଫୋରକ ସୂଚନା ସାମ୍ନାକୁ ଆସିପାରେ ।

ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତକାର ଦେଇ ପୂର୍ବତନ ଡିଜିପି ସିଦ୍ଧାର୍ଥ ଚଟୋପାଧ୍ୟାୟ କହିଛନ୍ତି ଯେ ମନ୍ତ୍ରୀ ଏବଂ ଅଧିକାରୀମାନେ ଏପରି ଅଧିକାରୀମାନଙ୍କ ବିଷୟରେ ସବୁ କିଛି ଜାଣଥାନ୍ତି । ଯେଉଁ ଟଙ୍କା ଭୁଲ୍ଲରଙ୍କ ପାଖରୁ ମିଳିଛି ତାହା ତ ଦିନକ ମଧ୍ୟରେ ଆସିବ ନାହିଁ ।



ସମସ୍ତେ ଏ ବିଷୟରେ ଅବଗତ ଥିଲେ ବୋଲି ସ୍ପଷ୍ଟ ହେଉଛି । କିନ୍ତୁ କେହି ଏହି ବିଷୟରେ ମୁହଁ ଖୋଲି ନ ଥିଲେ । ଏପରି କାର୍ଯ୍ୟରେ ଜଡ଼ିତ ଥିବା ଭୁଲ୍ଲର ଏକମାତ୍ର ଅଧିକାରୀ ନୁହଁନ୍ତି । ପୁଲିସ ବିଭାଗ ଭିତରେ ଆହୁରି ବଡ଼ ବଡ଼ କୁମ୍ଭୀର ଅଛନ୍ତି, ଯେଉଁମାନେ ମନ୍ତ୍ରୀ, ଅଧିକାରୀ ଏବଂ ବିଚାରପତିଙ୍କ ଆବଶ୍ୟକତାକୁ ପୂରଣ କରୁଛନ୍ତି । ଭୁଲ୍ଲରଙ୍କ ଗିରଫ ପରଠୁ ସରକାର ଏବଂ ବିରୋଧୀଙ୍କ ସବୁ ନେତା ଚୁପ ରହିଛନ୍ତି ।

ଅନ୍ୟପକ୍ଷରେ ମଣ୍ଡି ଗୋବିନ୍ଦଗଡ଼ର ବ୍ୟବସାୟୀଙ୍କ ସହ ଲାଞ୍ଚ କାରବାରରେ ମଧ୍ୟସ୍ଥ ଥିବା କୃଷ୍ଣୁକୁ ସିବିଆଇ ସରକାରୀ ସାକ୍ଷୀ କରିପାରେ । ଏଥିପାଇଁ ସିବିଆଇ ତାକୁ ରାଜି କରାଇବାକୁ ପ୍ରୟାସ କରୁଛି । ଯଦି ସେ ସରକାରୀ ସାକ୍ଷୀ ହୁଅନ୍ତି, ତେବେ ଭୁଲ୍ଲରଙ୍କ ସମସ୍ୟା ଅଧିକ ବୃଦ୍ଧି ପାଇବ । ସୂଚନାଯୋଗ୍ୟ ଯେ ସିବିଆଇ ଗତ ୧୬ ତାରିଖରେ ଭୁଲ୍ଲରଙ୍କ ଘରୁ ୭.୫ କୋଟି ଟଙ୍କା, ଅଢେଇ କେଜି ସୁନା, ୨୬ ମହଙ୍ଗା ଗାଡ଼ି, ଅସ୍ତ୍ରଶସ୍ତ୍ର, ୫୦ରୁ ଅଧିକ ସମ୍ପତ୍ତି ଜବତ କରିଥିଲା ।

# ଆଫଗାନିସ୍ତାନକୁ ଖୋଲା ଯୁଦ୍ଧ ଧମକ ଦେଲା ପାକିସ୍ତାନ



ଇସ୍ଲାମାବାଦ୍‌୨୬ ।୧୦(ଏଜେନ୍ସି): ଅସ୍ତ୍ରବିରତି ପାଇଁ ଆଲୋଚନା ଚାଲିଥିବା ବେଳେ ପାକସ୍ତାନ ପ୍ରତିରକ୍ଷା ମନ୍ତ୍ରି ଖ୍ୱାଜା ମହମ୍ମଦ ଆସିଫ୍ ଶନିବାର ଆଫଗାନିସ୍ତାନକୁ ଖୋଲା ଯୁଦ୍ଧର ଧମକ ଦେଇଛନ୍ତି । ଆଫଗାନିସ୍ତାନ ସହିତ ଚାଲିଥିବା ଅସ୍ତ୍ରବିରତି ଆଲୋଚନା ବିଫଳ ହେଲେ ଯୁଦ୍ଧ ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ । ତେବେ ଦୁଇ ଦେଶ ଶାନ୍ତି ଚାହୁଁଛନ୍ତି ବୋଲି ସେ କହିଛନ୍ତି । ତୁର୍କୀର ଇସ୍ତାନବୁଲ ସହରରେ ଶନିବାର ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାକୁ ଯାଉଥିବା ବେଳେ ଆସିଫ ଏହି ମନ୍ତବ୍ୟ ଦେଇଛନ୍ତି । ତେବେ ଏହା ଉପରେ ଆଫଗାନିସ୍ତାନ ତରଫରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ଏହାପୂର୍ବରୁ କାତାର ରାଜଧାନୀ ଦୋହାରେ ମଧ୍ୟ ଶାନ୍ତିପ୍ରତିଷ୍ଠା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା । ତେଣୁ ଦୋହା ଆଲୋଚନାକୁ ଭିତ୍ତି କରି ଇସ୍ତାନବୁଲ୍‌ରେ ଗଠନମୂଳକ ଆଲୋଚନା ହେବ । ଏହି ଆଲୋଚନାରେ ଆଫଗାନିସ୍ତାନ ଟିମ୍‌ର ନେତୃତ୍ୱ ନେବେ ମନ୍ତ୍ରୀ ହାଜି ନଜିବ । ସେହିପରି ପାକିସ୍ତାନ ତରଫରୁ ଦୁଇଜଣ ସୁରକ୍ଷାକର୍ମୀ ଏଥିରେ ସାମିଲ ହେବେ ବୋଲି କୁହାଯାଇଛି । ଇସ୍ତାନବୁଲ୍‌ରେ ହେବାକୁ ଥିବା ଆଲୋଚନାର ଫଳାଫଳ ଉପରେ ଶାନ୍ତି ନିର୍ଭର କରିବ । କିଛିଦିନ ତଳେ ହୋଇଥିବା ସଂଘର୍ଷ ଓ ପାକିସ୍ତାନ ଆକ୍ରମଣରେ ୩୭ ଜଣ ଆଫଗାନିସ୍ତାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪୨୫ ଜଣ ଲୋକ ଆହତ ହୋଇଥିଲେ ।

**ଆଲୋଚନା ବିଫଳ ହେଲେ ଯୁଦ୍ଧ ନିଶ୍ଚିତ; ଆସିଫ୍**

# ବିହାର ନିର୍ବାଚନ ୧୬ ନେତାଙ୍କୁ ବିଦା କଲା ଜେଡିୟୁ

ପାଟନା, ୨୬।୧୦ (ଏଜେନ୍ସି):




ବିହାର ନିର୍ବାଚନ ତାତି ବଢ଼ିବାରେ ଲାଗିଛି । କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀଙ୍କ ମଧ୍ୟରେ ବାକ୍ ଯୁଦ୍ଧ ତୀବ୍ର ହୋଇ ଚାଲିଛି । ବିରୋଧୀ ଦଳ ନେତା ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ରବିବାର କଟିହାରରେ ଜନସଭା କରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନିଶାଣ କରିଥିବାବେଳେ ଆରଜେଡିର ବାହୁବଳୀ ପ୍ରାର୍ଥୀ ଅନନ୍ତ ସିଂହଙ୍କ ମଞ୍ଚ ଭାଙ୍ଗି ଯାଇଛି । ସେ ଶନିବାର ରାମପୁର-ଡୁମରାରେ ଜନସଭାକୁ ସମ୍ବୋଧନ କରୁଥିବାବେଳେ ଏହି ଅଘଟଣ ଘଟିଥିଲା । ଏଥିଯୋଗୁଁ ଅନନ୍ତଙ୍କ ସମେତ ମଞ୍ଚରେ ଥିବା ସମସ୍ତ ନେତା ତଳେ ପଡ଼ି ଯାଇଥିଲେ । ଚଳିତ ଥର ଅନନ୍ତ ଜେଡିୟୁ ଟିକେଟରୁ ମୋକାମାରେ ନିର୍ବାଚନ ଲଢୁଛନ୍ତି । ଅନ୍ୟପଟେ ଜେଡିୟୁ ଗତ ଦୁଇ ଦିନରେ ୧୬ ବିଦ୍ରୋହୀ ନେତାଙ୍କୁ ଦଳରୁ ବାହାର କଲାଣି । ଗୋପାଳପୁରରୁ ୪ ଥରର ବିଧାୟକ ହୋଇଥିବା ଗୋପାଳ ମଣ୍ଡଳ, ପୂର୍ବତନ ମନ୍ତ୍ରୀ ହିମରାଜ ସିଂହ, ପୂର୍ବତନ ବିଧାନ ପରିଷଦ ସଞ୍ଜୀବ ଶ୍ୟାମ ସିଂହ, ପୂର୍ବତନ ବିଧାୟକ ମହେଶ୍ୱର ପ୍ରସାଦ ଯାଦବ ଏବଂ ପ୍ରଭାତ କିରଣଙ୍କୁ ରବିବାର ଦଳରୁ ବାହାର କରାଯାଇଛି । ଏମାନେ ସଂଗଠନ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହୋଇଥିଲା । ଗୋପାଳ କିଛି ଦିନ ତଳେ ନୀତୀଶଙ୍କ ଘର ଆଗରେ ଧାରଣା ଦେଇ ଟିକଟ ଦାବି କରିଥିଲେ । ଏହା ପୂର୍ବରୁ ଜେଡିୟୁ ଶନିବାର ୧୧ ବିଦ୍ରୋହୀ ନେତାଙ୍କୁ ଦଳରୁ ବିତାଡ଼ିତ କରିଥିଲା ।

ଆଜି ଚାଚା ନୀତୀଶଙ୍କୁ ତେଜସ୍ୱୀ ନିଶାଣ କରିଛନ୍ତି । ସେ କହିଛନ୍ତି ଯେ ଚାଚା ପାର୍ଶ୍ୱ ବଦଳାଇ ବିଜେପିକୁ ଚାଲି ଯାଇଛନ୍ତି । ନୀତୀଶ ହିଁ ବିଜେପିକୁ ବିହାରରେ ସ୍ଥାନ ଦେଇଛନ୍ତି । ଆମେ କେବେ ବିଜେପି ଆଗରେ ହାତ ଟେକି ଦେଇନାହୁଁ । କ୍ଷମତାକୁ ଆସିଲେ ମୁସଲମାନଙ୍କୁ ନେଇ ଆସିଥିବା ୱାକଫ ବିଲ୍‌କୁ ପ୍ରତ୍ୟାହାର କରିବୁ । ଏହା ସହିତ ତେଜସ୍ୱୀ ନିର୍ବାଚନୀ ପ୍ରତିଶ୍ରୁତିର ବର୍ଷା କରିଛନ୍ତି । ପଞ୍ଚାୟତ ପ୍ରତିନିଧିଙ୍କ ଭତ୍ତା ଦୁଇ ଗୁଣ, ଜିଲ୍ଲା ପରିଷଦ ନେତାଙ୍କୁ ୫୦ ଲକ୍ଷ ଟଙ୍କାର ବୀମା, ପିଡିଏସ ଡିଲରଙ୍କ ପାଉଣା ବୃଦ୍ଧି, କୁମ୍ଭାର ଆଦିଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ ବୋଲି କହିଛନ୍ତି । ସେହିପରି କିଶନଗଞ୍ଜରେ ଏକ ରାଲିକୁ ସମ୍ବୋଧନ କରି ତେଜସ୍ୱୀ କହିଥିଲେ ଯେ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଧମକରେ ଭୟଭୀତ ହେବେ ନାହିଁ ।

# ରାହୁଲଙ୍କ ଅନୁପସ୍ଥିତିକୁ ନେଇ ବଢୁଛି ଚର୍ଚ୍ଚା

ପାଟନା, ୨୬।୧୦ (ଏଜେନ୍ସି): ବିହାରର ନିର୍ବାଚନୀ ପାଣିପାଗ ସରଗରମ ହୋଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ହୋଇଛି । ଗତ ସେପ୍ଟେମ୍ବର ୧ ତାରିଖରେ ରାହୁଲ ଶେଷ ଥର ପାଇଁ ବିହାର ଗସ୍ତରେ ଆସିଥିଲେ । ସେତେବେଳେ ସେ ପାଟନାରେ ‘ଭୋଟର ଅଧିକାର ଯାତ୍ରା’କୁ ସମ୍ବୋଧନ କରି ବେକାରୀ, ସାମାଜିକ ନ୍ୟାୟ ଏବଂ ଶିକ୍ଷାକୁ ନେଇ ସରକାରଙ୍କୁ ଘେରିଥିଲେ । ମାତ୍ର ଦୁଇ ମାସ ବିତି ଯାଇଥିବାବେଳେ ରାହୁଲଙ୍କୁ ବିହାରରେ ଦେଖିବାକୁ ମିଳୁନାହିଁ । କଂଗ୍ରେସର ପ୍ରଚାର ମଧ୍ୟ ସେତେ ଜୋରରେ ହେଉନାହିଁ । ଏହାକୁ ନେଇ ଅନେକ କଂଗ୍ରେସ ପ୍ରାର୍ଥୀ ହାଇକମାଣ୍ଡଙ୍କ ଉପରେ ପ୍ରଶ୍ନ ଉଠାଇଲେଣି । ଜଣେ ନେତା କହିଛନ୍ତି ଯେ ତୁମ ପ୍ରମୁଖ ନେତା କୁଆଡେ ଗଲେ ବୋଲି ଲୋକେ ପ୍ରଶ୍ନ ପଚାରୁଛନ୍ତି । ଏହାର କ’ଣ ଉତ୍ତର ଦେବୁ ଆମେ ଜାଣିପାରୁନାହୁଁ । ଅନ୍ୟ ଜଣେ ନେତା କହିଛନ୍ତି ଯେ ଆମେ ପୋଷ୍ଟର ଲଗାଇ ରୋଡ ସୋ’ କରୁଛୁ । କିନ୍ତୁ ଲୋକେ ରାହୁଲଙ୍କୁ ଦେଖିବାକୁ ଚାହୁଁଛନ୍ତି । ତେବେ ରାହୁଲଙ୍କ ଏହି ଅନୁପସ୍ଥିତି ମହାମେଣ୍ଟରେ ଚାଲିଥିବା ଟଣାଓଟରାକୁ ଦର୍ଶାଉଛି । ଏହାକୁ ନେଇ ଆରଜେଡିର ଜଣେ ନେତା କହିଛନ୍ତି ଯେ ଏକାଠି ହୋଇ ନିର୍ବାଚନ ଲଢ଼ାଯାଏ । ଯଦି କୌଣସି ସହଯୋଗୀ ଦଳ ଏଥିରେ ସହଯୋଗ କରିବନି ତେବେ ତାହା ବୋଝ ପାଲଟି ଯାଇଥାଏ । ତେବେ ଆଭ୍ୟନ୍ତରୀଣ କନ୍ଦଳ, ରାଜ୍ୟ ନେତାଙ୍କ ସହ ପ୍ରଚାର କାର୍ଯ୍ୟକ୍ରମ ଧାର୍ଯ୍ୟ ଏବଂ ହାଇକମାଣ୍ଡଙ୍କ କମ୍ ସହଯୋଗ କରୁଥିବାରୁ ରାହୁଲ ଦୂରେଇ ରହିଛନ୍ତି ବୋଲି କୁହାଯାଉଛି ।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ସୃଷ୍ଟି ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୬୭୬-ପୋଲାଣ୍ଡ ଓ ତୁର୍କୀ ବାର୍‌ସା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୨୦-ଭାରତର ପୂର୍ବତନ ରାଷ୍ଟ୍ରପତି କେ.ଆର୍ ନାରାୟଣଙ୍କ ଜନ୍ମ।
- ୧୯୬୮ - ମେକ୍ସିକୋ ସିଟିରେ ୧୯ତମ ଅଲିମ୍ପିକ୍ ଖେଳର ସମାପନ ହେଲା।
- ୨୦୦୩-ଚୀନ୍‌ରେ ଭୂମିକମ୍ପ ଯୋଗୁଁ ୫୦,୦୦୦ରୁ ଅଧିକ ଲୋକ ପ୍ରଭାବିତ ହେଲେ।

## ସ୍କୁଲରେ 'ଡେସ୍କ ନାପ୍'

ଚୀନ୍‌ର ଗୋଟିଏ ସ୍କୁଲର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଭିଡିଓରେ ଦେଖିବାକୁ ମିଳିଛି, କିଭଳି ସ୍କୁଲ ଡେସ୍କ କିଛି ସେକେଣ୍ଡରେ ବେଡ୍‌ରେ ରୂପାନ୍ତରିତ ହୋଇଛି। ଏହାକୁ ବ୍ୟବହାର କରି ପିଲାମାନେ କିଛି ସମୟ ପାଇଁ ଆରାମ କରୁଛନ୍ତି, ଯେମିତି ସେମାନେ ନିଜ ଘରେ କରିଥାନ୍ତି। ସାଧାରଣତଃ ପିଲାମାନେ ସ୍କୁଲରେ ୬-୭ ଘଣ୍ଟା ରହିବା ଦ୍ୱାରା ଥକ୍କା ଅନୁଭବ କରନ୍ତି। ଫଳରେ ପଢ଼ିବା ବେଳେ ସେମାନଙ୍କୁ ନିଦ ଲାଗେ। ଏହାକୁ ଦୃଷ୍ଟିରେ ରଖି ସ୍କୁଲରେ ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଉଛି। ତେଣୁ ସ୍କୁଲରେ ପିଲାମାନେ ଦ୍ୱିପହରରେ ଅଳ୍ପ ସମୟ ଶୋଇବା ପାଇଁ ଡେସ୍କ ଶଯ୍ୟାରେ ରୂପାନ୍ତରିତ ହେବାର ବ୍ୟବସ୍ଥା କରାଯାଇଛି। ପିଲାଙ୍କର ସ୍କୁଲରେ ଏଭଳି ଡେସ୍କରେ ଶୋଇବାକୁ 'ଡେସ୍କ ନାପ୍' ବୋଲି କୁହାଯାଉଛି। ତେବେ ଭିଡିଓରେ ଦେଖିବାକୁ ମିଳୁଛି, ଶ୍ରେଣୀଗୃହରେ କିଛି ପିଲା ନୀଳ ରଙ୍ଗର ଡେସ୍କରେ ଶୋଇଛନ୍ତି। ଏହାସହ ପିଲାମାନେ ଯେଭଳି ଆରାମରେ ଶୋଇବେ, ଡେସ୍କରେ ଛୋଟ



କୁସନ ବି ଲାଗିଛି। ଅନ୍ୟପଟେ ପିଲାଙ୍କ ପାଇଁ ଏଭଳି ବ୍ୟବସ୍ଥାକୁ ଲୋକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ଏହା ଯୋଗୁଁ ପିଲାଙ୍କୁ ଆଉ ଥକ୍କା ଲାଗିବ ନାହିଁ ବୋଲି ଅନେକେ କହିଛନ୍ତି। ଏହାବାଦ୍ ମସ୍ତିଷ୍କ ବିକାଶ ଲାଗି ଦ୍ୱିପହର ନିଦ୍ରା ଜରୁରି ବୋଲି କେହି କେହି କହିଛନ୍ତି। ତା'ସହ ଚୀନ୍‌ର ଏହି ଟେକ୍ନୋଲୋଜିକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।

## 'ଲଭ୍ ଆଣ୍ଡ ୱାର୍' ସୁଟିଂ ସେଟ୍‌ରୁ ଆଲିଆଙ୍କ ଲୁକ୍ ଲିକ୍



ସଞ୍ଜୟ ଲୀଳା ବନ୍‌ସାଲୀ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ନଜର ଆସିବେ। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ଆଲିଆଙ୍କର କିଛି ଫଟୋ ଭାଇରାଲ ହୋଇଛି। ଏଥିରେ ସେ ରେଟ୍ରୋ ଲୁକ୍‌ରେ ନଜର ଆସିଛନ୍ତି। ତାଙ୍କର ହେୟାର୍ ଷ୍ଟାଇଲ୍ ଓ ଲୁକ୍ ଷାଠିଏ ଦଶକର ହିରୋଇନ୍‌ମାନଙ୍କ ଭଳି ହୋଇଛି। ତେବେ ଆଲିଆଙ୍କ ଫଟୋ ଲିକ୍ ହେବା ପରେ ରାଜ୍ କପୁରଙ୍କ ଫିଲ୍ମ 'ସଙ୍ଗମ'କୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ ମଧ୍ୟ ଏହା 'ସଙ୍ଗମ'ର ରିମେକ୍ ବୋଲି କୁହାଯିବାରୁ ସଞ୍ଜୟ ଏହି କଥାକୁ ଖଣ୍ଡନ କରିଥିଲେ। 'ସଙ୍ଗମରେ ରାଜ୍ କପୁର, ବୈଜୟନ୍ତୀମାଳା, ରାଜେନ୍ଦ୍ର କୁମାର ନଜର ଆସିଥିଲେ। ଏହା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ ଥିଲା। 'ଲଭ୍ ଆଣ୍ଡ ୱାର୍'ର କାହାଣୀ ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ। ଏହି ଫିଲ୍ମ ଆସନ୍ତାବର୍ଷ ମାର୍ଚ୍ଚ ୨୦ରେ ଆସିବ।

## ୨୦୩୦ ସୁଦ୍ଧା ବଦଳିବ ଯୁଦ୍ଧର ସ୍ୱରୂପ

ସାରା ବିଶ୍ୱରେ ପ୍ରଯୁକ୍ତିବିଦ୍ୟା ଏତେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଯେ, ଆଗାମୀ ଦିନରେ ଯୁଦ୍ଧର ସ୍ୱରୂପ ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇପାରେ। ଏବେ ସୁଦ୍ଧା ଯୁଦ୍ଧ ମଇଦାନରେ ସୈନିକଙ୍କ ଉପସ୍ଥିତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଥିଲା। ହେଲେ ୨୦୩୦ ସୁଦ୍ଧା ଏହାର ଦୃଶ୍ୟ ସମ୍ପୂର୍ଣ୍ଣ ଅଲଗା ହେବ ବୋଲି ଆକଳନ କରାଯାଉଛି। ଏନେଇ ଏଆଇକୁ ପ୍ରଶ୍ନ କରାଯିବାରୁ ତା'ଠାରୁ ଆଶ୍ଚର୍ଯ୍ୟଜନକ ଉତ୍ତର ମିଳିଛି। ଏବର ଚର୍ଚ୍ଚିତ ଟେକ୍ନୋଲୋଜି ହେଉଛି ଏଆଇ। ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଆଇ କେବଳ ଶତ୍ରୁର ଗତିବିଧି ଉପରେ ନଜର ରଖିବ ନାହିଁ, ବରଂ ବାସ୍ତବ ସମୟରେ ଯୁଦ୍ଧ ରଣନୀତି ପ୍ରସ୍ତୁତ



କରିବ ଏବଂ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ କରିବାକୁ ମଧ୍ୟ ସକ୍ଷମ ହେବ। ଭବିଷ୍ୟତରେ ଏହି ଟେକ୍ନିକ୍ ଯୁଦ୍ଧକ୍ଷେତ୍ରରେ ସୈନିକଙ୍କ ସ୍ଥାନ ନେଇପାରେ। କାରଣ ଏଆଇ-ଆଧାରିତ ସିଷ୍ଟମଗୁଡ଼ିକ ଲୋକଙ୍କ ତୁଳନାରେ ବହୁତ ଶୀଘ୍ର ବିପଦକୁ ଚିହ୍ନଟ କରିପାରିବ ଏବଂ ପ୍ରତିକ୍ରିୟା ଦେଇପାରିବ। ସେହିପରି ଡ୍ରୋନ୍ ଟେକ୍ନିକ୍ ମଧ୍ୟ ଯୁଦ୍ଧ ତରିକାକୁ ପୂର୍ବରୁ ବଦଳାଇବା ଆରମ୍ଭ କରିସାରିଛି। ଏବେ ଏମିତି ଡ୍ରୋନ୍ ବିକଶିତ କରାଯାଉଛି, ଯାହା କେବଳ ନଜର ରଖିବ ନାହିଁ, ବରଂ ଅସ୍ତ୍ର ନେଇ ଶତ୍ରୁ ଉପରେ ଆକ୍ରମଣ କରିବାକୁ ସକ୍ଷମ ହେବ। ତେବେ ୨୦୩୦ ସୁଦ୍ଧା ଯୁଦ୍ଧ କେବଳ ସ୍ଥଳଭାଗ କିମ୍ବା ଆକାଶପଥରେ ନୁହେଁ, ବରଂ ସାଇବର ସ୍ପେସ୍‌ରେ ମଧ୍ୟ ହେବ। ଏହା ଶତ୍ରୁପକ୍ଷର ବ୍ୟାଙ୍କିଂ ସିଷ୍ଟମ, ପାୱାର ଗ୍ରୀଡ୍, ସାଟେଲାଇଟ୍ ନେଟୱାର୍କ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ଦୁର୍ବଳ କରିପାରେ। ଏଭଳି ଆକ୍ରମଣରେ ସୈନିକଙ୍କୁ ନ ପଠାଯାଇ ବି ଶତ୍ରୁ ଦେଶର ମୂଳଦୁଆକୁ ଦୋହଲାଇ ଦିଆଯାଇ ପାରେ। ଏହି କାରଣରୁ ସାରାବିଶ୍ୱର ସାମରିକ ବାହିନୀ ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ଅସ୍ତ୍ରଶସ୍ତ୍ରରେ ବହୁଳ ପରିମାଣରେ ନିବେଶ କରୁଛନ୍ତି। ଆଗାମୀ ଦିନରେ ରୋବୋଟିକ୍ ସେନାର କଳ୍ପନା ବାସ୍ତବରେ ପରିଣତ ହୋଇପାରେ। ଅନ୍ୟପଟେ କିଛି ବିଶେଷଜ୍ଞ ବିଶ୍ୱାସ କରୁଛନ୍ତି, ୨୦୩୦ ସୁଦ୍ଧା ଯୁଦ୍ଧର ରୂପ ଏମିତି ହେବ ଯେ, ମଣିଷ କଣ୍ଟ୍ରୋଲ ରୁମ୍‌ରୁ ଆଦେଶ ଦେବ ଏବଂ ଯୁଦ୍ଧ କ୍ଷେତ୍ରରେ ମେସିନ୍ ପରସ୍ପର ସହିତ ଲଢ଼ିବେ। ଏଥିରେ ଡ୍ରୋନ୍, ଏଆଇ ସିଷ୍ଟମ୍, ରୋବଟ୍ ଏବଂ ସାଇବର ଆକ୍ରମଣ ପ୍ରମୁଖ ଭୂମିକା ଗ୍ରହଣ କରିବ। ତେଣୁ ଏଭଳି ପରିସ୍ଥିତିରେ ପାରମ୍ପରିକ ସେନାଙ୍କ ଭୂମିକା ଖୁବ୍ ସୀମିତ ହେବ।

## କାର୍ତ୍ତିକ ମାସରେ ଦୀପଦାନ

**ଚାଲିଛି ଧର୍ମମାସ କାର୍ତ୍ତିକ। ଶାସ୍ତ୍ରରେ ଏହି ମାସରେ ଦୀପଦାନକୁ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। କାର୍ତ୍ତିକ ମାସରେ ଦୀପଦାନ ଓ ତୁଳସୀ ପୂଜା ଦ୍ୱାରା ଦେବୀ ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତି ହୁଏ।**



କାର୍ତ୍ତିକ ମାସରେ ଦୀପଦାନକୁ ଖୁବ୍ ଶୁଭ ବୋଲି କୁହାଯାଇଛି। ଏହି ପବିତ୍ର ମାସରେ ନିତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ନଦୀ ତଥା ପୁଷ୍କରଣୀରେ ଦୀପଦାନ କରିବା ଦ୍ୱାରା ପୁଣ୍ୟ ହୋଇଥାଏ। ସେହିପରି ସକାଳେ ତୁଳସୀ ଗଛ ପାଖରେ ଘିଅ ଦୀପ ଜାଳିଲେ ପାପ ନାଶ ହୁଏ। ବିଶେଷକରି ଏହି ମାସରେ ଚଉରା ମୂଳେ ଆକାଶଦୀପ ଜାଳିବାର ପରମ୍ପରା ଅଛି। ତେବେ ଯେଉଁମାନେ ମାସ ସାରା ଦୀପ ଜଳାଇ ପାରନ୍ତି ନାହିଁ, ସେମାନେ ପଞ୍ଚକରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି।


ଦୀପ ତଥା ଆକାଶ ଦୀପ ଜାଳିଲେ ପୂର୍ବପୁରୁଷମାନେ ଖୁସି ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି। ଆକାଶଦୀପକୁ ସନ୍ଧ୍ୟା ପୂର୍ବରୁ ଲଗାଯାଏ। ଏକ ଛିଦ୍ରଯୁକ୍ତ ହାଣ୍ଡିରେ କିଛି ବାଲି ଓ ତା'ଉପରେ ଏକ ପ୍ରଜ୍ୱଳିତ ଦୀପ ରଖାଯାଏ। ଏହାର ଉପରିଭାଗକୁ ଏକ ପଲମରେ ଢ଼ାଙ୍କି ତାହାକୁ ଏକ ସୁଉଚ୍ଚ ବାଉଁଶ ଦଣ୍ଡର ଅଗ୍ରଭାଗରେ ବାନ୍ଧି ଦିଆଯାଏ। ବାଉଁଶ ଶୀର୍ଷରେ ରାତିସାରା ହାଣ୍ଡି ଭିତରେ ଘିଅ ଦୀପ ଜଳୁଥାଏ। ହାଣ୍ଡିର ଛିଦ୍ର ଦେଇ ଦୀପର ଆଲୋକ ଶିଖା ବହୁ ଦୂର ପର୍ଯ୍ୟନ୍ତ ଦେଖାଯାଏ। ଏହି ଆଲୋକ ଦେଇ ପିତୃଲୋକମାନେ ବାଟ ଦେଖିଥାନ୍ତି ବୋଲି ବିଶ୍ୱାସ ଅଛି।

ଅନ୍ୟପଟେ କାର୍ତ୍ତିକ ମାସ ପ୍ରତିପଦାଠାରୁ ପୂର୍ଣ୍ଣମୀ ଯାଏଁ ହବିଷ୍ୟାଳୀମାନେ ମନ୍ଦିର ଓ ଚଉଁରା ମୂଳେ ଆକାଶ ଦୀପ ଜାଳିଥାନ୍ତି। କେତେକ ଏହାକୁ ଦୀପାବଳିଠାରୁ ୧୫ଦିନ ପର୍ଯ୍ୟନ୍ତ ତ ପୁଣି କିଏ ଅଁଳା ନବମୀଠାରୁ ଆଉ କିଏ ପଞ୍ଚୁକ ପାଞ୍ଚଦିନ ଆକାଶଦୀପ ଜାଳନ୍ତି।

## ସ୍ୱସ୍ତି

## ଖାଲି ପାଦରେ ମନ୍ଦିର ଯିବାର ମହତ୍ତ୍ୱ

**ମନ୍ଦିରକୁ ଖାଲି ପାଦରେ ଯିବା ହେଉଛି ପବିତ୍ରତା, ସମ୍ମାନର ପ୍ରତୀକ। ଏହା ଅହଂକାର ତ୍ୟାଗ କରି ଭକ୍ତି, ବିନମ୍ରତା, ଦିବ୍ୟ ଶକ୍ତି ଅନୁଭବର ମାର୍ଗଦର୍ଶନ କରାଏ।**



- ମନ୍ଦିର ହେଉଛି ପବିତ୍ରତାର ସ୍ଥାନ। ତେଣୁ ଭକ୍ତଙ୍କୁ ଏହାର ପବିତ୍ରତା ଉପରେ ଦୃଷ୍ଟି ଦେବା ଉଚିତ। କୁହାଯାଏ, ବିନା ଜୋତା, ଚପଲରେ ଜଣେ ମନ୍ଦିରକୁ ପ୍ରବେଶ କରିବା ଦ୍ୱାରା ସହଜରେ ଦିବ୍ୟ ଶକ୍ତି ସହିତ ଜଡ଼ିତ ହୁଅନ୍ତି। ଦେବୀଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏହା ହେଉଛି ଏକ ଉପାୟ।
- ପୌରାଣିକ କାହାଣୀ ଅନୁସାରେ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାଙ୍କ ଅନାଦର କରିବାକୁ ଇଙ୍ଗିତ କରେ। ଏଭଳି କରିବା ଅନୁଚିତ। ତେଣୁ ମନ୍ଦିରକୁ ପ୍ରବେଶ କରିବା ସମୟରେ ଲୋକେ ଚମଡ଼ା ଜୋତା ଓ ପର୍ସ ବାହାର କରି ଯାଆନ୍ତି। ମାନ୍ୟତା ଅନୁସାରେ, ମନ୍ଦିର ହେଉଛି ଏମିତି ଏକ ସ୍ଥାନ, ଯାହାକି ମାନସିକ ଶାନ୍ତି ପ୍ରଦାନ କରେ। ସେହିପରି ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ସକାରାତ୍ମକ ଶକ୍ତି ପାଦ ମାଧ୍ୟମରେ ଶରୀରକୁ ପ୍ରବେଶ କରେ। ଏହା ମନକୁ ଶାନ୍ତି ରଖିବାରେ ସାହାଯ୍ୟ କରେ।
- ଅନ୍ୟପଟେ ଖାଲି ପାଦରେ ମନ୍ଦିରକୁ ପ୍ରବେଶ କରିବା ଦ୍ୱାରା ଦେବୀ ଦେବତାଙ୍କ ପ୍ରତି ସମ୍ମାନ ଏବଂ ଆଦର ଦର୍ଶାଇବା ଲାଗି ଏହାକୁ ପାଳନ କରିବା ଉଚିତ।

## ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ୪ ରାଶିକୁ ମିଳିବ ଶୁଭ ଫଳ

**ମଙ୍ଗଳ ଗ୍ରହକୁ ସମସ୍ତ ଗ୍ରହର ସେନାପତି କୁହାଯାଏ। ମଙ୍ଗଳ ଶକ୍ତି, ସାହସ, ଭକ୍ତି, ପରାକ୍ରମ ଏବଂ ଶୌର୍ଯ୍ୟର କାରକ। ଅକ୍ଟୋବର ୨୭ରୁ ମଙ୍ଗଳ ଗ୍ରହ ତୁଳା ରାଶିରୁ ବୃଷ ରାଶିକୁ ପ୍ରବେଶ କରିବେ। ଏହି ରାଶି ପରିବର୍ତ୍ତନକୁ ଜ୍ୟୋତିଷ ଶାସ୍ତ୍ରରେ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ତେବେ ମଙ୍ଗଳ ଗ୍ରହର ବୃଷ ରାଶିକୁ ପ୍ରବେଶ ଦ୍ୱାରା କେଉଁ ୪ ରାଶିକୁ ଶୁଭ ଫଳ ମିଳିବ, ସେ ସମ୍ପର୍କରେ ଜାଣିବା।**

**ମେଷ:** ଏହି ରାଶି ବ୍ୟକ୍ତିବିଶେଷଙ୍କ ଜୀବନରେ ଶକ୍ତି ଓ ଉତ୍ସାହ ସଞ୍ଚାର ହେବ। କାର୍ଯ୍ୟକ୍ଷେତ୍ରରେ ନୂଆ ସୁଯୋଗ ମିଳିବ। ଦୃଢ଼ ନିଷ୍ପତ୍ତି ନେବାରେ ସଫଳ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ଆସିବ। ପୁରୁଣା ସମସ୍ୟା ଦୂର ହେବ। ନିବେଶ ଲାଗି ଅନୁକୂଳ ସମୟ।

**ବୃଷ:** ବୃଷ ରାଶି ପାଇଁ ଏହି ପରିବର୍ତ୍ତନ ଅତ୍ୟନ୍ତ ଶୁଭ। କ୍ୟାରିୟର, ଧନ ଓ ସ୍ୱାସ୍ଥ୍ୟରେ ସକାରାତ୍ମକ ପରିବର୍ତ୍ତନ ଆସିବ। ସମାଜରେ ମାନ-ସମ୍ମାନ ପ୍ରାପ୍ତି ହେବ। ଆତ୍ମବିଶ୍ୱାସ ବୃଦ୍ଧି ହେବ।

**ମିଥୁନ:** ମିଥୁନ ରାଶିଙ୍କ ପାଇଁ ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ଆର୍ଥିକ ଲାଭ ଏବଂ ଯାତ୍ରାର ଅବସର ଆଣିବ। ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ପ୍ରାପ୍ତ ହେବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ। ଶିକ୍ଷା, ବ୍ୟବସାୟ ଓ ପ୍ରେମ ସମ୍ପର୍କରେ ସକାରାତ୍ମକ ଫଳ ଲାଭ ହେବ।

**ଧନୁ:** ଧନୁ ରାଶି ବ୍ୟକ୍ତିଙ୍କ ପାଇଁ ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ବିଭିନ୍ନ କ୍ଷେତ୍ରରେ ନୂତନ ଅବସର ପ୍ରଦାନ କରିବ। ଆର୍ଥିକ ଲାଭ ସାଙ୍ଗକୁ ମାନ-ସମ୍ମାନ ପ୍ରାପ୍ତ ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା, ନୂତନ ସ୍ଥାନକୁ ଯାତ୍ରା ଯୋଗ ସୃଷ୍ଟି ହେବ। ପରିବାର ଓ ସମ୍ପର୍କୀୟଙ୍କ ସହିତ ସମ୍ବନ୍ଧ ମଜଭୁତ ହେବ।



## ଅଁଳା ନବମୀ



କାର୍ତ୍ତିକ ଶୁକ୍ଳ ନବମୀ ତିଥିକୁ 'ଅଁଳା ନବମୀ' କୁହାଯାଏ। ଏଭଳି ଏକ ପୁଣ୍ୟ ତିଥିରେ ଶ୍ରୀରାଧା ପାଦଙ୍କ ଦର୍ଶନ କରାଯାଏ। ଏହିଦିନ ଅଁଳା ଗଛକୁ ପୂଜା କରିବାର ବିଧି ଅଛି। ଅଁଳା ନବମୀରେ ଅଁଳା ଗଛ ତଳେ ଭଗବାନ ବିଷ୍ଣୁଙ୍କର ପ୍ରତିମାକୁ ସ୍ନାନ କରାଯାଏ। ହବିଷ୍ୟାଳିମାନେ ଏହିଦିନ ଅଁଳା ଗଛ ମୂଳରେ ହବିଷ୍ୟାନ୍ନ ରାନ୍ଧନ୍ତି ଓ ବୃକ୍ଷ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି।

କୁହାଯାଏ, ଅଁଳା ଗଛରେ ଭଗବାନ ବିଷ୍ଣୁ ବାସ କରିଥାନ୍ତି। ତେଣୁ ଅଁଳା ଗଛକୁ ପୂଜା କରିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। କେବଳ ସେତିକି ନୁହେଁ, ଅଁଳା ଗଛ ପୂଜା ଦ୍ୱାରା ଗୋଦାନର ପୁଣ୍ୟଫଳ ପ୍ରାପ୍ତି ହୋଇଥାଏ। ସୁଖ, ସମୃଦ୍ଧି ଓ ଦେବୀ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଅଁଳା ନବମୀ ହେଉଛି ଏକ ଶୁଭଦିନ। ଏହିଦିନ ଅଁଳା ଖାଇବା ଦ୍ୱାରା ରୋଗମୁକ୍ତ ରହିବା କୁହାଯାଏ। ମହିଳାମାନେ ସନ୍ତାନ ପ୍ରାପ୍ତି ଏବଂ ସନ୍ତାନଙ୍କ ମଙ୍ଗଳକାମନା କରି ଅଁଳା ଗଛ ପୂଜା କରିବାର ବିଧି ଅଛି।

# ଓଡ଼ିଆ ଝିଅ ପ୍ରୀତିସ୍ମିତାଙ୍କ ବିଶ୍ୱରେକର୍ଡ

ଭୁବନେଶ୍ୱର,୨୬।୧୦(ସମିସ)

ଓଡ଼ିଆ ଝିଅ ତଥା ଢେଙ୍କାନାଳର ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ମହିଳା ଭାରୋତ୍ତୋଳନ କ୍ରୀଡ଼ାରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା କ୍ରୀଡ଼ାବିତ୍ ଭାବେ ସେ ଦ୍ୱିତୀୟଥର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗତବର୍ଷ ୱାର୍ଲ୍ଡ ୟୁଥ୍ ଭାରୋତ୍ତୋଳନର ୪୦ କେଜି କାଟାଗୋରୀର କ୍ଲିନ୍ ଆଣ୍ଡ ଜର୍କରେ ୭୬ କେଜି ଓଜନ ଉଠାଇ ପ୍ରଥମ ବିଶ୍ୱରେକର୍ଡ କରିଥିଲେ। ଆଜିର ରେକର୍ଡ ପରେ ପ୍ରୀତିସ୍ମିତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରୀତିସ୍ମିତା ଏହି ବିଶ୍ୱରେକର୍ଡ ବାହାରିନ୍‌ର ମାନାମାଠାରେ ଚାଲିଥିବା ୟୁଥ୍ ଏସିଆନ୍ ଗେମ୍ସରେ ସୃଷ୍ଟି କରିଛନ୍ତି। କ୍ଲିନ୍ ଆଣ୍ଡ ଜର୍କରେ ଏହି ବିଶ୍ୱରେକର୍ଡ କରିବା ସହ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଛନ୍ତି। ଦ୍ୱିତୀୟ ସ୍ୱର୍ଣ୍ଣ ତାଙ୍କୁ ଓଭରଅଲ୍ କାଟାଗୋରୀରେ ମିଳିଛି। ସ୍ନାଚ୍‌ରେ ରୌପ୍ୟ ପଦକ ପାଇଛନ୍ତି।

ରବିବାର ୟୁଥ୍ ୪୪ କେଜି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୬ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଓଜନ ଉଠାଇଥିଲେ। ସେ ମୋଟ ୧୫୮ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଠାରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଓଜନ ଉଠାଇବା ଫଳରେ ଏସୀୟ ଓ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ସ୍ନାଚ୍‌ରେ ସେ ତାଙ୍କ ଚାଇନିଜ୍ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପଛରେ ପଡ଼ିଥିଲେ। ଏଥିରେ ସେ ପ୍ରଥମ ଆଟେମ୍ପଟରେ ୬୬ କେଜି ଓଜନ ଉଠାଇଥିଲେ, ଯାହାକି ତାଙ୍କ ଜାତୀୟ ରେକର୍ଡଠାରୁ ୩ କେଜି ଅଧିକ ଥିଲା। କିନ୍ତୁ ଏହା ପରେ ସେ ୬୮ ଓ ୬୯ କେଜି ଓଜନ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ସେ ପ୍ରଥମେ ୮୭ କେଜି ଓଜନ ଉଠାଇଥିଲେ। ଏହା ପରେ ୯୦ ଓ ପରେ ୯୨ କେଜି ପର୍ଯ୍ୟନ୍ତ ସଫଳତାର ସହ ଲିଫ୍ଟ କରିଥିଲେ। ଏହା ଫଳରେ ସେ ନୂଆ ବିଶ୍ୱରେକର୍ଡ କରିବାରେ ସମର୍ଥ ହୋଇଥିଲେ। ଏସୀୟ ଚାମ୍ପିଅନସିପ୍ ନିୟମ ଅନୁଯାୟୀ ସେ ସ୍ନାଚ୍‌ରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ, କ୍ଲିନ୍ ଆଣ୍ଡ ଜର୍କ ଓ ଓଭରଅଲ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।



ୟୁଥ୍ ଏସିଆନ୍ ଗେମ୍ସ

ଢେଙ୍କାନାଳର ଭାରୋତ୍ତୋଳନ ସବ୍‌ସେଣ୍ଟରରୁ ପ୍ରଶିକ୍ଷଣ ନେଇ ପ୍ରୀତିସ୍ମିତା ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଗୋପାଳକୃଷ୍ଣ ଦାସ ତାଙ୍କର ପ୍ରଥମ ଗୁରୁ ଥିବାବେଳେ ଏବେ ଉତ୍ତରପ୍ରଦେଶର ମୋଦିନଗରରେ ଥିବା ୱେଟ୍‌ଲିଫ୍ଟିଂ ୱାରିୟରରେ କୋଚ ବିଜୟ ଶର୍ମାଙ୍କ ଅଧିନରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ ଓ ଅନ୍ୟମାନେ ପ୍ରୀତିସ୍ମିତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଆଉ ଜଣେ ଝିଅ ଗଞ୍ଜାମର ଟିକି ମୋହିନୀ ମଲ୍ଲିକ ଅଂଶଗ୍ରହଣ କରିଛନ୍ତି।

## ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ୨୮ରୁ

ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଚଳିତମାସ ୨୮ରୁ ୩୦ ତାରିଖଯାଏ ଅନୁଷ୍ଠିତ ହେବ। ଏଥିରେ ଉଭୟ ପୁରୁଷ, ମହିଳାର ବରିଷ୍ଠ, ଜୁନିଅର ଓ ୟୁଥ୍ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ରାଜ୍ୟର ୨୦ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରୁ ଜାତୀୟ ପ୍ରତିଯୋଗିତା ନିମନ୍ତେ ଖେଳାଳି ଚୟନ କରାଯିବ ବୋଲି ଆୟୋଜକ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

# ପରାଜୟ ସହ ନ୍ୟୁଜିଲାଣ୍ଡ ଓ ସୋଫିଙ୍କ ବିଦାୟ

ବିଶାଖାପାଟଣା, ୨୬।୧୦ (ଏଜେନ୍ସି): ରବିବାର ଏଠାରେ ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ଇଂଲଣ୍ଡ ୮ ୱିକେଟ୍‌ରେ ସହଜରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୩୮.୨ ଓଭରରେ ୧୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର୍ ଜର୍ଜିଆ ପ୍ଲିମର ସର୍ବାଧିକ ୪୩ ଓ ଆମେଲିଆ କେର୍ ୩୫ ରନ କରିଥିଲେ। ବିଦାୟୀ ମ୍ୟାଚ୍ ଖେଳୁଥିବା ସୋଫି ୨୩ ରନରେ ଆଉଟ୍ ହୋଇଥିଲେ। ଇଂଲଣ୍ଡର ସ୍ପିନର ଲିନସୀ ସ୍ମିଥ ୩ ଏବଂ ଆଲିସେ କାପସୀ ଓ ଅଧିନାୟିକା ନାଟାଲୀ-ସ୍କିଭର ବ୍ରଣ୍ଟ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଓପନର୍ ଆମି ଜୋନ୍ସଙ୍କ ଅପରାଜିତ ୮୬ ରନ ବଳରେ ଇଂଲଣ୍ଡ ୨୯.୨ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଇଂଲଣ୍ଡ ଏଥିସହ ୭ ମ୍ୟାଚ୍‌ରୁ ୫ମ ବିଜୟ ସହିତ ୧୧ ପଏଣ୍ଟ ପାଇ ଅଷ୍ଟ୍ରେଲିଆ (୧୩) ପଛକୁ ଟେବଲ୍‌ର ଦ୍ୱିତୀୟ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଅକ୍ଟୋବର ୨୯ରେ ପ୍ରଥମ ସେମିରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ଇଂଲଣ୍ଡ। ଅପରପକ୍ଷରେ ନ୍ୟୁଜିଲାଣ୍ଡ ୭ଟି ମ୍ୟାଚ୍‌ରୁ ୪ର୍ଥ ପରାଜୟ ସହ ୪ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

## ଭାରତର ବିଜୟରେ ବର୍ଷା ବାଧକ

ନଭି ମୁମ୍ବଇ, ୨୬।୧୦ (ଏଜେନ୍ସି): ଭାରତ ବିଶ୍ୱକପ୍‌ରେ ଏହାର ଶେଷ ଲିଗ୍ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ନିଶ୍ଚିତ ବିଜୟରୁ ବଞ୍ଚିତ ହୋଇଛି। ରବିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଏହି ୨୭ ଓଭରବିଶିଷ୍ଟ ମ୍ୟାଚରେ ବାଂଲାଦେଶ ୯ ୱିକେଟ୍‌ରେ ୧୧୯ ରନ କରିଥିଲା। ଏହାପରେ ଡିଏଲ୍ ପଦ୍ଧତିରେ ଭାରତ ସାମ୍ନାରେ ୧୨୬ ରନର ପୁନଃଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା ଭାରତ ୮.୪ ଓଭରରେ କୌଣସି ୱିକେଟ୍ ନ ହରାଇ ୫୭ ରନ କରିଥିବାବେଳେ ପୁନର୍ବାର ବର୍ଷା ହୋଇଥିଲା। ଶେଷରେ ମ୍ୟାଚ ରେଫରି ମ୍ୟାଚକୁ ବାତିଲ କରିଥିଲେ। ଫଳରେ ଭାରତ ୭ ମ୍ୟାଚରୁ ୩ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବାତିଲ ସହ ୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଆସନ୍ତା ୩୦ରେ ଭାରତ ଏଠାରେ ଦ୍ୱିତୀୟ ସେମିରେ ଅଷ୍ଟ୍ରେଲିଆକୁ ଭେଟିବ।

## କ୍ରିକେଟ୍ ସହ ଜାତୀୟ ହକି ଦଳରୁ ଖେଳିଥିଲେ ସୋଫି



ବିଶାଖାପାଟଣା, ୨୬।୧୦ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ସହ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ଦିନିକିଆ ଫର୍ମାଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ବିଦାୟୀ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରି ନ ଥିଲେ ମଧ୍ୟ ୩୬ ବର୍ଷୀୟା ସୋଫିଙ୍କ ଦୁଇ ଦଶନ୍ଧିର ଦିନିକିଆ କ୍ୟାରିୟର ବେଶ୍ ସ୍ମରଣୀୟ ରହିଥିଲା। ମାତ୍ର ୧୭ ବର୍ଷ ବୟସରେ ୨୦୦୬ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଦିନିକିଆ କ୍ରିକେଟ୍‌ରେ ପାଦ ଥାପିଥିଲେ। ୧୯ ବର୍ଷର ଲମ୍ବା କ୍ୟାରିୟରରେ ସେ ୧୫୯ଟି ମ୍ୟାଚ୍ ଖେଳିଛନ୍ତି। ଅଗ୍ରଭାଗରେ ଜଣେ ନିର୍ଭରଯୋଗ୍ୟ ବ୍ୟାଟର୍ ସହ ସୋଫି ମିଡିୟମ ପେସ୍ ବୋଲିଂ ମଧ୍ୟ କରିଥାନ୍ତି। ତାଙ୍କ ନାମରେ ଦିନିକିଆରେ ୪,୨୭୯ ରନ ଓ ୧୩୩ ୱିକେଟ୍ ଲିପିବଦ୍ଧ ରହିଛି। ସେହିଭଳି ଏହି ଫର୍ମାଟ୍‌ରେ ସେ ୯ଟି ଶତକ ଓ ୧୮ଟି ଅର୍ଦ୍ଧଶତକ ମାରିଛନ୍ତି। ନ୍ୟୁଜିଲାଣ୍ଡ ପାଇଁ ସର୍ବାଧିକ ଦିନିକିଆ ମ୍ୟାଚ୍ ଖେଳିବାରେ ସୁଜି ବେଟ୍ସ (୧୭୮)ଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ୩ୟ ଓ ନ୍ୟୁଜିଲାଣ୍ଡର ଏକମାତ୍ର ମହିଳା କ୍ରିକେଟର୍ ଭାବେ ସୋଫି ଦିନିକିଆରେ ୪୦୦୦ରୁ ଊର୍ଦ୍ଧ୍ୱ ରନ ଓ ୧୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଏହି କ୍ଲବରେ ୱେଷ୍ଟଇଣ୍ଡିଜର ଷ୍ଟିଫାନୀ ଟେଲର ଓ ଅଷ୍ଟ୍ରେଲିଆର ଏଲିସେ ପେରୀ ରହିଛନ୍ତି। ସୋଫିଙ୍କ କ୍ୟାରିୟରକୁ ନେଇ ଆଉ ଏକ ରୋଚକ କଥା ହେଉଛି ସେ ନ୍ୟୁଜିଲାଣ୍ଡ ମହିଳା ହକି ଦଳ ପକ୍ଷରୁ ମଧ୍ୟ ମ୍ୟାଚ୍ ଖେଳିଛନ୍ତି। ୨୦୦୧ ଓ ୨୦୦୨ ଦୁଇ ବର୍ଷ ସେ କ୍ରିକେଟ୍‌ରୁ ବ୍ରେକ୍ ନେଇ ନ୍ୟୁଜିଲାଣ୍ଡ ହକି ଦଳ ପକ୍ଷରୁ ଖେଳିଥିଲେ।

**● ରଣଜୀ ଇତିହାସର ସବୁଠୁ ସଂକ୍ଷିପ୍ତ ମ୍ୟାଚ୍**

## ୫୪୦ ବଲ୍, ୩୨ ୱିକେଟ୍, ୩୫୯ ରନ

ଗୌହାଟୀ, ୨୬।୧୦ (ଏଜେନ୍ସି): ଘରୋଇ ଆସାମ ଓ ସର୍ଭିସେସ ମଧ୍ୟରେ ଏଠାରେ ଅନୁଷ୍ଠିତ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚ ମାତ୍ର ଦେଢ଼ ଦିନ ମଧ୍ୟରେ ସମାପ୍ତ ହୋଇଯାଇଛି। ଏହି ମ୍ୟାଚରେ ସର୍ଭିସେସ୍ ବୋଲର ଦମ୍‌ଦାର ପ୍ରଦର୍ଶନ କରିବା ଯୋଗୁ ଦଳ ୮ ୱିକେଟ୍‌ରେ ଆସାମକୁ ପରାସ୍ତ କରିଛି। ରଣଜୀ ଟ୍ରଫି ଇତିହାସରେ ବଲ୍ ଦୃଷ୍ଟିରୁ ଏହା ସବୁଠୁ ସଂକ୍ଷିପ୍ତ ମ୍ୟାଚ୍ ହେବାର ମଧ୍ୟ ରେକର୍ଡ ହୋଇଛି। ଏହି ମ୍ୟାଚ୍‌ରେ ମୋଟ୍ ୫୪୦ଟି ବଲ୍ ବୋଲିଂ ହୋଇଥିଲା। ଯେଉଁଥିରେ ୩୨ଟି ୱିକେଟ୍ ପତନ ଘଟିଥିବାବେଳେ ୩୫୯ ରନ ସଂଗୃହିତ ହୋଇଥିଲା। ସେହିଭଳି ଆସାମର ପ୍ରଥମ ଇନିଂସରେ ସର୍ଭିସେସର ଦୁଇ ବାମହାତୀ ବୋଲର ଅର୍ଜୁନ ଶର୍ମା ଓ ମୋହିତ ଜାଙ୍ଗ୍ରା ହ୍ୟାଟ୍ରିକ ନେଇ ଅନ୍ୟ ଏକ ରେକର୍ଡ କରିଥିଲେ। ଗୋଟିଏ ପାଳିରେ ଦୁଇଜଣ ବୋଲର ହ୍ୟାଟ୍ରିକ ୱିକେଟ୍ ନେବା ରଣଜୀ ଟ୍ରଫିରେ ଏହା ପ୍ରଥମ ଘଟଣା ଥିଲା। ଏହି ମ୍ୟାଚରେ ଆସାମ ପ୍ରଥମ ଇନିଂସରେ ୧୭.୨ ଓଭର ଖେଳି ୧୦୩ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ସର୍ଭିସେସ ୨୯.୨ ଓଭରରେ ୧୦୮ ରନ କରିବାକୁ ସମର୍ଥ ହୋଇଥିଲା। ୫ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଆସାମ ୨୯.୩ ଓଭରରେ ୭୫ ରନରେ ସୀମିତ ରହିଥିଲା। ଏହାପରେ ସର୍ଭିସେସ ୧୩.୨ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ପୂର୍ବରୁ ରଣଜୀ ଟ୍ରଫିର ୧୯୬୧-୬୨ ସିଜନରେ ଦିଲ୍ଲୀ ଓ ରେଳବାଇ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୫୪୭ଟି ବଲରେ ଫଳାଫଳ ବାହାରିଥିଲା।

**● ସାଉଥ୍ ଏସିଆନ୍ ସିନିଅର ଆଥ୍‌ଲେଟିକ୍ସ**

## ସରୁନ, ପ୍ରତୀକଙ୍କୁ କାଂସ୍ୟ ସଫଳତା

ଭୁବନେଶ୍ୱର, ୨୬।୧୦ (ସମିସ): ରାଞ୍ଚିରେ ଅନୁଷ୍ଠିତ ସାଉଥ୍ ଏସିଆନ୍ ସିନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଶେଷ ଦିନରେ ଓଡ଼ିଶାର ସରୁନ ପାୟାସିଂ ଓ ପ୍ରତୀକ ମହାରଣା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ଲଙ୍ଗ ଜମ୍ପ୍ ଫାଇନାଲରେ ସରୁନ ୭.୫୨ ମିଟର ଲମ୍ଫ ପ୍ରଦାନ କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ୨୦୦ ମିଟର ରେସରେ ଭାଗନେଇଥିବା ପ୍ରତୀକ ୩ୟ ସ୍ଥାନ ହାସଲ କରିଥିଲେ। ଏହି ଦୂରତାକୁ ସେ ୨୧.୪୪ ସେକେଣ୍ଡରେ ଫିନିଶ କରିଥିଲେ।

## ମହିଳା ଟି-୨୦: ଓଡ଼ିଶା ପରାସ୍ତ

କଟକ,୨୬।୧୦(ସମିସ): ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ରବିବାର ଠାରୁ ଆରମ୍ଭ ହୋଇଛି। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ସୌରାଷ୍ଟ୍ର ୨ ୱିକେଟରେ ଓଡ଼ିଶାକୁ ହରାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଓଡ଼ିଶା ୭ ୱିକେଟ ହରାଇ ୮୮ରନ କରିଥିଲା। ଶ୍ରେୟା ପ୍ରିୟଦର୍ଶିନୀ ଅପରାଜିତ ୨୫ରନ କରିଥିଲେ। ସୌରାଷ୍ଟ୍ରର ହର୍ଷିତବା ଜାଡେଜାଙ୍କୁ ୨ଟି ୱିକେଟ ମିଳିଥିଲା। ୧୮.୩ ଓଭରରେ ୮ ୱିକେଟ ହରାଇ ସୌରାଷ୍ଟ୍ର ବିଜୟୀ ହୋଇଥିଲା। ହର୍ଷିତବା ସର୍ବାଧିକ ୧୬ରନ କରିଥିବା ବେଳେ ଓଡ଼ିଶା ପକ୍ଷରୁ ବିଜୟଲକ୍ଷ୍ମୀ ବେହେରା ଏବଂ ଅନନ୍ୟା ରାଉତ ଯଥାକ୍ରମେ ୩ଟି ଓ ୨ଟି ୱିକେଟ ଅକ୍ତିଆର କରିଥିଲେ।

**● ସିକେ ନାଇଡୁ ଟ୍ରଫି**

## ରିତେଶଙ୍କୁ ୪ ୱିକେଟ; ଆସାମ ୨୦୦/ ୯

କଟକ,୨୬।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ରବିବାର ଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱରର କିଟ୍ କ୍ରିକେଟ ଷ୍ଟାଡିୟମରେ ଆସାମକୁ ଭେଟିଛି ଓଡ଼ିଶା ଦଳ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୯ ୱିକେଟ ହରାଇ ୨୦୦ ରନ ସଂଗ୍ରହ କରିଛି। ରାଜବୀର ସିଂହ ୯୪ ରନର ଅପରାଜିତ ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ଅନ୍ୟ ଖେଳାଳିମାନେ ବିଫଳ ହୋଇଥିବା ବେଳେ ଶେଷ ବ୍ୟାଟର ନିଶାନ୍ତ ସିଂଘାଣିଆ ୧ରନରରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୪ଟି ଏବଂ ଆୟୂଷ ବାରିକ ଓ ମହମ୍ମଦ ଡାନିସଙ୍କୁ ୨ଟି ଲେଖାଏ ୱିକେଟ ମିଳିଛି।

**ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି**

# ଫାଇନାଲ ସହ ଡିଭିଜନ-୧କୁ ଭାରତର ଯୋଗ୍ୟତା

ନୂଆଦିଲ୍ଲୀ, ୨୬।୧୦ (ଏଜେନ୍ସି): ଓମାନର ରାଜଧାନୀ ମସ୍କଟରେ ଅନୁଷ୍ଠିତ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫିରେ ଭାରତ ଏହାର ଅପରାଜେୟ ଧାରା ବଜାୟ ରଖି ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ସେମିଫାଇନାଲରେ ଭାରତ ୧୭-୦ରେ ସାଉଦୀ ଆରବକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଭାରତ କ୍ୱାର୍ଟରରେ ୨୧-୭ ସ୍କୋରରେ ଇରାନକୁ ଏବଂ ଲିଗ୍ ପର୍ଯ୍ୟାୟରେ ୧୪-୧୦ରେ ଲେବାନନ୍ ଏବଂ ୨୬-୫ ସ୍କୋରରେ ଆଫଗାନିସ୍ତାନକୁ ହରାଇଥିଲା। ସ୍ୱର୍ଣ୍ଣ ପଦକ ତଥା ଟାଇଟଲ୍ ଲଢ଼େଇରେ ଭାରତର ମୁକାବିଲା କାଜାଖସ୍ତାନ ସହ ହେବ। ଅପରପକ୍ଷରେ ଫାଇନାଲରେ ପ୍ରବେଶ ସହ ଭାରତ ଏହି ଟୁର୍ଣ୍ଣାମେଣ୍ଟର ଡିଭିଜନ-୧ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛି। ଫଳରେ ଭାରତ ପ୍ରଥମଥର ଲାଗି ଏସିଆ ରଗ୍‌ବୀର ଡିଭିଜନ-୧ ପର୍ଯ୍ୟାୟରେ ଖେଳିବ। ଯେଉଁଥିରେ ଏସିଆ ମହାଦେଶର ଶ୍ରେଷ୍ଠ-୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ରଗ୍‌ବୀ ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଶିଷ ଶବର, ଗଣେଶ ମାଝି, ଯୁଗଳ କିଶୋର ମାଝି ଓ ଶାହନୱାଜ ଅହମ୍ମଦ। ଏମାନଙ୍କ ମଧ୍ୟରୁ ଆଶିଷ, ଗଣେଶ ଓ ଯୁଗଳ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

**ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ**

# କେନ୍ଦୁଝରର ତାରିଣୀ କ୍ଲବ୍‌ଠାରୁ ହାରିଲା କ୍ରୀଡ଼ା ଛାତ୍ରାବାସ

ଭୁବନେଶ୍ୱର,୨୬।୧୦(ସମିସ): କେନ୍ଦୁଝରର ତାରିଣୀ କ୍ଲବ୍ ୫-୪ ଗୋଲରେ ରାଜ୍ୟ କ୍ରୀଡ଼ା ଛାତ୍ରାବାସକୁ ହରାଇ ଏଠାରେ ଚାଲିଥିବା ତୃତୀୟ ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ନୟାପଲ୍ଲୀର ସିଟି କ୍ଲବ୍ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୟୁନିଟ-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯାଉଛି। ଏହି ମ୍ୟାଚ୍‌ରେ ବିଜୟୀ ତାରିଣୀ କ୍ଲବ୍‌ର ରାଣୀ ବାଗ୍‌ଙ୍କୁ ପୂର୍ବତନ ଅନ୍ତର୍ଜାତୀୟ



ମହିଳା ଖେଳାଳି ରଞ୍ଜିତା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ରେଫରି ଶେଖାୱତ ଖାନ୍, ସୁଜିତ କୁମାର ପାତ୍ର, ଶିବପ୍ରସାଦ ସାମନ୍ତରାୟ ଓ ଶୋଭାଲିନ୍ ପଣ୍ଡା ପରିଚାଳନା କରିଥିଲେ। ଶିବଶଙ୍କର ପଣ୍ଡା ମ୍ୟାଚ୍ କମିଶନର ଥିଲେ। ଖେଳ ଶେଷରେ ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ ରାଉତରାୟ ଧନ୍ୟବାଦ ଦେଇଥିଲେ। ମହେନ୍ଦ୍ରନାଥ ନାୟକ, ବନୋଜ ପ୍ରଧାନ, ତିଳୋତ୍ତମା ଦଳେଇ ଓ ଦୀପକ କୁମାର ରାଉତରାୟ ପ୍ରମୁଖ ସହାୟତା ଯୋଗାଇଥିଲେ।

## ବ୍ରୁକ୍‌ଙ୍କ ଶତକ ବେକାର; ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡ ବିଜୟୀ

ମାଉଣ୍ଟ ମାଉଙ୍ଗାନୁଇ,୨୬।୧୦(ଏଜେନ୍ସି): ଇଂଲଣ୍ଡ ଅଧିନାୟକ ହ୍ୟାରୀ ବ୍ରୁକ୍‌ଙ୍କ ୧୩୫ ରନ୍‌ର ସାହସିକ ଶତକ ସତ୍ତ୍ୱେ ଏଠାରେ



ରବିବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୫୫ ରନ୍‌ରେ ୬ ୱିକେଟ ହରାଇଥିଲେ ମଧ୍ୟ ୩୫.୨ ଓଭରରେ ୨୨୩ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୬.୪ ଓଭରରେ ୬ ୱିକେଟରେ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ ଡାରିଲ ମିଚେଲ ସର୍ବାଧିକ ଅପରାଜିତ ୭୮ ଓ ମାଇକେଲ ବ୍ରେସ୍‌ୱେଲ ୫୧ ରନ୍ କରିଥିଲେ ମଧ୍ୟ ବ୍ରୁକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଅଭିଷେକ ନାୟାର କେକେଆର ହେଡ୍ କୋଚ୍

କୋଲକାତା,୨୬।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ସହକାରୀ କୋଚ୍ ଅଭିଷେକ ନାୟାର ଚଳିତ ସିଜନରେ ଆଇପିଏଲ୍ ଟିମ୍ କେକେଆର୍ (କୋଲକାତା ନାଇଟ୍ ରାଇଡର୍ସ)ର ନୂଆ ହେଡ୍ କୋଚ୍ ହେବେ।



ଏ ସମ୍ପର୍କରେ ଦଳ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ମଧ୍ୟ ସେ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ଥାନରେ ଏହି ଦାୟିତ୍ୱ ଗ୍ରହଣ କରିବେ ବୋଲି କେକେଆର୍ ଟିମ୍ ମ୍ୟାନେଜମେଣ୍ଟ ସୂତ୍ରରୁ ସ୍ପଷ୍ଟ ହୋଇଛି। ୩ଥର ଆଇପିଏଲ୍ ଟାଇଟଲ ଜିତିଥିବା କେକେଆର ଗତ ଆଇପିଏଲ୍ ସିଜନରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ଅଷ୍ଟମ ସ୍ଥାନରେ ରହିଥିଲା।

## ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ

କଟକ,୨୬।୧୦(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ରବିବାର ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜ ଲୋଚନ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆର୍ଥିକ ରିପୋର୍ଟ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଡିସେମ୍ବର ୯ରେ ବାରବାଟୀରେ ହେବାକୁ ଥିବା ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ବାବଦରେ ଆଲୋଚନା ହୋଇଥିଲା। ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

**ରଣଜୀ ଟ୍ରଫି**

# ଓଡ଼ିଶା ବିପକ୍ଷରେ ୟୁପି ପ୍ରଥମ ଇନିଂସ ଅଗ୍ରଣୀ

କଟକ,୨୬।୧୦(ସମିସ)

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ଇନିଂସ୍ ଅଗ୍ରଣୀ ହାସଲ କରି ଘରୋଇ ଉତ୍ତରପ୍ରଦେଶ ଦଳ ଦୃଢ଼ ସ୍ଥିତିରେ ରହିଛି। ଓଡିଶାର ବୋଲିଂ ଆଟାକ୍ ପୁର୍ନବାର ବିଫଳ ସାବ୍ୟସ୍ତ ହୋଇଛି। ଓଡ଼ିଶାର ପ୍ରଥମ ପାଳି ୨୪୩ରନ ଜବାବରେ ଉତ୍ତରପ୍ରଦେଶ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୩ ୱିକେଟ ବିନିମୟରେ ୨୬୨ରନ ସଂଗ୍ରହ କରିଛି। ହାତରେ ୭ ୱିକେଟ ବଳକା ଥିବା ବେଳେ ଖେଳର ଅବଶିଷ୍ଟ ଦୁଇ ଦିନରେ ଓଡ଼ିଶା ଠାରୁ ବିଜୟ ପଏଣ୍ଟ ହାତେଇପାରେ ଘରୋଇ ଦଳ। ଅନ୍ୟପକ୍ଷରେ ମ୍ୟାଚ୍‌ରୁ ୧ ପଏଣ୍ଟ ପାଇବା ଆଶାରେ ଓଡ଼ିଶା ମ୍ୟାଚ୍‌କୁ ଡ୍ର ରଖିବାକୁ ଲକ୍ଷ୍ୟ ରଖିବ। ପୂର୍ବଦିନର ସ୍କୋର ୧୭/୦ରୁ ଉତ୍ତରପ୍ରଦେଶ ଆଜି ଖେଳ ଆରମ୍ଭ ପରେ ୪୫ ରନରେ



ପ୍ରଥମ ୱିକେଟ ହରାଇଥିଲା। ଅଭିଷେକ ଗୋସ୍ୱାମୀ ୨୪ ରନରେ କ୍ଲିନ ବୋଲ୍ଡ ହୋଇଥିଲେ। ପଦାର୍ପଣ ମ୍ୟାଚ୍ ଖେଳୁଥିବା ସମ୍ବିତ ବରାଳ ଓଡ଼ିଶା ପାଇଁ ପ୍ରଥମ ସଫଳତା ଦେଇଥିଲେ। ପରେ କ୍ରିଜକୁ ଆସିଥିବା ୱିକେଟକିପର ଆର୍ଯ୍ୟନ ଜୁୟଲ ଖାତା ଖୋଲିବା ପୂର୍ବରୁ ସମ୍ବିତଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ଓପନର ମାଧବ କୌଶିକ ଏବଂ ଅଧିନାୟକ କରନ ଶର୍ମା ୭୫ ରନର ଭାଗୀଦାରି ସୃଷ୍ଟି କରିଥିଲେ। ୧୨୨ବଲରୁ ୬୭ରନ କରିଥିବା ବେଳେ ମାଧବ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହି ୱିକେଟ ମଧ୍ୟ ନବାଗତ ସମ୍ବିତଙ୍କୁ ମିଳିଥିଲା। ଅଧିନାୟକ କରନ ୮୩ ଏବଂ ଆରାଧ୍ୟା ଯାଦବ ୮୦ ରନରେ ଅପରାଜିତ ଅଛନ୍ତି। ସମ୍ବିତଙ୍କୁ ୩ଟି ୱିକେଟ ମିଳିଥିବା ବେଳେ ରାଜେଶ ମହାନ୍ତି, ସୁନୀଲ ରାଉଳ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ସୁମିତ ଶର୍ମା କୌଣସି ସଫଳତା ନପାଇ ଦଳକୁ ନିରାଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS